

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର ୨୪ ମାର୍ଚ୍ଚ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 24 MARCH 2023
Vol.No. 34 ■ No. 78 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ବିବାଦୀୟ ମନ୍ତବ୍ୟ ମହଙ୍ଗା ପଡ଼ିଲା, ରାହୁଲ ଗାନ୍ଧିଙ୍କୁ ୨ ବର୍ଷ ଜେଲ୍ ଦଣ୍ଡାଦେଶ



ନୂଆଦିଲ୍ଲୀ, ୨୩/୦୩ : କଂଗ୍ରେସ ନେତା ରାହୁଲ ଗାନ୍ଧିଙ୍କୁ ଝଟକା। ୨୦୧୯ ସାଧାରଣ ନିର୍ବାଚନ ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିରୋଧରେ ଆପତ୍ତିଜନକ ମନ୍ତବ୍ୟ ଦେଇଥିବା କଂଗ୍ରେସ ନେତା ରାହୁଲ ଗାନ୍ଧି ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଏଥି ସହିତ ରାହୁଲଙ୍କୁ ୨ ବର୍ଷର ଜେଲ ଦଣ୍ଡାଦେଶ ହୋଇଛି । ତେବେ ରାହୁଲ କୋର୍ଟରେ କହିଛନ୍ତି, ମୋ ବିବୃତ୍ତିରେ କାହାରି କିଛି କ୍ଷତି ହୋଇ ନାହିଁ। ଦଣ୍ଡ ହ୍ରାସ କରିବାକୁ ସେ କୋର୍ଟରେ ଆବେଦନ କରିଛନ୍ତି। ଆଇପିସିର ଧାରା ୪୯୯, ୫୦୦ ଅନୁଯାୟୀ ରାହୁଲ ଗାନ୍ଧିଙ୍କ ବିରୋଧରେ ଏକ ଅପରାଧ ପଞ୍ଜିକୃତ ହୋଇଛି। ଏହି ମାମଲାରେ ସେ ତୃତୀୟ ଥର ପାଇଁ କୋର୍ଟରେ ହାଜର ହୋଇଥିଲେ। ମୁଖ୍ୟ ଜୁଡିସିଆଲ ମାଜିଷ୍ଟ୍ରେଟ ଏଚ ଏଚ ବର୍ମାଙ୍କ କୋର୍ଟ ଗତ ସପ୍ତାହରେ ଉଭୟ ପକ୍ଷର ଯୁକ୍ତି ଶୁଣାଣି କରି ମାର୍ଚ୍ଚ ୨୩ କୁ ରାୟ ଘୋଷଣା ତାରିଖ ଭାବରେ ସ୍ଥିର କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସରନେମ ବା ଉପନାମକୁ ନେଇ ରାହୁଲ ଗାନ୍ଧି ବିବାଦୀୟ ମନ୍ତବ୍ୟ ଦେଇଥିଲେ। ଏହାକୁ ନେଇ ବିଜେପି ନେତା କୋର୍ଟରେ ଦ୍ୱାରସ୍ଥ ହୋଇଥିବା ବେଳେ ସୁରତ ଜିଲ୍ଲା କୋର୍ଟ ତାଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ସେ ସମୟରେ ବିଜେପି ବିଧାୟକ ତଥା ତତ୍କାଳୀନ ଗୁଜରାଟର ମନ୍ତ୍ରୀ ପୁର୍ଣ୍ଣେସ ମୋଦି ଏକ ମାମଲା ରୁଜୁ କରିଥିଲେ । ଏହାକୁ ନେଇ ଅପରାଧିକ ମାନହାନି ମାମଲା ରୁଜୁ ହୋଇଥିଲା ମାମଲାର ଶୁଣାଣି କରି ସୁରତ ଜିଲ୍ଲା ନ୍ୟାୟାଳୟ ରାହୁଲ ଗାନ୍ଧି ଦୋଷୀ ବୋଲି ରାୟ ଦେଇଛନ୍ତି । ସବୁ 'ମୋଦି' ଚୋର ବୋଲି ମନ୍ତବ୍ୟ ଦେଇଥିଲେ ରାହୁଲ ଗାନ୍ଧି । ସମସ୍ତଙ୍କ ସରନେମ ଥିବା ମୋଦି ଚୋର ବୋଲି କହିଥିଲେ ରାହୁଲ ଗାନ୍ଧି। ୨୦୧୯ ଲୋକସଭା ନିର୍ବାଚନ ବେଳେ କର୍ଣ୍ଣାଟକର କୋଲାରରେ ଏକ ରାଲିରେ ପ୍ରଚାର ବେଳେ ରାହୁଲ ଗାନ୍ଧି ଏଭଳି ବିବାଦୀୟ ବୟାନ ଦେଇଥିଲେ। ଯାହା ସମଗ୍ର ମୋଦି ସମ୍ପ୍ରଦାୟଙ୍କ ପ୍ରତି ଅପମାନଜନକ ଥିଲା ବୋଲି ଅଭିଯୋଗରେ ଦର୍ଶାଯାଇଥିଲା।

## ତରଳୁଛି ଗ୍ଲାସିୟର ବରଫ, ଶୁଖିଯିବ ଗଙ୍ଗା ଓ ବ୍ରହ୍ମପୁତ୍ର ନଦୀ : ଜାତିସଂଘର ମହାସଚିବ ଆଣ୍ଟୋନିଓ ଗୁଟେରେସ



ନୂଆଦିଲ୍ଲୀ, ୨୩/୦୩ : ସାରା ବିଶ୍ୱରେ ଗ୍ଲୋବାଲ ୱାର୍ମିଂ ଓ ଜଳବାୟୁ ପରିବର୍ତନ ଏକ ବଡ଼ ଆହ୍ୱାନ ଭାବେ ଛିଡ଼ା ହୋଇଛି । ଗତ କିଛି ବର୍ଷ ମଧ୍ୟରେ ଅନେକ ଦେଶରେ ଅତ୍ୟଧିକ ଗରମ ଓ ଅଦିନିଆ ବର୍ଷା ଏବଂ ବନ୍ୟା ପରିସ୍ଥିତି ସୃଷ୍ଟ ହୋଇଛି । ଭାରତରେ ମଧ ଗତ କିଛି ବର୍ଷରେ ଅନେକ ରାଜ୍ୟରେ ଅଦିନିଆ ବର୍ଷା ଓ ଅତ୍ୟଧିକ ତାପମାତ୍ରା ବୃଦ୍ଧି ଘଟିଛି । ଏହାରି ଭିତରେ ମିଳିତ ଜାତିସଂଘର ମହାସଚିବ ଆଂଟୋନିଓ ଗୁଟେରେସ୍ ଭାରତର ନଦୀ ଗୁଡ଼ିକ ପାଇଁ ଏକ ବଡ଼ ଚେତାବନୀ ଦେଇଛନ୍ତି । ଆଗାମୀ କିଛି ଦଶନ୍ଧି ମଧ୍ୟରେ ସିନ୍ଧୁ, ଗଙ୍ଗା ଓ ବ୍ରହ୍ମପୁତ୍ର ଭଳି ପ୍ରମୁଖ ହିମାଳୟ ନଦୀ ଜଳ ଓ ପ୍ରବାହ ସ୍ତର ହ୍ରାସ ପାଇବାର ସମ୍ଭାବନା ରହିଛି ବୋଲି ଗୁଟେରେସ୍ ଚେତାବନୀ ଦେଇଛନ୍ତି । ଯେଉଁଭଳି ଭାବେ ଗ୍ଲାସିୟର ବା ହିମଖଣ୍ଡ ଏବଂ ବରଫ ସ୍ତର ତରଳିବାରେ ଲାଗିଛି, ତାହା ଚିନ୍ତାଜନକ । ହିମାଳୟର ସଂରକ୍ଷଣ ଉପରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ଗୁଟେରେସ୍ କହିଛନ୍ତି ଯେ ପୃଥିବୀ ପୃଷ୍ଠରେ ଜୀବନ ପାଇଁ ଗ୍ଲାସିୟର ବେଶ୍ ମହତ୍ୱପୂର୍ଣ୍ଣ । ଗ୍ଲାସିୟରକୁ ଜଳର ସବୁଠାରୁ ବଡ଼ ଉତ୍ସ କୁହାଯାଏ । ବିଶ୍ୱର ୧୦ ପ୍ରତିଶତ ଅଂଚଳରେ ହିମ ପ୍ରବାହ ରହିଛି । ଭାରତ ସମେତ କିଛି ଦେଶରେ ଗ୍ଲାସିୟର ବରଫ ତରଳିବାରେ ଲାଗିଛି । ଏହା ଜଳସେଚନ ସହ ପିଇବା ମଧ ବ୍ୟବହାର କରାଯାଇଥାଏ । ଭାରତରେ ଗଙ୍ଗା ଭଳି ନଦୀକୁ ପାନୀୟ ଜଳ ସହିତ ଜଳସେଚନ ପାଇଁ ମଧ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଏ । ଗୁଟେରେସ ଆହୁରି କହିଛନ୍ତି, ମାନବୀୟ କାର୍ଯ୍ୟକଳାପ ଯୋଗୁଁ ଗ୍ଲୋବାଲ ୱାର୍ମିଂ ବିପଦପୂର୍ଣ୍ଣ ସ୍ତରକୁ ଗତି କରୁଛି । ଏପରି ସ୍ଥିତିରେ ଯଦି ଗ୍ଲାସିୟର ବରଫ ସ୍ତର ତରଳେ, ତାହେଲେ ଆଗକୁ ବିପଦ ମାଡ଼ି ଆସିବ ବୋଲି ଗୁଟେରେସଙ୍କ ଚେତାବନୀରୁ ସ୍ପଷ୍ଟ ହେଉଛି ।

## ନବୀନ ନିବାସରେ ନବୀନ - ମମତା ଭେଟ



ଭୁବନେଶ୍ୱର, ୨୩/୦୩ (ନି.ପ୍ର): ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଗୁରୁବାର ଅପରାହ୍ନରେ ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ନବୀନ ନିବାସଠାରେ ସାକ୍ଷାତ କରିଛନ୍ତି । ଉଭୟଙ୍କ ମଧ୍ୟରେ ବିଭିନ୍ନ ପ୍ରସଙ୍ଗକୁ ନେଇ ଆଲୋଚନା ହୋଇଥିବା ଜଣାପଡିଛି। ଆଲୋଚନା ପରେ ଗଣମାଧ୍ୟମକୁ ନବୀନ ପଟ୍ଟନାୟକ କହିଛନ୍ତି ଏହା ଏକ ସୌଜନ୍ୟମୂଳକ ସାକ୍ଷାତ ଥିଲା। କୌଣସି ପ୍ରକାର ଗୁରୁତ୍ୱପୂର୍ଣ୍ଣ ରାଜନୈତିକ ଆଲୋଚନା ହୋଇନାହିଁ। ତେବେ ଭାରତରେ ସଂଘୀୟ ବ୍ୟବସ୍ଥା ସ୍ଥାୟୀ ଓ ସୁଦୃଢ ହେବା ଦରକାର। ମମତା ବାନାର୍ଜୀ ପୁରୀରେ କିଛି ଦିନ ଅନିବାହିତ କରିଥିବାରୁ ସେ ଖୁସି ପ୍ରକଟ କରିଥିଲେ। ଆମର ସଂସ୍କୃତି ଅନନ୍ୟ। ଆମେ ପଡୋଶୀ ରାଜ୍ୟ। ଆମ ଭିତରେ ବହୁତ ପୁରୁଣା ବନ୍ଧୁତ୍ୱ, ସୁନ୍ଦର ସଂପର୍କ। ସେହିପରି ମମତା ବାନାର୍ଜୀ ଗଣମାଧ୍ୟମକୁ କହିଥିଲେ ଯେ ଗଣତାନ୍ତ୍ରିକ ଅଧିକାରର ▶▶ପୃଷ୍ଠା ୭

## ବିଦ୍ୟୁତ୍ ଦର ଅପରିବର୍ତ୍ତିତ

ଭୁବନେଶ୍ୱର, ୨୩/୦୩ (ନି.ପ୍ର): ଓଡ଼ିଶାର ବିଦ୍ୟୁତ ଉପଭୋକ୍ତାଙ୍କୁ ମିଳିଛି ବଡ ଆଶ୍ୱସ୍ତି । ଏବର୍ଷ ବଢିବ ନାହିଁ ବିଦ୍ୟୁତ ଦର। ଓଡିଶା ବିଦ୍ୟୁତ ନିୟାମକ ଆୟୋଗ ବା ଓଇଆରସି ପକ୍ଷରୁ ଏହି ସୂଚନା ଦିଆଯାଇଛି । ଘରୋଇ ଉପଭୋକ୍ତାଙ୍କ ପାଇଁ ବିଦ୍ୟୁତ ଦର ଅପରିବର୍ତ୍ତିତ ରହିଛି। ପୂର୍ବଭଳି ପ୍ରଥମ ୫୦ ୟୁନିଟ ପାଇଁ ୟୁନିଟ ପିଛା ଦର ୩ ଟଙ୍କା। ରହିଥିବାବେଳେ ୫୦ରୁ ୨୦୦ ୟୁନିଟ ପାଇଁ ୟୁନିଟ ପିଛା ଦର ୪ ଟଙ୍କା, ୨୦୦ରୁ ୪୦୦ ୟୁନିଟ ପାଇଁ ୟୁନିଟ ପିଛା ଦର ୫ଟଙ୍କା ୮୦ ପଇସା, ୪୦୦ ୟୁନିଟରୁ ଅଧିକ ପାଇଁ ୟୁନିଟ ପିଛା ଦର ୬ଟଙ୍କା ୨୦ ପଇସା ସ୍ଥିର କରାଯାଇଛି । ସେହିପରି ଡିଜିଟାଲ ପେମେଂଟ କଲେ ଘରୋଇ ଉପଭୋକ୍ତାଙ୍କୁ ୩ ପ୍ରତିଶତ ବଦଳରେ ୪ ପ୍ରତିଶତ ରିହାତି ମିଳିବ । ଗ୍ରାମାଂଚଳ ଉପଭୋକ୍ତାଙ୍କ ପାଇଁ ୟୁନିଟ ପିଛା ୧୦ ପଇସା ରିହାତି ମିଳି । ସେହିଭଳି ରେଳ ମନ୍ତ୍ରାଳୟକୁ ରେଳ କ୍ଷେତ୍ରର ବିକାଶ ପାଇଁ ୟୁନିଟ ପିଛା ୨୫ ପଇସା ରିହାତି ଦିଆଯିବ।

## ଆସୁଛି ଆଉ ଏକ ପଶ୍ଚିମାଝଡ଼ : ୨୬ ରୁ ବର୍ଷା ସମ୍ଭାବନା



ଭୁବନେଶ୍ୱର, ୨୩/୦୩ (ନି.ପ୍ର): ଗୋଟିଏ ପଶ୍ଚିମାଝଡ ପ୍ରଭାବରେ ରାଜ୍ୟର ବିଭିନ୍ନ ଅଂଚଳରେ ବହୁ କ୍ଷତି ଘଟାଇବା ପରେ, ପାଣିପାଗ ବିଭାଗର ଆକଳନ ଚିନ୍ତା ବଢ଼ାଇ ଦେଇଛି । ଆକଳନ ଅନୁସାରେ ଆସୁଛି ଆଉ ଏକ ପଶ୍ଚିମାଝଡ । ଆସନ୍ତା ୨୬ରୁ ରାଜ୍ୟରେ ପଶ୍ଚିମା ଝଡ-ପ୍ରଭାବରେ ବିଜୁଳି ଘଡଘଡି ସହ ବର୍ଷା ଏବଂ ଝଡ-ପବନ ହେବାର ସମ୍ଭାବନା ରହିଛି । ଏପରକି ଘଂଟା ପ୍ରତି ୩୦ରୁ ୪୦ କିଲୋମିଟର ବେଗରେ ପବନ ବହିବା ସମ୍ଭାବନା ରହିଛି । ପଶ୍ଚିମାଝଡ ପ୍ରଭାବରେ ୨୭ରୁ ରାଜ୍ୟର ବର୍ଷାର ବିସ୍ତୃତି ବଢ଼ିବ । ପଶ୍ଚିମାଝଡ଼ ପ୍ରଭାବରେ ୧୧ ଉପକୂଳ ଜିଲ୍ଲା ସମେତ ପ୍ରଭାବିତ ହେବ ପାର୍ଶ୍ୱବର୍ତ୍ତୀ ଜିଲ୍ଲା । ସେହିପରି ୨୮ତାରିଖରେ ଉପକୂଳ ଓଡ଼ିଶା ସମେତ ଆଭ୍ୟନ୍ତରୀଣ ଓଡ଼ିଶା ଓ ଉତ୍ତର ଓଡ଼ିଶାର କିଛି ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି । ବର୍ଷା ହେବାର ସମ୍ଭାବନା ଥିବା ଅଂଚଳ ପାଇଁ ଏଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ । ତେବେ ୨୪ ତାରିଖ, ୨୫ତାରିଖ ଦୁଇ ଦିନ ଅପେକ୍ଷାକୃତ ଭାବେ କମ୍ ବର୍ଷା ହେବ । ପଶ୍ଚିମାଝଡ ଏବେ ଅନ୍ୟ ରାଜ୍ୟ ଦେଇ ଗତି କରୁଥିବାରୁ ଦୁଇ ଦିନ ପରେ ଏହାର ପ୍ରଭାବ ଓଡିଶାରେ ଅନୁଭୂତ ହେବ ।

## ଡିଜେ ଆଜେକ୍ସଙ୍କ ମାଙ୍କ ଅଭିଯୋଗ ଉପରେ ତଦନ୍ତ ଚାଲିଛି : ଡିସିପି

ଭୁବନେଶ୍ୱର, ୨୩/୦୩ (ନି.ପ୍ର): ବହୁଚର୍ଚ୍ଚିତ ଡିଜେ ଆଜେକ୍ସ ଓରଫ ଅକ୍ଷୟ ମହାରଣାଙ୍କ ଆତ୍ମହତ୍ୟା ଘଟଣାରେ ସାଇବର ଟିମ୍ ଖାରବେଳ ନଗର ଥାନାରେ ପହଂଚି ଡିଜିଟାଲ ଏଭିଡେନ୍ସ ଯାଂଚ କରିଛି। ଏହି ଘଟଣାରେ ଡିସିପି ପ୍ରତୀକ ସିଂ କହିଛନ୍ତି, ଡିଜେ ଆଜେକ୍ସଙ୍କ ମାଙ୍କ ଅଭିଯୋଗ ଉପରେ ତଦନ୍ତ ଚାଲିଛି। ମା କରିଥିବା ଅଭିଯୋଗକୁ ଆମେ ଗୁରୁତ୍ୱ ସହ ନେଇଛୁ। ଯେତେ ଲୋକ ଏହି ଘଟଣାରେ ସଂଶ୍ଳିଷ୍ଟ ଅଛନ୍ତି, ସମସ୍ତଙ୍କୁ ନେଇ ତଦନ୍ତ କରୁଛୁ। ସମସ୍ତଙ୍କୁ ପ୍ରଶ୍ନ କରାଯାଉଛି। ଟେକ୍ନିକାଲ ଟିମ ତଦନ୍ତ ପ୍ରକ୍ରିୟାରେ ସାମିଲ ହୋଇଛନ୍ତି। ସେମାନେ ନିଷ୍ଠାର ସହ ତଦନ୍ତ କରୁଛନ୍ତି। ଇ ମେଲ,ଭଏସ୍ ରେକର୍ଡ଼ିଂଗ ଏବଂ ଅନ୍ୟାନ୍ୟ ଡିଜିଟାଲ ପ୍ରମାଣ ଥିବାରୁ ଟେକ୍ନିକାଲ ଟିମ ଏଦିଗରେ ସବୁ ପ୍ରକାର ତଦନ୍ତ କରୁଛନ୍ତି। ସୂଚନାଯୋଗ୍ୟ, ଗତ ଶନିବାର ଦିନ ଖାରବେଳ ନଗର ଘରୁ ଝୁଲନ୍ତା ଅବସ୍ଥାରେ ଡିଜେ ଆଜେକ୍ସ ଓରଫ ଅକ୍ଷୟ ମହାରଣାଙ୍କର ମୃତଦେହ ଉଦ୍ଧାର ହୋଇଥିଲା। ପ୍ରେମିକାଙ୍କ ସହ ମନୋମାଳିନ୍ୟରୁ ସେ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି।

## ଦକ୍ଷିଣ ଚୀନ ସାଗରରେ ଉତ୍ତେଜନା : ଆମେରିକା ଯୁଦ୍ଧପୋତକୁ ଘଉଡାଇଲା ଚାଇନା



ନୂଆଦିଲ୍ଲୀ, ୨୩/୦୩ : ଦୁନିଆର ଦୁଇ ଶକ୍ତିଶାଳୀ ରାଷ୍ଟ୍ର ଆମେରିକା ଓ ଚୀନ ମଧ୍ୟରେ ନୂଆ ବିବାଦ ଦେଖାଦେଇଛି । ଆମେରିକା ବିନା ଅନୁମତିରେ ଦକ୍ଷିଣ ଚୀନ ସାଗର ନିଜର ଯୁଦ୍ଧପୋତ ଅନୁପ୍ରବେଶ କରିଥିବା ଚୀନ ଅଭିଯୋଗ କରିଛି । ଏହି ଶକ୍ତିଶାଳୀ ମିସାଇଲ ଭର୍ତି ଯୁଦ୍ଧପୋତ ଦକ୍ଷିଣ ଚୀନ ସାଗରର ପେରାସେଲ ଦ୍ୱୀପ ନିକଟରେ ପହଁଚିଥିବା ଡ୍ରାଗନ ଅଭିଯୋଗ କରିବା ସହ ଏହାକୁ ଏଡାଇ ଦେଇଥିବା କହିଛି । ମିସାଇଲ ଗାଇଡେଡ ଯୁଦ୍ଧପୋତକୁ କିଭଳି ଆମେରିକା ବିନା ଅନୁମତିରେ ଅନୁପ୍ରବେଶ କରାଇଲା ବୋଲି ପ୍ରଶ୍ନ କରିଛି ଚୀନ । ଏଭଳି ଘଟଣା ଜଳସୀମାର ନିୟମର ଉଲଙ୍ଘନ, ଶାନ୍ତି, ସ୍ଥିରତା ବିରୋଧୀ ବୋଲି ଡ୍ରାଗନ କହିଛି । ସ୍ଥିତିକୁ ଦୃଷ୍ଟିରେ ରଖି ଦକ୍ଷିଣ ଚୀନ ସାଗରେ ହାଇଆର୍ଲଟ ଜାରି କରାଯାଇଛି । ଆବଶ୍ୟକ ପଡିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । । ଦକ୍ଷିଣ ଚୀନ ସାଗର ଉପରେ ଚୀନ ନିଜର ଦବଦବା ଜାହିର କରୁଛି କିନ୍ତୁ ଅନ୍ୟ ଛୋଟ ଦେଶ ତାଇୱାନ, ଫିଲିଫିନ୍ସ, ଭିଏତନାମା, ଓ ଜାପାନ ମଧ ନିଜର ଅଧିକାର ସାବ୍ୟସ୍ତ କରୁଛନ୍ତି ।

## ମନମୋହନ ସାମଲ ରାଜ୍ୟ ବିଜେପିର ନୂଆ ସଭାପତି



ଭୁବନେଶ୍ୱର, ୨୩/୦୩ (ନି.ପ୍ର): ମନମୋହନ ସାମଲ ହେଲେ ରାଜ୍ୟ ବିଜେପିର ନୂଆ ସଭାପତି। ବିଜେପିର ରାଷ୍ଟ୍ରୀୟ ସଭାପତି ଜେ.ପି ନଡ୍ଡା ମନମୋହନଙ୍କୁ ରାଜ୍ୟ ସଭାପତି ଭାବେ ଗୁରୁଦାୟିତ୍ୱ ଦେଇଛନ୍ତି । ସମୀର ମହାନ୍ତିଙ୍କ ସ୍ଥାନରେ ମନମୋହନଙ୍କୁ ଏହି ନୂଆ ଦାୟିତ୍ୱ ମିଳିଛି। ଆଗକୁ ୨୦୨୪ ନିର୍ବାଚନ ଥିବା ବେଳେ ମନମୋହନଙ୍କ ନେତୃତ୍ୱରେ ଦଳ ମଇଦାନକୁ ଓହ୍ଲାଇବ ବୋଲି ସ୍ପଷ୍ଟ ହୋଇଛି । ରାଜ୍ୟ ବିଜେପି ସଭାପତି ହେବା ପରେ ଗଣମାଧମକୁ ପ୍ରତିକ୍ରିୟା ଦେଇ ମନମୋହନ ସାମଲ କହିଛନ୍ତି, 'ରାଜ୍ୟରେ ଚାଲିଥିବା ସରକାର ଅନ୍ୟାୟ, ଅତ୍ୟାଚାରରେ ବୁଡ଼ିକି ରହିଛି। ଅନ୍ୟାୟ, ଅତ୍ୟାଚାର, ଦୁର୍ନୀତି ବିରୋଧରେ ବିଜେପି ଲଢ଼ିବ। ଓଡ଼ିଶାରେ ଦୁର୍ନୀତିଗ୍ରସ୍ତ ଶାସନ ଚାଲିଛି, ତାକୁ ୨୪ରେ ପରିବର୍ତ୍ତନ ▶▶ପୃଷ୍ଠା ୭

## ୧୩ଶହ ଟପିଲା ଦୈନିକ ସଂକ୍ରମଣ, ୪ମାସରେ ସର୍ବାଧିକ ସଂକ୍ରମିତ ଚିହ୍ନଟ



ନୂଆଦିଲ୍ଲୀ, ୨୩/୦୩ : ଦେଶରେ ହୁ ହୁ ହୋଇ ବୃଦ୍ଧି ପାଉଛି କରୋନା ସଂକ୍ରମଣ । ଗତ ୨୪ ଘଣ୍ଟାରେ ଦେଶରୁ ୧୩ଶହରୁ ଅଧିକ ସଂକ୍ରମିତ ଚିହ୍ନଟ ହୋଇଥିବା କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରାଳୟ ପକ୍ଷରୁ ସୂଚନା ଦିଆଯାଇଛି । ୧୪୦ଦିନ ପରେ ଦେଶରେ ଦୈନିକ ସଂକ୍ରମଣ ୧୩ଶହ ଟପିବା ଚିନ୍ତାର କାରଣ ପାଲଟି । ଏଥିସହ କର୍ଣ୍ଣାଟକ, ଗୁଜରାଟ, ମହାରାଷ୍ଟ୍ରରୁ ଜଣେ ଲେଖାଏଁ ସଂକ୍ରମିତଙ୍କ ମୃତ୍ୟୁ ହୋଇଛି । ସେପଟେ କେରଳର ସ୍ଥିତି ବେହାଲ ହେବାରେ ଲାଗିଛି । ମୋଟ ସଂକ୍ରମିତଙ୍କ ମଧ୍ୟରୁ କେବଳ କେରଳରୁ ୧୭୨ଜଣ ରହିଛନ୍ତି । ୧୪ଟି ଜିଲ୍ଲାକୁ ହାଇଆଲର୍ଟ ରଖାଯାଇଛି । ସମସ୍ତ ସରକାରୀ ଓ ମେଡିକାଲ ହସପିଟାଲକୁ ଆବଶ୍ୟକୀୟ ଚିକିତ୍ସା ସାମଗ୍ରୀ ମହଜୁଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି । ସ୍ୱାସ୍ଥ୍ୟବିଶେଷଜ୍ଞଙ୍କ ମତରେ କୋଭିଡ ଅନୁରୂପ ବ୍ୟବହାର ଜରୁରୀ, ସନ୍ଦେହ ପ୍ରକାଶ ହେଲେ ଟେଷ୍ଟ କରନ୍ତୁ, ଗହଳି ସ୍ଥାନରୁ ଦୂରେଇ ରହିବା ଜରୁରୀ, ଆବଶ୍ୟକ ପଡିଲେ ଟେଷ୍ଟ କରିବା, ଡାକ୍ତରଙ୍କ ପରାମର୍ଶ ଲୋଡିବା ଜରୁରୀ । ବର୍ତମାନ ଲକଡାଉନ କିମ୍ବା କୌଣସି କଟକଣାରୁ ଆବଶ୍ୟକତା ନାହିଁ । ସଜାଗ ଏବଂ ସତର୍କ ରହିବା ନିହାତି ଜରୁରୀ ଅଟେ । ଦେଶରେ କରୋନା ସଂକ୍ରମଣ ବଢୁଥିବା ବେଳେ ବୁଧବାର ▶▶ପୃଷ୍ଠା ୭

## ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ର ପରିବେଶ ଓ ଜଙ୍ଗଲ ମନ୍ତ୍ରୀଙ୍କୁ ପତ୍ର ଲେଖିଲେ କେନ୍ଦ୍ରମନ୍ତ୍ରୀ



ନୂଆଦିଲ୍ଲୀ/ଭୁବନେଶ୍ୱର, ୨୩/୦୩ (ନି.ପ୍ର): ଓଡ଼ିଶାରେ ହାତୀ ଓ ବନ୍ୟାପ୍ରାଣୀଙ୍କ ମୃତ୍ୟୁକୁ ନେଇ ଚିନ୍ତାପ୍ରକଟ କରିବା ସହ ସେମାନଙ୍କର ସୁରକ୍ଷା ଓ ସଂରକ୍ଷଣ ପାଇଁ ସମୟୋଚିତ ହସ୍ତକ୍ଷେପ କରିବା ତଥା ପଦକ୍ଷେପ ନେବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ କେନ୍ଦ୍ର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତନ ମନ୍ତ୍ରୀ ଭୂପେନ୍ଦର ଯାଦବଙ୍କୁ ପୃଥକ ପୃଥକ ପତ୍ର ଲେଖି ଅନୁରୋଧ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଶ୍ରୀ ପ୍ରଧାନ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ ଓଡ଼ିଶାରେ ଦିନକୁ ଦିନ ବଢ଼ି ଚାଲିଥିବା ହାତୀ ମୃତ୍ୟୁ ତଥା ହାତୀ-ମଣିଷ ସଂଘର୍ଷ ଆଜି ଆମ ପାଇଁ ସବୁଠାରୁ ବଡ଼ ଆହ୍ୱାନ ପାଲଟିଛି। ଗତ ଏକ ଦଶନ୍ଧି ମଧ୍ୟରେ ଓଡ଼ିଶାରେ ୭୮୪ଟି ହାତୀ ପ୍ରାଣ ହରାଇବା ଦୁର୍ଭାଗ୍ୟର ବିଷୟ । ଏ ମଧ୍ୟରୁ କେବଳ ଗତ ତିନି ବର୍ଷ ଭିତରେ ୨୪୫ଟି ହାତୀଙ୍କର ମୃତ୍ୟୁ ଘଟିଛି। ପ୍ରତିବର୍ଷ ହାରାହାରି ୮୦ଟି ହାତୀ ମୃତ୍ୟୁବରଣ କରୁଛନ୍ତି। ଚଳିତ ବର୍ଷ କେବଳ ମାର୍ଚ୍ଚ ମାସରେ ସାତଟି ହାତୀ ମୃତ୍ୟୁ ମୁଖରେ ପଡ଼ିଛନ୍ତି, ଯାହା ଗତ ତିନି ବର୍ଷ ମଧ୍ୟରେ ସର୍ବାଧିକ। ଅଧିକାଂଶ ହାତୀ ବିଦ୍ୟୁତ୍ ଆଘାତ, ରୋଗ ଅଥବା ଟ୍ରେନ୍, ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଶିକାର ହେବା ପରିତାପର ବିଷୟ । ହାତୀ ଓ ହଜାର ହଜାର ବନ୍ୟପ୍ରାଣୀଙ୍କର ମଧ ଏହିଭଳି ଅଭାବନୀୟ ମୃତ୍ୟୁ ଘଟୁଅଛି । ୨୦୧୭ -୧୮ରୁ ୨୦୨୧-୨୨ ଗତ ୫ ବର୍ଷ ମଧ୍ୟରେ ଓଡ଼ିଶାରେ ୪୧୬ଟି ହାତୀଙ୍କୁ ▶▶ପୃଷ୍ଠା ୭

# ଚମ୍ପୁଆ ବ୍ଲକରେ ଅଧିକାରୀ ମରୁଡି : ଉନ୍ନୟନ କାର୍ଯ୍ୟ ଠପ

ଚମ୍ପୁଆ, ୨୩/୦୩ (ନି.ପ୍ର): ଉପାନ୍ତ ଚମ୍ପୁଆ ବ୍ଲକରେ ଅଧିକାରୀ ମରୁଡି ବ୍ଲକର ବିକାଶ ଧାରାକୁ ପଥରୋଧ କରି ରଖିଥିବାରୁ ଆଗେଇ ପାରୁନି ଉନ୍ନୟନ କାମ । ୨୨ ଟି ପଂଚାୟତକୁ ୧୦ ଜଣ ପିଇଓ ଥିବାବେଳେ ଜିପିଓ ପଦବୀ ମଧ୍ୟ ପିଇଓ ଙ୍କ ଦାୟିତ୍ୱରେ ରହି ଥିବାରୁ ବ୍ଲକ ର ପଂଚାୟତ ଗୁଡିକରେ ବିକାଶ କେବଳ କାଗଜ କଲମରେ ଚାଲୁଥିବା ଦେଖିବାକୁ ମିଳୁଛି । ଏଭଳି ଅବ୍ୟବସ୍ଥା ଦେଖିବାକୁ ମିଳୁଥିବା କେନ୍ଦୁଝର ଜିଲ୍ଲା ଚମ୍ପୁଆ ବ୍ଲକରେ ବ୍ଲକର ଗ୍ରାମପଂଚାୟତ ଅଧିକାରୀଙ୍କ ପଦବୀରେ କାର୍ଯ୍ୟଭାର ସମ୍ଭାଳୁଛନ୍ତି ପଂଚାୟତ ନିର୍ବାହୀ ଅଧିକାରୀ । କର୍ମଚାରୀ ମରୁଡି ଜନିତ ସମସ୍ୟା ରହିଥିବାବେଳେ ଦୈନିକ ଭିଡିଓ କନଫରେନ୍ସରେ ସମୟ ଦେଇ ଅଧିକାରୀ ପଂଚାୟତ କାର୍ଯ୍ୟାଳୟକୁ ଅବହେଳା କରୁଥିବା ଅଭିଯୋଗ ହେଉଛି । ଚମ୍ପୁଆ ବ୍ଲକରେ ୨୨ ଟି ପଂଚାୟତ ରହିଥିବାବେଳେ ରହିଛନ୍ତି ମାତ୍ର ୧୦ ଜଣ ପଂଚାୟତ ନିର୍ବାହୀ ଅଧିକାରୀ । ୪ ଜଣ ପିଇଓ ୩ ଟି ଲେଖାଏଁ ପଂଚାୟତ ଦାୟିତ୍ୱ ତୁଲାଉ ଥିବା ବେଳେ ବ୍ଲକ ପଂଚାୟତ ଅଧିକାରୀ ( ଜିପିଓ ) ପଦବୀ ମଧ୍ୟ ଜଣେ ପିଇଓ ଦାୟିତ୍ୱ ତୁଲାଉଥିବାରୁ ଚମ୍ପୁଆ ବ୍ଲକରେ ଉନ୍ନୟନ କାର୍ଯ୍ୟ ଏକ ପ୍ରକାର ଠପ ହୋଇ ଯାଇଛି। ପଂଚାୟତର ପିଇଓ ଦାୟିତ୍ୱରେ ରଞ୍ଜୁ ଗିରି କାଳିକାପ୍ରସାଦ, ଚନ୍ଦ୍ରଶେଖରପୁର ଓ କାଶୀପାଳ ପଂଚାୟତ ଦାୟିତ୍ୱରେ ଥିବାବେଳେ ସଞ୍ଜୟ ମୁଦି ରିମୁଳି, କଦଗଡ଼ିଆ, ପର୍ଶଳା ପଂଚାୟତ ଦାୟିତ୍ୱ ତୁଲାଉ ଥିବା ଦେଖିବାକୁ ମିଳୁଛି। ସେହିପରି ପୂର୍ଣ୍ଣ ଚନ୍ଦ୍ର ମହାନ୍ତ କୁଟାରୀପଶି, ରଙ୍ଗାମାଟିଆ ଓ କରଞ୍ଜିଆ ଦାୟିତ୍ୱ ତୁଲାଉଥିବାବେଳେ ଜ୍ୟୋତିପୁର, ଭୂଇଁପୁର ପଂଚାୟତ ଦାୟିତ୍ୱ ତୁଲାଉଥିବା ପିଇଓ ଅନିଲ କୁମାର ମହାନ୍ତ ବ୍ଲକର ଜିପିଓ ଦାୟିତ୍ୱରେ ଥାଇ ପଂଚାୟତ ଗୁଡିକୁ ସମୟ ଦେଇ ପାରୁନଥିବା ଦେଖିବାକୁ ମିଳୁଛି । ସେହିପରି ରୀନା ପ୍ରଧାନ ସରେଇ ଓ ଜାମୁଦଲକ, ସ୍ୱାଗତିକା ପୃଷ୍ଟି ଷଡ଼ଙ୍ଗୀ ଓ ପଡୁଆ, ପଟେଲ ମହାନ୍ତ ଜାଲି ଓ ଯଜପଶି ,ଜୁଲି ସର୍ଦାର ଭଣ୍ଡା ଓ ବଡନଇ, ହରିହର ଦାସ ସୁନାପୋଷି ଓ ରଜିଆ ଦାୟିତ୍ୱରେ ଥିବାବେଳେ ଜୁରିଆ ସଏ କେବଳ ଉଚ୍ଚବାଲି ପଂଚାୟତ ଦାୟିତ୍ୱରେ ଥିବା ଜଣାପଡିଛି । ଜଣେ ଜଣେ ପିଇଓ ଏକାଧିକ ଦାୟିତ୍ୱରେ ଥିବାରୁ ଚାପରେ ରହି କାମ କରୁଥିବାବେଳେ ଅଧିକାଂଶ ପିଇଓ ଙ୍କ ଡ଼ାଇରୀ ଲେଖା ଯାଉ ନ ଥିବା ଜଣା ପଡିଛି । ସେହିପରି ବ୍ଲକର ଯୋଗାଣ ଅଧିକାରୀ ଯୋଡ଼ା ଓ ଚମ୍ପୁଆ ଦାୟିତ୍ୱରେ ଥାଇ ମାସର ଅଧିକାଂଶ ଦିନ ଚମ୍ପୁଆ କୁ ସମୟ ଦେଇ ପାରୁନଥିବାରୁ ଚମ୍ପୁଆ ବ୍ଲକରେ ବ୍ୟାପକ ଅନିୟମିତତା ଦେଖିବାକୁ ମିଳୁଛି । ପିଇଓ ମାନେ ମାସର ଅର୍ଦ୍ଧାଧିକ ଦିନ ଭିଡିଓ କନଫରେନ୍ସ ସହିତ ମିଟିଙ୍ଗ ନାମରେ ବ୍ଲକ କାର୍ଯ୍ୟାଳୟରେ ଡେରା ପକାଇ ରହୁଥିବାବେଳେ ମାସର ମାତ୍ର ଦୁଇ ତିନି ଦିନ ଗୋଟିଏ ଗୋଟିଏ ପଂଚାୟତ ପାଇଁ ସମୟ ଦେଉଥିବାରୁ ପଂଚାୟତ ପାଇଁ ଆସୁଥିବା ଅନୁଦାନ ଗୁଡିକ ବର୍ଷ ବର୍ଷ ଧରି ଖର୍ଚ୍ଚ ନ ହୋଇ ପଡି ରହୁଛି କ୍ଷ ସାଧାରଣ ଲୋକ ମାନେ ନିଜର ଛୋଟ, ବଡ଼ ବିଭିନ୍ନ କାମ ନେଇ ପଂଚାୟତକୁ ଯାଉଥିବାବେଳେ ଅଧିକାରୀଙ୍କ ଭେଟ ନ ପାଇ ନିରାଶ ହୋଇ ଫେରୁଥିବା ଦେଖିବାକୁ ମିଳୁଛି। ଏ ପରିସ୍ଥିତି ରେ ଚମ୍ପୁଆ ବ୍ଲକର ପଂଚାୟତ ଗୁଡିକରେ ଉନ୍ନୟନ ମୂଳକ କାର୍ଯ୍ୟ କିପରି ଚାଲୁଛି ବେଶ ଅନୁମାନ କରାଯାଇ ପାରେ । ତେଣୁ ଏଥିପ୍ରତି ରାଜ୍ୟ ସରକାର ଦୃଷ୍ଟି ଦେବାକୁ ସାଧାରଣରେ ଦାବୀ ହେଉଛି ।

## ଚୋରି ମାମଲାରେ ଦୁଇ ଗିରଫ

ଜୟପୁର, ୨୩/୦୩ (ନି.ପ୍ର): ଚୋରି ମାମଲାର ପର୍ଦ୍ଦାଫାସ କରିଛି ଜୟପୁର ଟାଉନ ପୋଲିସ। ଏହି ମାମଲାରେ ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି । ପୋଲିସ ସୂଚନା ଅନୁଯାଇ ଜୟପୁର ସହର ମିଲ ସାହିର ପି ନାରାୟଣ ମୂର୍ତିଙ୍କ ଘରେ କେହି ନଥିବାର ସୁଯୋଗ ନେଇ ଦୃର୍ବୃତମାନେ ଘରର ତାଲା ଭାଙ୍ଗି ଚୋରି କରିଥିଲେ। ଏହା ଜାଣି ଘରର ମାଲିକ ଜୟପୁର ଟାଉନ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ତଦନ୍ତରେ ଗୋପବନ୍ଧୁ ନଗରର ସ୍ୱାଧିନ ପାଣିଗ୍ରାହୀ ଓ ପାରାବେଢ଼ାର କେ ହରିଶଙ୍କୁ ପୋଲିସ ଗିରଫ କରିଥିଲା । ଗିରଫ ଅଭିଯୁକ୍ତଙ୍କ ଠାରୁ ପୋଲିସ ୧୦ ଗ୍ରାମର ସୁନା ଅଳଙ୍କାର, ୧୫୦ ଗ୍ରାମ ରୁପା ଅଳଙ୍କାର ବିଭିନ୍ନ ଗୁରତ୍ୱପୂର୍ଣ୍ଣ କାଗଜ ପତ୍ରକୁ ଜବତ କରିଛି । ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଟାଉନ ଥାନା ଅଧିକାରି ସସ୍ମିତ କୁମାର ବେହେରା ସୂଚନା ଦେଇଛନ୍ତି ।

# ତେଲୁଗୁ ନବବର୍ଷ ଉଗାଦିକୁ ମହାଆଡମ୍ବରରେ ପାଳନ

ମାଲକାନଗିରି, ୨୩/୦୩ (ନି.ପ୍ର): ମାଲକାନଗିରି ଜିଲ୍ଲାର ତେଲୁଗୁ ଭାଷା ଭାଷୀ ଲୋକ ପ୍ରାୟ ୧୮ଟି ଗ୍ରାମରେ ରହି ଆସୁଛନ୍ତି । ସେମାନେ ସ୍ୱାଧୀନତା ପରେ ବିଶାଖାପାଟଣା ଜିଲ୍ଲାରୁ ଅଲଗା ହୋଇ ବର୍ତମାନ ଓଡ଼ିଶା ର ମାଲକାନଗିରି ଜିଲ୍ଲାରେ ରହୁଛନ୍ତି। ଆଜି ମାଲକାନଗିରି ବ୍ଲକ ଗୋରା ଖୁଂଟା ପଂଚାୟତର ଏହି ତେଲୁଗୁ ଭାଷା ଭାଷୀ ଲୋକ ମାନେ ଏକତ୍ରିତ ହୋଇ ଜାତି ବର୍ଣ୍ଣ ଲିଙ୍ଗ ଧର୍ମ ସବୁ ଭୁଲି ସେମାନଙ୍କ ନବବର୍ଷ ଉଗାଦି କୁ ମହାଆଡମ୍ବରରେ ପାଳନ କରିଛନ୍ତି। ସକାଳୁ ସକାଳୁ ସ୍ନାନାଦି କର୍ମ ଶେଷ କରି ଘର ସାମନା ରେ ଗୋବର ଓ ଲାଲ୍ ମାଟି ଲେପନକରି ସେଥିରେ ରଙ୍ଗବେରଙ୍ଗ ଝୋଟି ଦେଇ ସଜାଇଥିଲେ। କଳସ ସ୍ଥାପନ ଦୀପ ଜାଳି ସୁବାସିତ ଧୂପ ଲଗାଇ ସୂର୍ଯ୍ୟ ନାରାୟଣଙ୍କୁ ସ୍ୱାଗତ କରିଥିଲେ । ପରେ ପ୍ରତ୍ୟେକ ଘର ନିକଟକୁ ଯାଇ ସେମାନଙ୍କୁ ନବ ବର୍ଷ ଉଗାଦି ର ଅଭିନନ୍ଦନ ଜଣାଇଥିଲେ। ପ୍ରତ୍ୟେକ ପରିବାର ନିଜ କ୍ଷମତା ମୁତାବକ ଚାଉଳ, ଡାଲି ଓ ପନିପରିବା ତଥା ଆର୍ଥିକ ସହଯୋଗରେ ସହଭୋଜିର ଆୟୋଜନ କରିଥିଲେ । ନବବର୍ଷ ର ମହତ୍ୱ, ପରିବେଶ ଉପରେ ପ୍ରଭାବ, ଆମ ଚାଷୀ ଭାଇ ଙ୍କ ସାଥି ବଳଦ ଓ ଗୋ ମାତାଙ୍କ ମହତ୍ୱ ବିଷୟରେ ଏହି କାର୍ଯ୍ୟକ୍ରମରେ ଅତିଥିମାନେ ନିଜ ବକ୍ତବ୍ୟ ମାଧ୍ୟମରେ ଉପସ୍ଥାପନ କରିଥିଲେ । ବାଲ୍ମିକୀ ସମାଜର ପୁନଃଉଥାନ, ପିଲାଙ୍କୁ ଉଚ୍ଚ ଶିକ୍ଷା ନିମନ୍ତେ ଜାତି ପ୍ରମାଣପତ୍ର ପ୍ରଦାନ, ଆବାସିକ ଶିକ୍ଷା ପ୍ରଦାନ, ଜଙ୍ଗଲ ଜମି ପ୍ରଦାନ, ସରକାରୀ ଯୋଜନା ରେ ଭାଗିଦାରୀ, ସ୍ୱାବଲମ୍ୱୀ ହେବା ନିମନ୍ତେ କୌଳିକ ଶିକ୍ଷାରୁ ଆଜି ସେମାନେ ବଂଚିତ ହୋଇଛନ୍ତି। ଏଣୁ ଏକତ୍ରିତ ହୋଇ ପ୍ରଶାସନକୁ ଜଣାଇବା ନିମନ୍ତେ ଅନୁରୋଧ କରିଥିଲେ । କୃଷ୍ଣବାଡା ଗ୍ରାମର ସଭାପତି ରାଜୁ ତୋକାଳି, ପୂର୍ବସରପଂଚ ବାଲୟା ଦୁଆରୀ, ପୂର୍ବତନ ସମିତି ସଭ୍ୟ ନାଗେଶ ଦୁଆରୀ ସଭାରେ ଉପସ୍ଥିତ ଥିଲେ। ବିଶେଷ ଅତିଥି ଭାବେ ରାମ କୃଷ୍ଣ ଚୌଧୁରୀ, ମାଲକାନଗିରି ରୁ ନିମନ୍ତ୍ରିତ ହୋଇଥିଲେ । କାର୍ଯ୍ୟକ୍ରମରେ ଉପସ୍ଥିତ ସମସ୍ତ ବାୟୋବୃଦ୍ଧ, ବିଧବା ଓ ପ୍ରମୁଖ ବ୍ୟକ୍ତିଙ୍କୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା । ସାମୁହିକ ଭୋଜନ ପରେ ସାଂସ୍କୃତିକ କାର୍ଯ୍ୟକ୍ରମମାନ ହୋଇଥିଲା।

# ହରିଚନ୍ଦନପୁର ବ୍ଲକରେ ଏଫଏଲଏନ ସ୍ୱେଚ୍ଛାସେବୀଙ୍କ ବିଶାଳ ସମାବେଶ

ହରିଚନ୍ଦନପୁର, ୨୩/୦୩ (ନି.ପ୍ର): ହରିଚନ୍ଦନପୁର ବ୍ଲକରେ ଏଫଏଲଏନ ସ୍ୱେଚ୍ଛାସେବୀଙ୍କ ବିଶାଳ ସମାବେଶ ହୋଇଯାଇଛି। କେନ୍ଦୁଝର ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆଶ୍ୱାୟାର ଆୟୋଜନରେ କାଦୁଅଡିହା ଆଇଟିସି କେନ୍ଦ୍ରରେ ବ୍ଲକ ସ୍ତରୀୟ ଏଫଏଲଏନ ସ୍ୱେଚ୍ଛାସେବୀଙ୍କୁ ଏକତ୍ରିତ କରି ସମ୍ବର୍ଦ୍ଧନା କରାଯାଇଥିଲା । ମୂଳ ସାକ୍ଷରତା ଏବଂ ସଂଖ୍ୟା(ଏଫଏଲଏନ) କାର୍ଯ୍ୟକ୍ରମ ମାଧ୍ୟମରେ ବ୍ଲକର ସମସ୍ତ ବିଦ୍ୟାଳୟରେ ପ୍ରଥମ ଶ୍ରେଣୀରୁ ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢାରେ ସହଯୋଗ କରି ଆସୁଛନ୍ତି । ଏଥିସହ ଆଶ୍ୱାୟାର ପକ୍ଷରୁ ଯେଉଁ ଦଶମ ଶ୍ରେଣୀ ଛାତ୍ରଛାତ୍ରୀମାନଙ୍କ ପାରିବାରିକ ଆର୍ଥିକ ସ୍ଥିତି ଠିକ୍ ନାହିଁ କିମ୍ବା ସମସ୍ୟା ମଧ୍ୟରେ ଗତି କରୁଛନ୍ତି । ଉକ୍ତ ପିଲାଙ୍କୁ ପରୀକ୍ଷା ବୈତରଣୀ ପାର କରିବାକୁ ପଂଚାୟତ ଗୁଡ଼ିକରେ ସପୋର୍ଟ କ୍ଲାସ ଆରମ୍ଭ କରି ଶିକ୍ଷା ପ୍ରଦାନ କରି ଆସୁଥିଲେ । କାର୍ଯ୍ୟକ୍ରମରେ ଏଫଏଲଏନ ସ୍ୱେଚ୍ଛାସେବୀଙ୍କୁ ଏକତ୍ରିତ କରି ସମ୍ବର୍ଦ୍ଧିତ କରାଯାଇ ସେମାନଙ୍କ ଉଜ୍ୱଳ ଭବିଷ୍ୟତ କାମନା କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ମନୋହରପୁର ଗ୍ରାମ ପଂଚାୟତ ସରପଂଚ ସୁରେଶ କୁମାର ନାଏକ ଯୋଗଦେଇ ସ୍ୱେଚ୍ଛାସେବୀଙ୍କର କାର୍ଯ୍ୟକୁ ପ୍ରଶଂସା କରି ଉତ୍ସାହିତ କରିଥିଲେ । ସମ୍ମାନିତ ଅତିଥି କାଦୁଅଡିହା ନୋଡ଼ାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଦୀପ୍ତ କୁମାର ସାହୁ ଯୋଗଦେଇ ଏଫଏଲଏନ କାର୍ଯ୍ୟକ୍ରମରେ ଆଶ୍ୱାୟାର ସ୍ୱଚ୍ଛେସେବୀଙ୍କ କାର୍ଯ୍ୟକୁ ସାଧୁବାଦ ଦେଇ ଶିକ୍ଷା ପ୍ରତି ନିଷ୍ଠାପର ହୋଇ କାର୍ଯ୍ୟ କରିବାକୁ କହିଥିଲେ । ଏଫଏଲଏନ ସ୍ୱେଚ୍ଛାସେବୀ ମାନେ ଅନୁଷ୍ଠାନରେ ଯୋଗଦେବା ପରେ ସେମାନେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି ହୋଇପାରିଥିବା ସହିତ ପିଲାଙ୍କ ଓ ନିଜର ସଫଳତା ବାବଦରେ ଉପସ୍ଥାପନ କରିଥିଲେ । ଏଥିସହ ସ୍ୱେଚ୍ଛାସେବୀ ମାନଙ୍କ ଦ୍ୱାରା ଗୀତ ଓ ନୃତ୍ୟ ପରିବେଷଣ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ବ୍ଲକର ୧୯୦ ଜଣ ସ୍ୱେଚ୍ଛାସେବୀ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ବ୍ଲକ ସଂଯୋଜକ ଅଶୋକ କୁମାର ସାହୁ, ଶିକ୍ଷା ସଂଯୋଜକ ମଧୁ ସୁଦନ ମୁଣ୍ଡା, ବ୍ଲକ ଏମଆଇଏସ ପ୍ରସନ୍ନ କୁମାର ବେହେରା, ଅଙ୍ଗନୱାଡ଼ି ସଂଯୋଜକ ଗଦାଧର ମହାନ୍ତଙ୍କ ସମେତ ବ୍ଲକର ସମସ୍ତ ସ୍ୱେଚ୍ଛାସେବୀ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ ।

## ଦୁଇ ଦିନ ହେଲା ରାଣୀପୁଟ ଅନ୍ଧାର

ଜୟପୁର, ୨୩/୦୩ (ନି.ପ୍ର): ଜୟପୁର ବ୍ଲକ ଅନ୍ତର୍ଗତ ରାଣିପୁଟ ଗ୍ରାମ ଅନ୍ଧକାର । ଦୁଇ ଦିନ ହେଲା ଅନ୍ଧାକାର ହୋଇଛି । ଗ୍ରାମରେ ୬୦ ପରିବାର ରହୁଥିବା ବେଳେ ଅଧିକାଂଶ ବିଦ୍ୟୁତ ଉପଭୋକ୍ତା ନିଜର ବିଲ ମାସିକ ପୈଠ କରିଥିବା ବେଳେ ହାତ ଗଣତି କେତେ ଜଣ ବିଲ ପୈଠ କରି ନାହାଁନ୍ତି । ଏନେଇ ଗତ କାଲି ଟାଟା ପାଓାର କର୍ମଚାରି ଯାଇ ବିଲ ପୈଠ କରି ନଥିବା ଉପଭୋକ୍ତା ଙ୍କୁ ବିଲ ମାଗିଥିଲେ । ସେ ମାନଙ୍କ ସହ ପାଟି ତୁଣ୍ଡ ହେବାରୁ ଗ୍ରାମ ସାରା ବିଦ୍ୟୁତ ବିଛିନ୍ନ କରିଛନ୍ତି । ବର୍ତମାନ ପରୀକ୍ଷା ଚାଲିଥିବା ବେଳେ ବିଦ୍ୟୁତ ବିଚ୍ଛିନ୍ନ ଯୋଗୁଁ ଛାତ୍ର ଛାତ୍ରୀ ମାନେ ପାଠ ପଡି ପାରୁ ନଥିବା ବେଳେ ଅନ୍ଧାକାର ଯୋଗୁଁ ଗ୍ରାମର ବୃଦ୍ଧ ବୃଦ୍ଧା ବହୁତ ହଇରାଣ ହେଉଥିବା ଲକ୍ଷ୍ୟ କରାଯାଇଛି । ଗ୍ରାମର ଶିବ ରାମ ପ୍ରଧାନ, ପତି ପରଜା, ଗାଣ୍ଡୁ ପୁଜାରି, ଧନ ହରିଜନ, କୃଷ୍ଣ ହରିଜନ, ଖଡି ପରଜା, ଦୟା ହରିଜନ ଗ୍ରାମବାସୀ ମାନେ ଉଦ ବେଗ ପ୍ରକାଶ କରିଛନ୍ତି । ଗ୍ରାମର ବହୁତ ମିଟର ଅଚଳ ରହିଛି କିନ୍ତୁ ବିଭାଗ କଣ୍ଡପାତ ନକରି ବିଦ୍ୟୁତ ବିଲ ନେଉ ଥିବା ବେଳେ ତୁରନ୍ତ ବିଦ୍ୟୁତ ସଂଯୋଗ କରାନଗଲେ ଆଗାମି ଦିନରେ ଟାଟା ପାଓରା ଘେରାଉ କରିବା ପାଇ ଚେତାବନି ଦେଇଛନ୍ତି ।

# ବିଶ୍ୱ ବନ ଦିବସ ପାଳିତ

ମାଲକାନଗିରି, ୨୩/୦୩ (ନି.ପ୍ର): ମାଲକାନଗିରି ବନଖଣ୍ଡ ଆନୁକୂଲ୍ୟରେ ଗତକାଲି ବିଶ୍ୱ ବନ ଦିବସ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବନଖଣ୍ଡ ଅଧିକାରୀ ପ୍ରତାପ କୋଟା ପାଲ୍ଲୀ,ଏସିଏଫ କନ୍ଦନ ସିଂ,ସମାଜସେବି ଦୁର୍ଯ୍ୟୋଧନ ପାତ୍ର, ଅଧ୍ୟାପକ ଡ଼ଃ ରଞ୍ଜନ କୁମାର ସ୍ୱାଇଁ, ମାଲକାନଗିରି ଜିଲ୍ଲା ସାମ୍ବାଦିକ ସଂଘ ସଭାପତି ଦେବ ପ୍ରସାଦ ଦାଶ ଓ ରାମକୃଷ୍ଣ ଚୌଧୁରୀ ଯୋଗ ଦେଇ ପରିବେଶ ସୁରକ୍ଷା ଏବଂ ନିଆଁ ଦାଉରୁ ଜଙ୍ଗଲକୁ କିପରି ସୁରକ୍ଷା କରାଯାଇ ପାରିବ ବୁଝାଇଥିଲେ । ପରିବେଶ ସୁରକ୍ଷା ଦିଗରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଭେଜାଗୁଡା ସରପଞ୍ଚ ଭୀମସେନ ନାୟକଙ୍କୁ ୨୦ ହଜାର ଟଙ୍କା,ଆପନାମାଳ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁଦର୍ଶନ ସ୍ୱାଇଁ ଙ୍କୁ ୧୦ ହଜାର ଟଙ୍କା ଓ ଉପଢୌକନ ପ୍ରଦାନ କରାଯାଇଥିବାବେଳେ ମୋଟୁ ବନାଞ୍ଚଳ ଅଧିକାରୀ ରଶ୍ମୀରଞ୍ଜନ ସ୍ୱାଇଁଏବଂ ତାଙ୍କ ବନ କର୍ମଚାରୀମାନେ ଚିତାବଘ ଚମଡା ଜବତ କରିବାରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସେମାନଙ୍କୁ ମାନପତ୍ର ଏବଂ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା । ସେହିପରି ମାଲକାନଗିରି ବନାଞ୍ଚଳ ଅନ୍ତର୍ଗତ ଗନ୍ଧିପଲ୍ଲୀ ବନ ସୁରକ୍ଷା ସମିତି ସଭାପତି ମନୋଜ କୁମାର ପଟ୍ଟନାୟକ,ମାଥିଲି ବନାଞ୍ଚଳ ଅନ୍ତର୍ଗତ ଚମ୍ପାଝରଣ ବନସୁରକ୍ଷା ସମିତି ସଭାପତି ନୀଳ ବିଷୋୟୀ, ଚିତ୍ରକୋଣ୍ଡା ବନାଞ୍ଚଳ ଅନ୍ତର୍ଗତ ଅଞ୍ଜାରୀଗୁଡା ବନ ସୁରକ୍ଷା ସମିତି ସଭାପତି ଘେନୁ ମୁଦୁଲି, ମୋଟୁ ବନାଞ୍ଚଳ ଅନ୍ତର୍ଗତ ସୁନାବେଢ଼ା ବନ ସୁରକ୍ଷା ସମିତି ସଭାପତି ହରି ବୁରୁଡି,କାଲିମେଳା ବନାଞ୍ଚଳ ଅନ୍ତର୍ଗତ ଭେଙ୍କଟପଲ୍ଲୀ ବନ ସୁରକ୍ଷା ସମିତି ସଭାପତି ରା ମ ଚନ୍ଦ୍ର କରାମ,ବାଲିମେଳା ବନାଞ୍ଚଳ ଅନ୍ତର୍ଗତ ଡାଇକ୍-୧ ବନ ସୁରକ୍ଷା ସମିତି ସଭାପତି ରଘୁ ପାଙ୍ଗୀଙ୍କୁ ମାଲକାନଗିରି ବନଖଣ୍ଡ ଅଧିକାରୀ ପ୍ରତାପ କୋଟା ପଲ୍ଲୀ ସେମାନଙ୍କ ଜଙ୍ଗଲ ସୁରକ୍ଷା ଦିଗରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସମ୍ମାନିତ କରିଥିଲେ । ଏହା ବ୍ୟତିତ ମାଲକାନଗିରି ବନାଞ୍ଚଳର ବନରକ୍ଷୀ ବାସନ୍ତୀ ମାଡକାମୀ ଏବଂ ସାରୁ କଓ୍ୱାସୀ ଭୁବନେଶ୍ୱରର ଜୟଦେବ ଭବନ ଠାରେ ଅନୁଷ୍ଠିତ ବିଶ୍ୱ ବନ ଦିବସ-୨୦୨୩ ପାଇଁ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ପ୍ରଦୀପ ଅମାତ ଉତ୍ତମ ସେବା ପାଇଁ ପୁରସ୍କୃତ କରିଥିଲେ । ଆଜିର କାର୍ଯ୍ୟକ୍ରମକୁ ମାଲକାନଗିରି ବନାଞ୍ଚଳ ଅଧିକାରୀ ଜଗନ୍ନାଥ ପ୍ରସାଦ ବିଷୋୟୀ ପରିଚାଳା କରିଥିଲେ । ଏହି ଉତ୍ସବରେ ମାଥିଲି ରେଞ୍ଜର ବାସୁଦେବ ନାୟକ, ଚିତ୍ରକୋଣ୍ଡା ରେଞ୍ଜର ବଳରାମ ନାୟକଙ୍କ ସମତେ ସମସ୍ତ ବନ କର୍ମଚାରୀମାନେ ଉପସ୍ଥିତ ଥିଲେ ।

# ବିକଶିତ ଯାଜପୁର ଜିଲା ଚର୍ଚ୍ଚାରେ : ଠେଲାରେ ବୁହା ହୋଇ ମେଡିକାଲ ଆସିଲେ ଗୁରୁତର

ଧର୍ମଶାଳା, ୨୩/୦୩ (ନି.ପ୍ର): ସରକାର ସ୍ୱାସ୍ଥ୍ୟ କ୍ଷେତ୍ରକୁ ଗୁରୁତ୍ୱ ଦେଉଛନ୍ତି । ଏନେଇ ବିଭିନ୍ନ ଯୋଜନାମାନ ପ୍ରଣୟନ କରୁଛନ୍ତି। ତୁରନ୍ତ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ଲକ୍ଷ୍ୟରେ ଆମ୍ବୁଲାନ୍ସ ଯୋଗାଇ ଦେଇଛନ୍ତି । ହେଲେ ୧୦୮ ଆମ୍ବୁଲାନ୍ସ ସେବା କେତେ କାର୍ଯ୍ୟକରୀ ତାହା ଦେଖିବାକୁ ମିଳିଛି ଯାଜପୁର ଜିଲାରେ । ଯାହାକୁ ନେଇ ଏଭଳି ଘଟଣା ଆଜି ଚର୍ଚ୍ଚାର ବିଷୟ ପାଲଟିଛି ଯାଜପୁର ଜିଲା ଧର୍ମଶାଳା ଅଂଚଳରେ । ଆମ୍ବୁଲାନ୍ସ ନ ଆସିବାରୁ ପରିବାର ଲୋକେ ଜଣେ ମହିଳା ସଡକ ଦୁର୍ଘଟଣାରେ ଶିକାର ହୋଇ ଗୁରୁତର ହୋଇଥିଲେ । ତାଙ୍କୁ ମେଡିକାଲରେ ଭର୍ତି କରିବା ପାଇଁ ତାଙ୍କୁ ଏକ ଠେଲା ଗାଡିରେ ମେଡିକାଲକୁ ଆଣିବା ନେଇ ଜିଲାରେ ଚର୍ଚ୍ଚା ଜୋର ଧରିଛି । ମିଳିଥିବା ସୂଚନା ମୁତାବକ, ଯାଜପୁର ଜିଲା ଧର୍ମଶାଳା ଥାନା ଅନ୍ତର୍ଗତ ଜାରକା କୁମାରୀ ଅଂଚଳର ଅରଣ୍ୟ ଗୁଇଁଙ୍କ ପତ୍ନୀ ଗେଡି ଗୁଇଁ(୪୭) ଆଜି ଭୋର ସମୟରେ ଶୌଚ ହେବା ପାଇଁ ୧୬ ନଂ ଜାତୀୟ ରାଜପଥ ପରି ହେଉଥିଲେ । ସେହି ସମୟରେ ଏକ ଅଜଣା ଗାଡି ତାଙ୍କୁ ଧକ୍କା ଦେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା । ଗେଡି ଗୁରୁତର ହୋଇ ରାସ୍ତା ଉପରେ ପଡି ରହିଥିଲେ । ଏହାକୁ ଦେଖି ଜାତୀୟ ରାଜପଥ କଡରେ ରହୁଥିବା ପରିବାର ଲୋକେ ଏହି ଖବର ପାଇ ୧୦୮ ଆମ୍ବୁଲାନ୍ସକୁ ଫୋନ କଲ କରିଥିଲେ । ତେବେ ପରିବାର ଲୋକେ ବହୁ ସମୟ ଅପେକ୍ଷା କରିଥିଲେ । ବହୁ ସମୟ ଅପେକ୍ଷା ପରେ ଆମ୍ବୁଲାନ୍ସ ନ ଆସିବାରୁ ଗୁରୁତର ଅବସ୍ଥାରେ ଏକ ଠେଲାରେ ପକାଇ ପରିବାର ଲୋକେ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ । ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏହି ଘଟଣାକୁ ନେଇ ପରିବାର ଲୋକେ ଆମ୍ବୁଲାନ୍ସ ସେବା ଉପରେ ଅସନ୍ତୋଷ ପ୍ରକାଶ କରିଛନ୍ତି । ଏଥି ପାଇଁ ପତ୍ନୀର ଜୀବନ ଗଲା ବୋଲି ଅଭିଯୋଗ କରିଛନ୍ତି । ଖବର ପାଇ ଧର୍ମଶାଳା ପୋଲିସ ଘଟଣାସ୍ଥଳରେ ପଂହଚି ତଦନ୍ତ ଆରମ୍ଭ କରିଛି । ଏକ ଅପମୃତ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି ।

ବିକାଶ ପାଇଁ ଯାଜପୁର ଜିଲା ସବୁବେଳେ ଚର୍ଚ୍ଚାରେ ରହି ଆସୁଛି । ମାଳମାଳ ଯୋଜନା ସାଂଗକୁ ମନୋରଂଜନ କ୍ଷେତ୍ରରେ ଚର୍ଚ୍ଚାରେ ରହିଥିବା ଏହି ଯାଜପୁର ଆଜି ଏଭଳି ଠେଲାରେ ଗୁରୁତର ଅବସ୍ଥାରେ ଜଣେ ମହିଳାଙ୍କୁ ବୁହା ହୋଇ ଆସିବା ଘଟଣାକୁ ନେଇ ଏବେ ସାଧାରଣରେ ଆଲୋଚନା ହେଉଛି । ମାଳମାଳ ଆମ୍ବୁଲାନ୍ସ ଠିକ୍ ସମୟରେ କାମରେ ଆସୁ ନାହିଁ । ଏଭଳି ଅଭାବନୀୟ ଘଟଣାକୁ ନେଇ ସ୍ଥାନୀୟ ଅଂଚଳରେ ଘୋର ନିନ୍ଦା କରାଯାଇଛି ।

## ଜିଲ୍ଲା ମହିଳା ବିଜେଡିର ସାଙ୍ଗଠନିକ ସଭା

ମାଲକାନଗିରି, ୨୩/୦୩ (ନି.ପ୍ର): ମାଲକାନଗିରି ଜିଲ୍ଲା ସଂସ୍କୃତି ଭବନ ଠାରେ ଆଜି ମହିଳା ବିଜେଡି ସାଂଗଠନିକ ସଭା ଅନୁଷ୍ଠିତ ହୋଇଥିଲା । ଉକ୍ତ ସଭାରେ ରାଜ୍ୟ ସାଧାରଣ ସମ୍ପାଦିକା ଲୋରା ମହାପାତ୍ର, ଜିଲ୍ଲା ମହିଳା ସଭାନେତ୍ରୀ ଲକ୍ଷ୍ମୀପ୍ରିୟା ନାୟକ, ଜୋନାଲ ସଭାନେତ୍ରୀ ସୁକାନ୍ତି ବୁରୁଦା, ଜିଲ୍ଲା ପରିଷଦ ଅଧକ୍ଷା ସମାରି ଟାଙ୍ଗୁଲୁ , ପୌରଉପାଧକ୍ଷା କବିତା ମହନ୍ତ, ତଥା ସବୁ ବ୍ଲକରୁ ଆସିଥିବା ମହିଳା ନେତ୍ରୀ ପ୍ରମୁଖ ଯୋଗଦେଇ ଥିଲେ । ଏହି ସଭାରେ ମୁଖ୍ୟ ମନ୍ତ୍ରୀଙ୍କ ଲୋକାଭିମୁଖୀ ଯୋଜନା ଉପରେ ଆଲୋକ ପାତ କରାଯାଇଥିଲା । ଆଗାମୀ ଦିନରେ ମୁଖ୍ୟମନ୍ତ୍ରୀଙ୍କ ବିଭିନ୍ନ ଜନହିତକାରି ଯୋଜନାରେ ମହିଳା ମାନେ କିପରି ଲାଭବାନ ହୋଇପାରିବେ ସେଗୁଡିକ ବିଷୟରେ ଆଲୋଚନା କରାଯାଇଥିଲା ।

# କୁନ୍ଦୁରା ଲ୍ୟାମ୍ପସରେ କୋଟି କୋଟି ଟଙ୍କାର ମହାଦୁର୍ନିତି

ଜୟପୁର, ୨୩/୦୩ (ନି.ପ୍ର): କୁନ୍ଦୁରା ଲ୍ୟାମ୍ପସର ମହାଦୁର୍ନୀତିର ଭିଜିଲାନ୍ସ ସାଇବର ସେଲ ଦ୍ୱାରା ନିରପେକ୍ଷ ତଦନ୍ତ ପାଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବି ପତ୍ର ପ୍ରଦାନ କରାଯାଇଛି । ଚାଷୀ ନେତା ନରେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଚାଷୀମାନେ ଏକ ତ୍ରିତ ହୋଇ ଜୟପୁରସ୍ଥିତ ଡିଆରସିଏସ ଙ୍କ ଅନୁପସ୍ଥିତିରେ କାର୍ଯ୍ୟାଳୟରେ ୧୧ ଦଫା ଦାବି ପତ୍ର ପ୍ରଦାନ କରାଯାଇଛି । କୁନ୍ଦୁରା ଲ୍ୟାମ୍ପସରେ ବହୁ ବର୍ଷ ଏମଡି ନଥିବାରୁ ଜଣେ ଭାର ପ୍ରାପ୍ତ ଏମ.ଡି ନିଜ କ୍ଷମତାର ଦୁରୁପ ଯୋଗ କରି କୋଟି କୋଟି ଟଙ୍କା ଆତ୍ମସାତ କରିବା ସହିତ ବହୁ ଦୁର୍ନୀତିରେ ଲିପ୍ତ ଅଛନ୍ତି । ଫଳରେ ହଜାର ହଜାର ଚାଷୀ ସଠିକ ସମୟରେ କୃଷି ଋଣ, ସାର ବିହନ ନ ପାଇ ହଟ ହଟା ହେଉଛନ୍ତି ବୋଲି ଅଭିଯୋଗ କରାଯାଉଛି । ଉକ୍ତ ଦାବି ପତ୍ର ରେ ଉଲ୍ଲେଖ କରାଯାଇଛି । ବିଗତ ୫ ବର୍ଷରୁ ଉର୍ଦ୍ଧ୍ୱ ହେବ କୁନ୍ଦୁରା ଲ୍ୟାମ୍ପସର ସାଧାରଣ ବୈଠକ ଏ.ଜି.ବି କରାନଯାଇ ଟଙ୍କା ଖର୍ଚ୍ଚ ନକରି ଆତ୍ମସାତ କରାଯାଇଅଛି, ସମବାୟ ବିଭାଗର କର୍ମକର୍ତା ଓ ବ୍ୟାଙ୍କର କିଛି ଅପରାଧିଙ୍କୁ ଲାଂଚ ଦେଇ ତାଙ୍କ ଛତ୍ରଛାୟା ତଳେ ରହି ଦୀର୍ଘ ୭ ବର୍ଷରୁ ଉର୍ଦ୍ଧ ହେବ ଅଡିଟ କରାଯାଇ ନାହିଁ । ଲ୍ୟାମ୍ପସରୁ ଋଣ ନେଇଥିବା ଚାଷୀଙ୍କ ପାସବୁକ ଓ ଚେକ ବହି ନିଜ ପାଖରେ ରଖି ଚାଷୀଙ୍କ ଅଜ୍ଞତାର ଫାଇଦା ନେଇ ସେ ମାନଙ୍କ ଦସ୍ତଖତ, ଟିପଚିହ୍ନ କରି ଶହ ଶହ ଚାଷୀଙ୍କ କୋଟି କୋଟି ଟଙ୍କା ଆତ୍ମସାତ କରିଛନ୍ତି । ଗତ ଖରିଫ ୨୦୨୨-୨୩ ବର୍ଷରେ ପୂର୍ବତନ ଏମ.ଡି ଜଣେ ଦଲାଲ ଓ ମିଲରଙ୍କୁ ନିଜର ପାସ ଓାର୍ଡ ଓ ଆଇ.ଡି ଦେଇ ୪ଶହରୁ ଉର୍ଦ୍ଧ ଚାଷୀଙ୍କ ପଞ୍ଜି କରଣ କରିଥିଲେ । ଯାହାକି କିଛି ଡି.ଇ.ଓ ଉକ୍ତ ତଥ୍ୟ ବିଭାଗୀୟ ଅଧିକାରି ଙ୍କୁ ଅବଗତ କରିଥିବାରୁ ସେ ଇର୍ଷାନ୍ୱିତ ହୋଇ ଉଦ୍ଦେଷ୍ୟ ମୁଳକ ଭାବେ ଜଣେ ଡାଇରେକ୍ଟର ଓ ସଭାପତି ସହ ଯୋଗରେ ମିଥ୍ୟ କମିଟି ବୈଠକ କରି ସେ ମାନଙ୍କୁ ଚଳିତ ରବି ପଞ୍ଜି କରଣରେ ଆବ୍ୟାହିତି ଦେଇଛନ୍ତି ତାହାର ତଦନ୍ତ କରାଯାଉ, କୁନ୍ଦୁରା ଲ୍ୟାମ୍ପସ ଧାନ କମିଶନ ବାବଦକୁ ପାଇଥିବା ଫିକ୍ସଡ ଡିପୋଜିଟ ଅର୍ଥକୁ ଏ.ଜି.ବି, କମିଟି ବୈଠକରେ ବିନା ଅନୁମୋଦନରେ ନିଜ ଇଛା ମୁତାବକ ଅର୍ଥ ଉଠାଣ କରି ସମବାୟ ଆଇନର ଉଲଘଂନ କରିଛନ୍ତି । କୁନ୍ଦୁରା ଲ୍ୟାମ୍ପସ ରବି ଓ ଖରିଫ ଋତୁରେ ଧାନ କ୍ରୟ କରୁଥିବା ଯୋଗୁଁ ଲକ୍ଷାଧିକ କୁଇଂଟାଲ ଉଦ୍ଧ ହ୍ୟାଣ୍ଡଲିଂ ଚାର୍ଜ ବାବଦରେ ଆସିଥିବା ଅର୍ଥକୁ ମିଥ୍ୟ ରସିଦ ଦେଇ ଲକ୍ଷ ଲକ୍ଷ ଟଙ୍କା ହଡପ କରିଥିବା ସହିତ ଚାଷୀଙ୍କୁ ଖାଲି ଅଖା ବାବଦକୁ ଅଖା ପ୍ରାପ୍ତ ନଦେଇ କୋଟି କୋଟି ଟଙ୍କା ଆତ୍ମସାତ କରି ଥିବା ଆଦି ଦାବି ରହିଛି ।

# ସର୍ଗିଗୁଡାରେ ଗୌଡ଼ ସମାଜର ବୈଠକ: ୨୬ରେ ବ୍ଲକସ୍ତରୀୟ ବୈଠକ ନିଷ୍ପତି

ଜୟପୁର, ୨୩/୦୩ (ନି.ପ୍ର): ବୋରିଗୁମ୍ମା ବ୍ଲକ ସର୍ଗିଗୁଡା ଠାରେ କୋରାପୁଟ ଜିଲ୍ଲା ଯାଦବ ମହାସଭାର ବୈଠକ କାର୍ଯ୍ୟକାରୀ ସଭାପତି ସାଥୀରମ ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ପୂର୍ବତନ ସରପଂଚ ଜଗନ୍ନାଥ ଗୌଡ଼ଙ୍କ ଆହ୍ୱାନ କ୍ରମେ ଆୟୋଜିତ ଏହି ବୈଠକରେ ମୁଖ୍ୟ ଅତିଥି ରୂପେ ରାଜ୍ୟ ଉପସଭାପତି ମଦନ ମୋହନ ନାୟକ, ମୁଖ୍ୟ ବକ୍ତାଭାବେ ଅବିଭକ୍ତ ଜିଲ୍ଲା ସଂଯୋଜକ ମନୋଜ ମହାଙ୍କୁଡ଼, ସମ୍ମାନିତ ଅତିଥି ରୂପେ ନବରଙ୍ଗପୁର ସମ୍ପାଦକ ପର୍ଶୁରାମ ନାୟକ ଯୋଗଦେଇ ବୈଠକ ଆଭିମୁଖ୍ୟ ସ୍ପଷ୍ଟ କରିଥିଲେ । ସଭା ସଂଯୋଜନା ଜିଲ୍ଲା ସାଧାରଣ ସମ୍ପାଦକ ରାଜେନ୍ଦ୍ର କୁମାର ଗୌଡ଼ କରିଥିବା ବେଳେ ଆସନ୍ତା ଏପ୍ରିଲ ୧୬ ତାରିଖରେ ଜୟପୁର ଠାରେ ହେବାକୁ ରହିଥିବା ଗୌଡ଼ ଅଧିକାର ସମାବେଶ ସଫଳ କରିବାକୁ ସଂକଳ୍ପ ପାରିତ ହୋଇଥିଲା । ଏହି କ୍ରମରେ ଚଳିତ ମାର୍ଚ୍ଚ ୨୫ ତାରିଖରେ କୁନ୍ଦୁରାର କଲ୍ୟାଣ ମଣ୍ଡପ ଏବଂ ୨୬ ତାରିଖରେ ବୋରିଗୁମ୍ମା ବ୍ଲକ ସର୍ଗିଗୁଡା ପଂଚାୟତ ବଡ଼ଦୁବୁଲି ଠାରେ ବ୍ଲକ ସ୍ତରୀୟ ଗୌଡ଼ ସମାବେଶ କରିବା ନେଇ ଘୋଷଣା କରାଯାଇଥିଲା । ବୈଠକରେ ଜିଲ୍ଲା ଯୁବ ସଭାପତି ନରେଶ ମହାକୁଳ, ଉପଦେଷ୍ଟା ପ୍ରମୋଦ ନାୟକ, ସୀମାଚଳ ମହାଙ୍କୁଡ଼ଙ୍କ ସହ ଅଭି ଗୌଡ଼, ପ୍ରଫୁଲ ନାୟକ, ମହେଶ୍ୱର ନାୟକ, କ୍ଷେତ୍ରବାସୀ ନାୟକ, ଦୁର୍ଯ୍ୟୋଧନ ନାୟକ, କାଶୀନାଥ ନାୟକ, ବିଦ୍ୟାଧର ଗୌଡ଼, ହରିହର ଗୌଡ଼, ପଦ୍ମନ ଗୌଡ଼, ସୁରେଶ ଗୌଡ଼, ସୀମାଂଚଳ ଗୌଡ଼, ଅର୍ଜୁନ ଗୌଡ଼, ଉମେଶ ନାୟକ, ରାମ ନାୟକ ପ୍ରମୁଖ ଉପସ୍ଥିତ ରହିଥିବା ବେଳେ ପୂର୍ଣଚନ୍ଦ୍ର ଗୌଡ଼ ଧନ୍ୟବାଦ ଅର୍ପଣ କରିଥିଲେ ।

# ବଲାଙ୍ଗିରରେ ଜିଲ୍ଲାସ୍ତରୀୟ ବିଶ୍ୱ ବନ ଦିବସ ପାଳିତ 'ବନ ଓ ସ୍ୱାସ୍ଥ୍ୟ' ଆଲୋଚନା

ବଲାଙ୍ଗିର , ୨୩/୦୩ (ନି.ପ୍ର): ବିଶ୍ୱ ବନ ଦିବସ ୨୦୨୩ ପାଇଁ ବନ ଏବଂ ସ୍ୱାସ୍ଥ୍ୟ ବିଷୟବସ୍ତୁ ଭାବରେ ବଲାଙ୍ଗୀର ବନ ବିଭାଗ ୨୧ ମାର୍ଚ୍ଚ ୨୦୨୩ ରେ ଏକ ବ୍ୟାପକ ଉତ୍ସବ ମାଧ୍ୟମରେ ମାନବଙ୍କ ସ୍ୱାସ୍ଥ୍ୟ ତଥା କଲ୍ୟାଣରେ ଜଙ୍ଗଲ ଦ୍ୱାରା ପରିଚାଳିତ ସେବାକୁ ପ୍ରଚାର କରି ବାୟୁକୁ ଶୁଦ୍ଧ କରି ଜଳବାୟୁ ବିପଦକୁ ହ୍ରାସ କରି ଏହି ଉତ୍ସବକୁ ଅମଳ କରିଛି । ଶ୍ରୀ ଚଞ୍ଚଳ ରଣା, ଆଇଏଏସ୍, କଲେକ୍ଟର ଏବଂ ଡିଏମ୍, ବଲାଙ୍ଗୀର; ଶ୍ରୀ ନିତିନ କୁଶଲକର, ଆଇପିଏସ୍, ବଲାଙ୍ଗୀର; ପୃଥିବୀକୁ ଜୀବଜନ୍ତୁଙ୍କ ପାଇଁ ଉପଯୁକ୍ତ ଗ୍ରହରେ ପରିଣତ କରିବା ପାଇଁ ଜଙ୍ଗଲ ଏବଂ ପରିବେଶକୁ ସ୍ଥାୟୀ ଉପାୟରେ ବଜାୟ ରଖିବାରେ ନାଗରିକ ତଥା ଜନସାଧାରଣଙ୍କ ବିଭିନ୍ନ ଦାୟିତ୍ୱ ଉପରେ ଶ୍ରୀ ନୀତୀଶ କୁମାର, ଆଇଏଫଏସ, ଡିଏଫଓ, ବଲାଙ୍ଗୀର ଆଲୋକିତ କରିଛନ୍ତି। ଜିଲ୍ଲା ବନ ଅଧିକାରୀ, ବଲାଙ୍ଗୀର ସମାଜର ସମସ୍ତ କୋଣ ଅନୁକୋଣରୁ ଜଙ୍ଗଲ ଏବଂ ଉଦ୍ଭିଦକୁ ମାନବ ସ୍ୱାସ୍ଥ୍ୟ ଏବଂ ସ୍ୱଚ୍ଛତାର ପ୍ରାକୃତିକ ଆରୋଗ୍ୟକାରୀ ଭାବରେ ପରିବେଶ ସହିତ ମୁକାବିଲା କରିବା ସମୟରେ ଆମ ଆଚରଣ ଏବଂ ଅଭ୍ୟାସରେ କିଛି ମିନିଟ୍ ପରିବର୍ତ୍ତନ ମାଧ୍ୟମରେ ଏକ ସାମୂହିକ ପ୍ରୟାସ ପାଇଁ ଅନୁରୋଧ କରିଥିଲେ । ସଫଳ ଗ୍ରାମ ପଞ୍ଚାୟତ ଏବଂ ଅନୁଷ୍ଠାନ ଗୁଡ଼ିକ, ରାଜ୍ୟ ଜଙ୍ଗଲ ପୁରସ୍କାର ୨୦୨୩ ପାଇଁ ରାଜ୍ୟ ଜଙ୍ଗଲ ପୁରସ୍କାର ପାଇଁ ବିଚାର କରାଯାଇଥିବା ପ୍ରତ୍ୟେକ ଉପ-ଡିଭିଜନରୁ ଗୋଟିଏ, ଟ୍ରଫି, ନଗଦ ପୁରସ୍କାର ରାଶି ସହିତ ସୁବିଧା କରାଯାଇଛି । ଏହି ଦିନକୁ ଅଧିକ ସ୍ମରଣୀୟ କରିବା ପାଇଁ ବଲାଙ୍ଗୀର ବନ ବିଭାଗ ମଧ୍ୟ ସ୍କାଉଟିଙ୍ଗ୍ ଏବଂ ଉଲ୍ଲେଖନୀୟ ପାରମ୍ପାରିକ ଜ୍ଞାନର ଡକ୍ୟୁମେଣ୍ଟେସନ୍ ଉପରେ ଏକ କର୍ମଶାଳା କୁ ଭାରତ ସରକାରଙ୍କ ବିଜ୍ଞାନ ଏବଂ ପ୍ରଯୁକ୍ତି ବିଦ୍ୟା ବିଭାଗ ଅଧୀନରେ ସହଯୋଗ କରିଛି । ଏହି ଦିନ ଜିଲ୍ଲାର ପ୍ରାୟ ୩୫ ଟି ସ୍ଥାନୀୟ ବୈଦ୍ୟ ଏବଂ ପ୍ରାକୃତିକ ଆରୋଗ୍ୟକାରୀ କର୍ମଶାଳାରେ ଅଂଶଗ୍ରହଣ କରିଛନ୍ତି, ପ୍ରାକୃତିକ ଔଷଧୀୟ ବୃକ୍ଷ, ଶାଳ, ଉଦ୍ଭିଦ, ଅଂଶ, ମୂଳ, ଏବଂ ଗୁଳି ସହିତ ଆରୋଗ୍ୟ ରୋଗ ବିଷୟରେ ସେମାନଙ୍କର ଜ୍ଞାନ ଏବଂ ଅଭିଜ୍ଞତା ବାଣ୍ଟିଛନ୍ତି ଏବଂ ଏନ୍ ଆଇ ଏଫ୍ ର ବୈଜ୍ଞାନିକମାନଙ୍କ ସହିତ ଘଟଣାଗୁଡ଼ିକୁ ଡକ୍ୟୁମେଣ୍ଟ୍ କରିଛନ୍ତି । ଡିଏଫଓ, ବଲାଙ୍ଗୀର ବୈଦ୍ୟ ଏବଂ ପ୍ରାକୃତିକ ଆରୋଗ୍ୟକାରୀଙ୍କୁ ଔଷଧୀୟ ଉଦ୍ଭିଦ, ଅଂଶ, ମୂଳ, ଏବଂ ଶୁଖିଲା ଫସଲର ବ୍ୟବହାର, ସଂରକ୍ଷଣ ଏବଂ ନିରନ୍ତର ଅମଳର ପ୍ରଚାର କରିବାକୁ ଅନୁରୋଧ କରିଥିଲେ ଏବଂ ସେହି ସମୟରେ ଏହି ପ୍ରସଙ୍ଗରେ ସମସ୍ତ ପ୍ରକାର ସମର୍ଥନ ନିଶ୍ଚିତ କରିଥିଲେ ।

## ଘୋଷଣାନାମା

ମୁଁ ଶ୍ରୀମତୀ ଲିଳିମଣି ବେହେରା, ବ୪୭ର୍ଷ, ସ୍ୱାମୀ: ଗୋପାଳ ବେହେରା, ସା:/ପୋ: ବରୁଣଗଡ଼ିଆ, ଥାନା: ବସ୍ତା, ଜିଲ୍ଲା: ବାଲେଶ୍ୱର ଘୋଷଣା କରୁଅଛୁ କି, ମୋର ଆଧାରକାର୍ଡ ନମ୍ବର ୫୫୨୦ ୮୩୮୨ ୩୩୬୮ରେ ମୋର ନାମ ଲିଳିମଣି ବେହେରା, ସ୍ୱା: ଗୋପାଳ ବେହେରା, ଗ୍ରାମ: ବରୁଣଗଡ଼ିଆ ରହିଛି, ଯାହାକି ଠିକ୍ ଓ ସତ୍ୟ ଅଟେ । କିନ୍ତୁ କେତେକ ଦରକାରୀ କାଗଜପତ୍ରରେ ମୋର ପିତ୍ରାଳୟ ଅନୁସାରେ ମୋର ନାମ ଲିଳିମଣି ବେହେରା ସ୍ଥାନରେ ଆରତୀ ସାମଲ, ପିତା: ପରମାନନ୍ଦ ସାମଲ ରହିଅଛି । ମୁଁ ନୋଟାରୀ ପବ୍ଲିକ, ବସ୍ତାଙ୍କ ଠାରେ ସତ୍ୟପାଠ ଦାଖଲ ଦ୍ୱାରା ଘୋଷଣା କରୁଅଛି କି, ଲିଳିମଣି ବେହେରା ଓ ଆରତୀ ସାମଲ ଏକ ଅଭିନ୍ନ ବ୍ୟକ୍ତି ଅଟନ୍ତି ।

ସ୍ୱା/-
ଲିଳିମଣି ବେହେରା

## ହାତ କଳା ପଡ଼ିବ ନାହିଁ

**ଗ୍ଲୋଭ୍ସ ନପିନ୍ଧି ଯିବା ଆସିବା କଲେ ହାତ କଳାପଡ଼ିଯାଉଛି । ବିଶେଷକରି ସାଇକଲ କିମ୍ବା ଗାଡ଼ି ଚଳାଉଥିଲେ ହାତ କଳା ପଡ଼ିବା ସ୍ୱାଭାବିକ । ଯୁବତୀମାନଙ୍କର ଏହା ଏକ ବଡ଼ ସମସ୍ୟା ।**

♦ରାତିରେ ଶୋଇବା ପୂର୍ବରୁ କ୍ଷୀର ସରରେ ଅଳ୍ପ ଲେମ୍ବୁରସ ଏବଂ କେଇ ଟୋପା ଗ୍ଲିସେରିନ୍ ମିଶାଇ ହାତରେ ଘଷନ୍ତୁ ।

♦୨ ଚାମଚ ବାଦାମ ରୋଗନ୍, ଗୋଟିଏ ଅଣ୍ଡାର କେଶର, ଚା'ଚାମଚରେ ୧ ଚାମଚ ମହୁ ନେଇ ଭଲଭାବେ ମିଶାନ୍ତୁ । ଏହାକୁ ହାତରେ ଭଲଭାବେ ଘଷି ସୂତା କପଡ଼ାର ଗ୍ଲୋଭ୍ସ ପିନ୍ଧିଦେବେ । ଅଧଘଣ୍ଟା ପରେ ଗ୍ଲୋଭ୍ସ ବାହାର କରି ପାଣିରେ କିଛି ଭିନେଗାର ମିଶାଇ ହାତ ଧୋଇନିଅନ୍ତୁ । ବଳକା ମିଶ୍ରଣ ବୋତଲରେ ଭର୍ତ୍ତିକରି ଫ୍ରିଜ୍‌ରେ ରଖିଦେବେ । ଏହା ଦୁଇସପ୍ତାହ ଯାଏ ଖରାପ ହୁଏନି । ଦିନକୁ ଦୁଇଥର ଏହି ମିଶ୍ରଣ ବ୍ୟବହାର କରିପାରିବେ ।

♦ଛୋଟ ଚାମଚରେ ୧ ଚାମଚ କ୍ଷୀର ନେଇ ସେଥିରେ କିଛି ବାଦାମ ବଟା, ଟୋପାଏ ଲେମ୍ବୁରସ, ଦୁଇଟୋପା ଗ୍ଲିସେରିନ୍ ଏବଂ ଦୁଇଟୋପା ଗୋଲାପ ଜଳ ମିଶାଇ ରାତିରେ ଶୋଇବା ପୂର୍ବରୁ ହାତରେ ଲଗାନ୍ତୁ । ସକାଳେ ବେସନ ଏବଂ ପାଣିରେ ଏହାକୁ ଧୋଇଦେବେ ।

♦ଦେଢ଼ ଲିଟର ପାଣିରେ ଫାଳେ ଲେମ୍ବୁର ରସ ମିଶାଇ ଏଥିରେ ୫ ମିନିଟ୍ ହାତ ବୁଡ଼ାଇ ରଖନ୍ତୁ । ଏହାପରେ ପୋଛିଦେବେ ।

♦ଅଧା ଚାମଚ ସୈନ୍ଧବ ଲବଣ, ୫-୬ ଟୋପା ଲେମ୍ବୁ ରସ, ଅଧା ଚାମଚ ଅଲିଭ୍ ତେଲ ନେଇ ଭଲଭାବେ ମିଶାଇ ହାତରେ ଗୋଲ୍‌ଗୋଲ୍ କରି ମାଲିସ୍ କରନ୍ତୁ । ଏହା ମୃତ ତ୍ୱଚା ବାହାର କରି ହାତକୁ ଗୋରା କରିଦେବ ।










## ଖାଦ୍ୟ ପ୍ରତି ହୁଅନ୍ତୁ ସତର୍କ

➤ଆବଶ୍ୟକତାଠାରୁ ଅଧିକ ପରିମାଣରେ ମିଠା ଖାଇଲେ ତ୍ୱଚାରେ ଗ୍ଲାଏସେସନ ନାମକ ପ୍ରକ୍ରିୟା ଆରମ୍ଭ ହୋଇଥାଏ । ଏହି କାରଣରୁ ତ୍ୱଚାରେ ଭାଙ୍ଗ ପଡ଼ିଥାଏ ।

➤କଫିରେ କେଫିନ ପରିମାଣ ଅଧିକ ଥିବାରୁ ଏହାକୁ ଯଥାସମ୍ଭବ କମ ପିଇବା ଉଚିତ । ଏହାକୁ ପିଇଲେ ଅନିଦ୍ରା ରୋଗ ହେବା ସହ ଆଖି ତଳେ କଳାଦାଗ ତ୍ୱଚାରେ ଭାଙ୍ଗ ପଡ଼େ ।

➤ଯୁବତୀ ଓ ମହିଳାମାନେ ଆଚାର କମ ପରିମାଣରେ ଖାଇବା ଭଲ । ଏଥିରେ ଅଧିକ ପରିମାଣରେ ତେଲ ଓ ଲୁଣ ବ୍ୟବହାର ହେଉଥିବାରୁ ହାଡ଼ ଦୁର୍ବଳ ହେବା ସହ ତ୍ୱଚା ଉପରେ କୁପ୍ରଭାବ ପକାଇଥାଏ ।






➤ଟମାଟୋ ସସ ମଧ ନ ଖାଇବା ଉଚିତ । ଏଥିରେ ଥିବା ଚିନି, ଲୁଣ ଓ ଅନ୍ୟାନ୍ୟ ସାମଗ୍ରୀ ତ୍ୱଚା ଉପରେ କୁପ୍ରଭାବ ପକାଏ ।






➤ମୃଦୁପାନୀୟ ପିଇବା ସମ୍ପୂର୍ଣ୍ଣ ଭାବେ ବନ୍ଦ କରିବା ଭଲ । ଏହା ଉଭୟ ତ୍ୱଚା ସ କେଶ ଉପରେ କୁପ୍ରଭାବ ପକାଏ ।

➤ପ୍ୟାକେଟରେ ଥିବା ଖାଦ୍ୟ ମଧ ନ ଖାଇବା ଉଚିତ । ଏହା ତ୍ୱଚାରେ ବୟସର ଛାପ ପକାଇଥାଏ ।

➤ଫାଷ୍ଟଫୁଡରେ ବ୍ୟବହୃତ ହେଉଥିବା ଅଜିନୋମୋଟୋ ମଧ ତ୍ୱଚା ପାଇଁ କ୍ଷତିକାରକ ବୋଲି ଜଣାପଡ଼ିଛି ।

## ମହିଳାମାନଙ୍କୁ ବାରଣ

ବିଶ୍ୱର ପ୍ରାୟତଃ ସବୁ ଦେଶରେ କେତେ ପ୍ରକାରର ନିୟମ ତିଆରି ହୋଇଛି । ଅନେକ ସ୍ଥାନରେ ପୁରୁଷ ଓ ମହିଳାମାନଙ୍କୁ ସମାନ ଅଧିକାର ଦିଆଯାଇଥାଏ । ଅନେକ ସ୍ଥାନରେ ମଧ ଅନ୍ତର ଦେଖାଯାଇଥାଏ । କିନ୍ତୁ ଜାପାନରେ ଏପରି ଏକ ସ୍ଥାନ ରହିଛି ଯେଉଁଠାରେ ମହିଳା ମାନଙ୍କୁ ଯିବାପାଇଁ ବାରଣ କରାଯାଏ ଓ ପୁରୁଷମାନଙ୍କ ପାଇଁ କଡ଼ା ନିୟମ ତିଆରି ହୋଇଛି । ଜାପାନରେ ଥିବା ଏହି ସ୍ଥାନକୁ ଓକିନୋଶିମା ଆଇଲ୍ୟାଣ୍ଡ ଭାବରେ ସମସ୍ତେ ଜାଣନ୍ତି । ଏହି ଆଇଲ୍ୟାରଣ୍ଡକୁ ଧାର୍ମିକ ସ୍ଥାନ ଭାବରେ ସମସ୍ତେ ମାନିଥାନ୍ତି । ତେଣୁ ପୁରାତନ ସମୟରୁ ସେଠାରେ ଧାର୍ମିକ ପାବନ୍ଧି ରହିଆସିଛି । ସେହି ଆଇଲ୍ୟାଣ୍ଡରେ ମୁନାକାତା ତାଇଶା ଓକିତସ୍କୁ ମନ୍ଦିର ଅବସ୍ଥିତ ଓ ସେଠାରେ ସମୁଦ୍ର ଦେବୀଙ୍କୁ ପୂଜା କରାଯାଏ । ସେଠାକୁ ଯିବାକୁ ହେଲେ ପୁରୁଷମାନଙ୍କୁ ନିବସ୍ତ୍ର ହୋଇ ସ୍ନାନ କରିବାକୁ ପଡ଼େ ।




## ପରିବା ସୁପ୍

**ଆବଶ୍ୟକ ସାମଗ୍ରୀ:**

ଛୋଟ ଛୋଟ କଟାଯାଇଥିବା ମଧ୍ୟମ ଆକାରର ଏକ ଗାଜର, ଏକ ଚତୁର୍ଥାଂଶ ଫୁଲକୋବି ଏବଂ ଶିମଳା ଲଙ୍କା (ମଞ୍ଜି କଢାଯାଇଥିବା), ଗ୍ରୀନ୍ ମଟର ଦାନା- ଅଧା ତାଟିଆ, ୧ ଇଞ୍ଚ ଅଦା କୋରା ହୋଇଥିବ କିମ୍ବା ପେଷ୍ଟ କରାଯାଇଥିବ, ବଡ଼ ଚାମଚରେ ୧ ଚାମଚ କର୍ନଫ୍ଲୋର, ୨ ଚାମଚ ବଟର ଏବଂ ୧ ଚାମଚ ଚିଲି ସସ୍, ଛୋଟ ଚାମଚରେ ଅଧା ଚାମଚ ଲେଖାଏଁ ଗୋଲମରିଚ ଗୁଣ୍ଡ ଏବଂ ଧଳା ମରିଚ ଗୁଣ୍ଡ, ସ୍ୱାଦାନୁସାରେ ଲୁଣ, ଫାଳେ ଲେମ୍ବୁ, କିଛି କଟା ଧନିଆ ପତ୍ର ।

**ପ୍ରସ୍ତୁତି :**

ପୂର୍ବରୁ ପରିବଗୁଡ଼ିକୁ ଧୋଇ କାଟି ଦିଆଯାଇଥିବ । ଏବେ ବଡ଼ ଚାମଚରେ ୨ ଚାମଚ ପାଣି ନେଇ ସେଥିରେ କର୍ନଫ୍ଲୋର ଭଲ କରି ଗୋଳାଇ ଦିଅନ୍ତୁ । ଏକ କଡ଼େଇ କିମ୍ବା ଡେକ୍‌ଚି ଚୁଲିରେ ବସାଇ ବଟର ପକାଇ ଗରମ କରିବା ପରେ ଅଦା ପେଷ୍ଟ ଏବଂ ସମସ୍ତ ପରିବା ପକାଇ ୨ ମିନିଟ୍ ଧିମା ଆଞ୍ଚରେ ଭାଜନ୍ତୁ । ଏହାପରେ ଘୋଡ଼ାଇ ୨ ମିନିଟ୍ ସିଝିବାକୁ ଛାଡ଼ିଦେବେ । ପରେ ୬୦୦ ମିଲି ପାଣି, ଗୋଳା ଯାଇଥିବା କର୍ନଫ୍ଲୋର, ଗୋଲମରିଚ ଗୁଣ୍ଡ, ଧଳା ମରିଚ ଗୁଣ୍ଡ, ଚିଲି ସସ୍ ଏବଂ ଲୁଣ ପକାଇ ସୁପ୍ ଫୁଟିବା ପର୍ଯ୍ୟନ୍ତ ଗୋଳାନ୍ତୁ । ଫୁଟିଆସିବା ପରେ ୩-୪ ମିନିଟ୍ ହାଲ୍‌କା ଆଞ୍ଚରେ ବସାଇ ରଖିବେ । ଏବେ ଗ୍ୟାସ୍ ବନ୍ଦ କରି ସୁପ୍‌ରେ ସ୍ୱାଦ ଅନୁସାରେ ଲେମ୍ବୁ ରସ, କଟା ଧନିଆ ପତ୍ର ଏବଂ ଅଳ୍ପ ବଟର ପକାଇ ଗୋଳାଇ ଦିଅନ୍ତୁ । ଗରମ ଗରମ ପରଷି ଦେବାକୁ ପରିବା ସୁପ୍ ପ୍ରସ୍ତୁତ ହୋଇଗଲା ।



## ପିଲାଙ୍କୁ କରାନ୍ତୁ ଦାୟିତ୍ୱବାନ୍

**ମା'ଗର୍ଭରୁ ପିଲା କିଛି ଶିଖି ଆସିନଥାନ୍ତି । ବରଂ ତା' ଲାଳନପାଳନରେ ଉଭୟ ମା' ଓ ବାପା ପ୍ରମୁଖ ଭୂମିକା ଗ୍ରହଣ କରିବା ଉଚିତ । ଶିକ୍ଷାର ଆମ ଦୈନନ୍ଦିନ ଜୀବନରେ ଆବଶ୍ୟକତା କେତେ, ତାହା ପିଲା ବିଦ୍ୟାଳୟ ଯିବା ପରେ ହିଁ ବିଭିନ୍ନ ଉଦାହରଣ ଦେଇ ହୃଦୟଙ୍ଗମ କରନ୍ତୁ । ପରିବାରଲୋକଙ୍କ ସହ ବାର୍ତ୍ତାଳାପ ଓ ଅତିଥି ଆସିଲେ ସେମାନଙ୍କ ବ୍ୟବହାର କିପରି ହେବା ଉଚିତ, ଏ ବାବଦରେ ମଧ ପିଲାଙ୍କୁ ବୁଝାନ୍ତୁ । ଅନେକଙ୍କ ପରିବାରରେ ବଡମାନେ ଅନେକ ପ୍ରସଙ୍ଗରେ କହିଦିଅନ୍ତି, ପିଲା ବଡ ହେଲେ ଆପେଆପେ ସବୁ ଶିଖିଯିବ । ଏହି ଧାରଣା ସମ୍ପୂର୍ଣ୍ଣ ଭୁଲ୍, କାରଣ ଯାହା ସେ ପିଲାଦିନେ ଶିଖେନାହିଁ, ବଡ ହେଲେ ମଧ ଗ୍ରହଣ କରିବନାହିଁ ।**





↔ ପିଲାଙ୍କୁ ମାଡ ନଦେଇ ବରଂ ଆକଟ କରନ୍ତୁ । ଏହି କାମକୁ ମା' ମାନେ ବେଶ୍ ଭଲଭାବେ ତୁଲାଇପାରିବେ । ସେମାନେ କୌଣସି କଥାକୁ ନେଇ ଜିଦ୍ କଲାବେପଳେ ଅନ୍ୟ କଥା କହି ଭୁଲାଇ ଦିଅନ୍ତୁ । ଜିଦ୍ ଥରେ ପୂରଣ କଲେ ପିଲା ପରେ ଅଧିକ ଜିଦ୍ କରିବା ଥୟ ।

↔ ପିଲାଙ୍କ ବନ୍ଧୁ ହେବାକୁ ଚେଷ୍ଟା କରନ୍ତୁ । ଆଉ ମନେରଖନ୍ତୁ, ବନ୍ଧୁ ହେବା ପରେ ଆପଣଙ୍କ ପିଲା ଯେପରି କଥା ମାନିବାକୁ ଭୁଲିନଯାଏ ।

↔ ଟିଭି ଦେଖିବା ଓ ପାଠ ପଢା ସବୁର ଏକ ନିର୍ଦ୍ଦିଷ୍ଟ ସମୟ ରଖନ୍ତୁ । ଛୋଟ ପିଲାଙ୍କୁ ଅତିବେଶୀରେ ୨ ଘଣ୍ଟା ପାଠ ପଢାଇବାର ସମୟ ରଖନ୍ତୁ ।

↔ ଅଭିଭାବକ ମନେରଖନ୍ତୁ, ଶିକ୍ଷା ନିତାନ୍ତ ଜରୁରୀ, କିନ୍ତୁ ଏହାର ଅର୍ଥ ନୁହେଁ ଯେ ସେ ଶ୍ରେଣୀରେ ପ୍ରଥମ ହେବା ପ୍ରମୁଖ ଆବଶ୍ୟକତା ।

↔ ଯଦି କୌଣସି ପରିସ୍ଥିତିରେ ପରିବାରର କୌଣସି ସଦସ୍ୟ ପିଲାର ଭୁଲ୍ ଦେଖି ତାକୁ ବୁଝାଉଛନ୍ତି କିମ୍ବା ବିରକ୍ତ ପ୍ରକାଶ କରୁଛନ୍ତି, ସେଭଳି ପରିସ୍ଥିତିରେ ଆପଣ ପିଲାର ସପକ୍ଷ ନ ନେଇ ବରଂ ସେଇ ସ୍ଥାନରୁ ଚାଲିଯିବା ଉଚିତ । ପରେ ଘଟଣାର ତର୍ଜମା କରିନେବେ ।

## ନେଲପଲିସ୍ ଲଗାଇବାର ସହଜ ଉପାୟ



ନେଲପଲିସ୍ ଲଗାଇବାରେ ଏତେ ସମୟ ଖର୍ଚ୍ଚ କରିବା ପରେ ମଧ ଓ ପାର୍ଲରରେ ଟଙ୍କା ଖର୍ଚ୍ଚ କରିବା ସତ୍ତ୍ୱେ ଆମେ କରିଥିବା ମାନିକ୍ୟୋର ଖରାପ ହୋଇଯାଏ । ତେବେ କେତୋଟି ସହଜ ଉପାୟରେ ଆପଣ ଆପଣଙ୍କର ମାନିକ୍ୟୋରକୁ ଦୀର୍ଘ ସମୟ ପର୍ଯ୍ୟନ୍ତ ରଖିପାରିବେ । ଆପଣ ଯଦି କୌଣସି ପ୍ରଫେସନାଲ ଠାରୁ ନେଲ୍ ପଲିସ୍ ଲଗାଉଛନ୍ତି ତେବେ ସେ ପ୍ରଥମେ ଆପଣଙ୍କ ନଖ ସଫା କରୁଥିବେ । ନେଲ୍‌ପଲିସ୍ ଲଗାନଯାଇଥିଲେ ମଧ ନେଲ୍‌ପଲିସ ରିମୁଭର ନିଶ୍ଚୟ ଲଗାଉଥିବେ । ସେଥିପାଇଁ ନେଲପଲିସ୍ ଲଗାଇବା ପୂର୍ବରୁ ଭଲ କ୍ୱାଲିଟିର ନେଲ୍‌ପଲିସ ରିମୁଭର ଦ୍ୱାରା ନଖ ସଫା କରନ୍ତୁ । ନଖ ସଫା କରିବା ପୂର୍ବରୁ ନଖକୁ ବେସ୍ କୋଟ ସାହାଯ୍ୟରେ ପ୍ରସ୍ତୁତ କରନ୍ତୁ ।

ଜାଣିବାକୁ ଅଜବ ଲାଗୁଥିଲେ ମଧ ଏହା ସତ ଯେ ପତଳା କୋଟ୍‌ସ ଡେରିରେ ଉଠିଥାଏ । ସେଥିପାଇଁ ଦୁଇଟି ମୋଟା କୋଟ୍ ବଦଳରେ ତିନୋଟି ପତଳା କୋଟ୍‌ସ ଲଗାନ୍ତୁ । ସେଥିରେ ଦୁଇଟି କୋଟସ୍ କମ୍ ସମୟ ମଧରେ ଶୁଖିଯିବ ଓ ନେଲ୍ ପଲିସ୍ ଲଗାଇବା ସମୟରେ ବବଲ୍ସ ଉଠିବାର ଆଶଙ୍କା ମଧ ରହିବନି । ନେଲ୍ ପଲିସ୍ ଭଲ କ୍ୱାଲିଟିର ହେବା ଆବଶ୍ୟକ । ନେଲ୍ ପଲିସ୍ ଲଗାଇବା ପୂର୍ବରୁ ଟିପ୍‌କୁ ପଲିସ୍ କରିବାକୁ ଭୁଲନ୍ତୁ ନାହିଁ । ଏଥିରେ ମଧ ନେଲ୍ ପଲିସ୍ ଉଠିବାର ଭୟ ରହିବ ନାହିଁ । ଯଦି ଅପାଣ ଶିମରର ବ୍ୟବହାର କରୁଛନ୍ତି ତେବେ ଟିପ୍‌ସରେ କିଛି ସ୍ୱାରକଲ୍ସ ଛିଡକାଇ ଦିଅନ୍ତୁ । ଟପ୍ କୋଟ୍ ସବୁବେଳେ ମାନୀକ୍ୟୋରର ଲାଇଫ୍ ବଢାଇଥାଏ । ଆପଣ ବେସ୍ କୋଟ୍‌କୁ ଟପ୍‌କୋଟ୍ ପରି ବ୍ୟବହାର କରିପାରିବେ । ନଖର ସାଇଡରେ ଓ ତା'ର ଚାରିପାଖ ଓ ଟପ୍‌କୋଟ୍‌କୁ ବ୍ରଶ କରିବାକୁ ଭୁଲନ୍ତୁ ନାହିଁ । ନଖକୁ ଶୁଖିବାକୁ ବହୁତ ସମୟ ଲାଗେ ଓ ନେଲପଲିସ୍ ଶୁଖିଯିବା ପରେ ନଖକୁ ଥଣ୍ଡା ପାଣିରେ ବୁଡାଇ ଦିଅନ୍ତୁ ଓ ଲେଶନ୍ ଲଗାନ୍ତୁ । ଏଥିରେ ନେଲ୍ ପଲିସ୍ ଚିକ୍‌କଣ ହୋଇଯିବ ।

## ଚୁଟି ଛିଡିବାର ବଡ କାରଣ ଭୁଲ୍ ଧାରାରେ ମୁଣ୍ଡ କୁଣ୍ଡାଇବା

ଭଲ ଏବଂ ଦାମୀ ସାମଗ୍ରୀ ବ୍ୟବହାର କରିବା ସତ୍ତ୍ୱେ ଅନେକ ସମୟରେ ଚୁଟି ଝଡିବା କମ୍ ହୋଇନଥାଏ । ବିଶେଷଜ୍ଞମାନଙ୍କ ମତରେ ଚୁଟି ଝଡିବାର ବଡ କାରଣ ମଧରୁ ଗୋଟିଏ ହେଉଛି ଭୁଲ୍ ଧାରାରେ ମୁଣ୍ଡ କୁଣ୍ଡାଇବା । ଏଥିପାଇଁ ସେମାନେ କିଛି ପରାମର୍ଶ ମଧ ଦେଇଛନ୍ତି ।

ଯଦି ଅଧିକାଂଶ ସମୟରେ ଚୁଟି ଅଡୁଆ ହୋଇରୁଛି ତେବେ ମୁଣ୍ଡ କୁଣ୍ଡାଇବା ସମୟରେ ମୂଳରୁ ନୁହେଁ ତଳ ଆଡୁ ପାନିଆରେ ଅଡୁଆ ଛଡାଇ ଧିରେଧିରେ ଉପରକୁ ଯିବା ଆବଶ୍ୟକ । ଯାହାଦ୍ୱାରା ମୁଣ୍ଡ କୁଣ୍ଡାଇବା ସହଜ ହୋଇଥାଏ ଏବଂ ଅଡୁଆ ଚୁଟି ସଳଖ ହୋଇଥାଏ ।



ଯଦି ଆପଣଙ୍କ ଚୁଟି ଲମ୍ବା ଏବଂ ଘନ, ତେବେ ଭଲ ହେବ ମୁଣ୍ଡ କୁଣ୍ଡାଇବା ସମୟରେ ଏକାଠି ସବୁ ଚୁଟି ନୁହେଁ ବରଂ ଅଳ୍ପ ଅଳ୍ପ ଚୁଟିକୁ ପାନିଆରେ କୁଣ୍ଡାନ୍ତୁ । ଏହା କରିବା ସମୟରେ ତରତର ହୁଅନ୍ତୁ ନାହିଁ । ସିରମ୍ ବ୍ୟବହାର କେବଳ ଚୁଟି ଧୋଇବା ସମୟରେ ନୁହେଁ ବରଂ ଯେତେବେଳେ ଶୁଖିଲା । ଥାଏ ସେତେବେଳେ ନିଜ ହାତରେ ସିରମ୍ ଲଗାଇ ପାନିଆ ବ୍ୟବହାର କରିବା ଉଚିତ୍ । ଏହାଦ୍ୱାରା ଚୁଟି ଛିଡିବା କମିଥାଏ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଦୁଇଶକ୍ତି ଗଭୀର ମିତ୍ରତାରେ...

ଚୀନ ରାଷ୍ଟ୍ରପତି ସି. ଜିଙ୍ଗ୍ ସମ୍ପ୍ରତି ବଷ୍ ଗସ୍ତରେ ଅଛନ୍ତି । ୟୁକ୍ରେନ୍ ସହ ବର୍ଷାଧିକ କାଳ ରକ୍ତକ୍ଷୟୀ ଯୁଦ୍ଧରେ ଥିବା ରୁଷକୁ ଏହା ଚୀନ୍ ରାଷ୍ଟ୍ରପତିଙ୍କ ପ୍ରଥମ ପରିଦର୍ଶନ। ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍ ଚୀନ ନେତାଙ୍କ ଗସ୍ତକୁ ଐତିହାସିକ ବୋଲି ବର୍ଣ୍ଣନା କରିଥିବା ବେଳେ ରାଷ୍ଟ୍ରପତି ଜିପିଙ୍ଗ୍ ଶାନ୍ତିର ବାର୍ତ୍ତା ଆଣି ମସ୍କୋ ଆସିଥିବାର ଦର୍ଶାଇଛନ୍ତି। ଉଭୟ ଚୀନ୍ ଓ ରୁଷ୍ ପୃଷ୍ଠଭୂମି ଦେଖିଲେ ସେମାନଙ୍କ ଭିତରେ ମିତ୍ରତା ରହିଛି। ମାତ୍ର କ୍ରମାଗତ ସଂଘର୍ଷ ପରିପ୍ରେକ୍ଷିରେ ଚୀନ୍ ନେତାଙ୍କ ମସ୍କୋ ଗସ୍ତର ଗୁରୁତ୍ୱ ଅଧ ମନେହୁଏ। ନିକଟରେ ପୁଟିନ୍‌ଙ୍କ ଯୁଦ୍ଧ ଅପରାଧୀ ରୂପେ ଘୋଷଣା କରାଯିବା ସହିତ ତାଙ୍କ ବିରୋଧରେ ଗିରଫ ପରଓ୍ୱାନା ଜାରି ଲାଗି ଉଦ୍ୟମ ହେତୁକ ଜଟିଳ ସ୍ଥିତି ଉତ୍ପନ୍ନ ହେବାପରେ ଜିନ୍‌ଙ୍କର ଗସ୍ତ ଅଧିକ ମହତ୍ତ୍ୱ ରଖିଛି । ଯୁଦ୍ଧ ବନ୍ଦ କରିବା ଦିଗରେ ରୁଷ୍ ନେତାଙ୍କ ଉପରେ ଚାପ ପକାଯିବା ସକାଶେ ଏହା ଚୀନ୍ ରାଷ୍ଟ୍ରପତିଙ୍କର ଗସ୍ତର ଉଦ୍ଦେଶ୍ୟ ବୋଲି କୁହାଯାଉଛି। ୟୁକ୍ରେନ୍ ଏତେସମୟ ଧରି ନାଟୋ ମେଣ୍ଟ ଇସାରାରେ ନାଚୁଥିଲା। ଆମେରିକା, ବ୍ରିଟେନ୍ ଭଳି ନାଟୋ ରାଷ୍ଟ୍ରଙ୍କ ଦ୍ୱାରା ଜେଲିନସ୍କି ଅର୍ଥ ଓ ଅସ୍ତ୍ରଦଳ ପାଇଁ ରୁଷ ବିରୋଧରେ ଯେଉଁଭଳି ମୋର୍ଚ୍ଚା ଖୋଲିଛନ୍ତି ତାହା ସମଗ୍ର ବିଶ୍ୱ ଦେଖୁଛି । ଏପର୍ଯ୍ୟନ୍ତ ଚୀନ୍ କୌଣସି ଭାବରେ ପକ୍ଷଭୁକ୍ତ ହୋଇନାହିଁ । ମାତ୍ର ଭାରତ ଓ ଚୀନ୍ ଜାତି ସଂଘର ରୁଷ-ବିରୋଧୀ ସଂକଳ୍ପ ପ୍ରସ୍ତାବକୁ ସମର୍ଥନ ଦେଇନଥିଲେ। ଏହି ଦୁଇ ଦେଶ ଚୀନ୍ ଓ ଭାରତ ଯୁଦ୍ଧ ବନ୍ଦ ସକାଶେ ସକାରାତ୍ମକ ପଦକ୍ଷେପ ନେଇପାରନ୍ତି ବୋଲି ଆଶା କରାଯାଉଥିଲା । ବୈଶ୍ୱିକ ଶାସନରେ ଚୀନ୍ ଅପେକ୍ଷିତ ଭୂମିକା ସମ୍ପାଦନ କରିପାରିବ ବୋଲି ରୁଷ ନେତା ପୁଟିନ୍ ଆଶାବାଦୀ ଥିବାବେଳେ ଉଭୟ ନେତା ବିକାଶ ଓ ଶାନ୍ତି ଲାଗି କିଭଳି ସକାରାତ୍ମକ ଦାୟିତ୍ୱ ତୁଲାଇ ପାରିବେ, ତାହା ଉପରେ ତମାମ୍ ବିଶ୍ୱର ନଜର ରହିଥିବା ସ୍ୱାଭାବିକ । ନାଟୋ ରାଷ୍ଟ୍ରଗୁଡ଼ିକ ବେଶୀକାଳ ଯୁଦ୍ଧ ଲାଗିଲେ ପୁଟିନ୍ ଓ ତାଙ୍କ ଦେଶ ଅଧିକ ସଙ୍କଟଗ୍ରସ୍ତ ହେବ ଓ ଦେଶର ଅର୍ଥନୀତି ପୂରା ବିଗିଡ଼ିଯିବ ବୋଲି ବିଚାରି ଆସୁଥିଲେ। ସେଥିରେ ଆଦୌ ଦ୍ୱିରୁକ୍ତି ନାହିଁ । ୟୁକ୍ରେନ୍ ଏବେ ମଶାଣି ଭୂଇଁରେ ପରିଣତ ହୋଇସାରିଲାଣି, ସେମିତି ରୁଷର ଲକ୍ଷ ଲକ୍ଷ ସାମରିକ ଶକ୍ତି ଭସ୍ମସାତ୍ ହୋଇସାରିଲେଣି। ରୁଷ ଅର୍ଥନୀତି ସମ୍ପୂର୍ଣ୍ଣ ଦେବାଳିଆ ହେବାକୁ ଆଉ କିଛି ବାକି ନାହିଁ । ଚୀନ୍ ନେତା ବିଳମ୍ବରେ ହେଲେ ସୁଦ୍ଧା ଶାନ୍ତି ପ୍ରସ୍ତାବ ଧରି ମସ୍କୋରେ ପହଞ୍ଚିଛନ୍ତି। କିନ୍ତୁ ତାଙ୍କ ମିସନ୍ କେତେଦୂର ଫଳପ୍ରସୂ ହେଉଛି, ତାହା ଉପରେ ସମସ୍ତଙ୍କର ଦୃଷ୍ଟି ରହିବା ସ୍ୱାଭାବିକ। ପୁଟିନ୍-କିନ୍‌ପିଙ୍ଗ ସାକ୍ଷାତ ଆଲୋଚନାର ନିଷ୍କର୍ଷ ଯାହା ହେଉନା କାହିଁକି, ବର୍ଷାଧି ଲାଗିରହିଥିବା ଯୁଦ୍ଧର ଅବସାନ ଦିଗରେ ସକାରାତ୍ମକ ରହିବ, ତାହା ଆଶା କରାଯାଉଛି । ଦୁଇ ଦେଶ ଭିତରେ ଏକାଧ୍ୟକ ଚୁକ୍ତି ସ୍ୱାକ୍ଷର ହେବାର ସମ୍ଭାବନା ଭିତରେ ଉଭୟ ଚୀନ୍ ଓ ରୁଷ ମଧ୍ୟରେ ସହଯୋଗ ବୃଦ୍ଧି ପାଇଁ ପଦକ୍ଷେପ ନିଆଯିବାର ସୁଯୋଗ ଓ ସମ୍ଭାବନା ରହିବାର ଆଶା ରହିଛି। ବିଶ୍ୱସ୍ତରରେ ଅସୁମାରୀ ଜଟିଳତା ବରାବର ଲାଗିରହିଛି । ଜଳବାୟୁ ଠାରୁ ଆରମ୍ଭ କରି ବିଶ୍ୱତାପନ ସମସ୍ୟା ସବୁ ଦେଶକୁ ଆକ୍ରାମାକ୍ତା କରିସାରିଲାଣି । ତାହା ସମସ୍ତଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ହୋଇଥିବା ବେଳେ ସେ ଦିଗରେ ସାଧନର ଉପଯୋଗ ଅଧି ଜରୁରି ହୋଇଉଠିଥିବା ବେଳେ ଯୁଦ୍ଧ ବିଗ୍ରହରେ ତାହା ବିନଷ୍ଟ ହେବା କିଭଳି ଚିନ୍ତା ଜନକ ହେଉଛି, ସମସ୍ତେ ବିଚାରୁଛନ୍ତି । ପରିପ୍ରେକ୍ଷିରେ ପରିବର୍ତ୍ତନ ଏଭଳି ଯୁଦ୍ଧ ବିଗ୍ରହ ପାଇଁ ଆଦୌ ଅନୁକୂଳ ନୁହେଁ, ବରଂ ପ୍ରତିକୂଳତା ଆଣିଦେଇଛି । ଚୀନ ନେତାଙ୍କ ମସ୍କୋ ଗସ୍ତ ସମଗ୍ର ପ୍ରକରଣକୁ ନୂତନ ଦିଶା ଦେଖାଇବା ଆଶା କରାଯାଏ । ଏଭଳି ପରିସ୍ଥିତି ଦିନେ ବିଶ୍ୱଯୁଦ୍ଧ ପାଇଁ ବାଟ କଢ଼ାଇପାରେ । ଜାତିସଂଘ ଓ ଅନ୍ୟ ସଂସ୍ଥାମାନେ ପୁଟିନଙ୍କୁ ଯୁଦ୍ଧ ଅପରାଧୀ ଘୋଷଣା କରିଥିବାବେଳେ ଚୀନ୍ ଏମିତିରେ ଆମେରିକା ଓ ବ୍ରିଟେନ୍ ସହିତ ଭଲ ସମ୍ପର୍କ ରଖୁନାହିଁ । ଯେହେତୁ ରୁଷ୍ ଓ ଚୀନ୍ ଏବେ ଏକାଠି ହୋଇଛନ୍ତି, ତାହାର ଦୂରଗାମୀ ପରିଣତି କ'ଣ ହୋଇପାରେ ତାହା ଚିନ୍ତନର ଅପେକ୍ଷା ରଖେ । ଚୀନ୍ ଏବଂ ରୁଷିଆର ସମ୍ପର୍କ ବୃଦ୍ଧି ୟୁକ୍ରେନ୍ ଯୁଦ୍ଧକୁ ସହଯୋଗର ଇନ୍ଧନ ନ ଯୋଗାଉ । ତାହା ଯୁଦ୍ଧକୁ ଅଧିକ କାଳ ଜାରି ରଖିବା ସକାଶେ ପ୍ରେରଣା ଯୋଗାଇବାର ସମ୍ଭାବନାକୁ ଅଧିକ ମଜବୁତ କରିବ ।

## ଭୟାନକ ଯକ୍ଷ୍ମା ଓ ଯକୃତ୍ ସଂକ୍ରମଣ

### ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର



୧୮୮୨ ମସିହା । ସେତେବେଳେ ୟୁରୋପ ଏବଂ ଆମେରିକା ମହାଦେଶରେ ଥିଲା ଯକ୍ଷ୍ମାର ପ୍ରାଦୁର୍ଭାବ। ଏହି ରୋଗରେ ପ୍ରାୟ ପ୍ରତି ସାତ ଜଣ ବ୍ୟକ୍ତିଙ୍କ ମଧ୍ୟରୁ ଜଣେ ମୃତ୍ୟୁବରଣ କରୁଥିଲେ । ଏହାର ଭୟାବହତାକୁ ଲକ୍ଷ୍ୟ କରିଥିଲେ ବର୍ଲିନର ଡାଃ ରବର୍ଟ କୋକ୍ । ତା'ପରେ ସେ ଲାଗିପଡ଼ିଲେ ଏହି ରୋଗ ପଛରେ ଥିବା କାରଣକୁ ଖୋଳିବା ପାଇଁ । ବାସ୍, ତା'ପରେ ଡାଃ କୋକ୍ ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ଯୋଡ଼ିଥିଲେ ସଫଳତାର ଆଉ ଏକ ଫର୍ଦ୍ଦ । ଦୀର୍ଘଦିନର ଗବେଷଣା ପରେ ସେ ଚିହ୍ନଟ କରିଥିଲେ ଯକ୍ଷ୍ମା ପାଇଁ ଦାୟୀ ବ୍ୟାକ୍ଟେରିଆକୁ । ଏହି ବ୍ୟାକ୍ଟେରିଆକୁ ଡାଃ କୋକ୍ 'ମାଇକୋବ୍ୟାକ୍ଟେରିୟମ୍ ଟ୍ୟୁବରକ୍ୟୁଲୋସିସ୍' ନାମରେ ନାମିତ କରିଥିଲେ । ତା'ପରେ ଯକ୍ଷ୍ମାର ଚିହ୍ନଟ ଏବଂ ଚିକିତ୍ସା ପାଇଁ ଦ୍ୱାର ଉନ୍ମୁକ୍ତ ହୋଇଥିଲା । ଯେଉଁଦିନ ସେ ଏହି ଐତିହାସିକ ସଫଳତା ହାସଲ କରିଥିଲେ ତାହା ଥିଲା ୧୮୮୨ ମାର୍ଚ୍ଚ ୨୪ ତାରିଖ । ଆଉ ସେହି ଦିନକୁ ସ୍ମରଣ କରିବା ପାଇଁ ପ୍ରତିବର୍ଷ ପାଳିତ ହୋଇ ଆସୁଛି 'ବିଶ୍ୱ ଯକ୍ଷ୍ମା ଦିବସ'। ସମଗ୍ର ବିଶ୍ୱକୁ ଯକ୍ଷ୍ମାମୁକ୍ତ କରିବା ଏହି ଦିବସର ପ୍ରମୁଖ ଲକ୍ଷ୍ୟ । ଅନେକ ଲୋକ ଅଛନ୍ତି ଯେଉଁମାନେ ଏହି ରୋଗର ଲକ୍ଷଣ ସମ୍ପର୍କରେ ସଚେତନ ନୁହନ୍ତି । କେତେକ ଜାଣିପାରିଲେ ମଧ ତାହାର ଚିକିତ୍ସା ସଠିକ୍ ସମୟରେ କରାଇ ନଥାନ୍ତି, ଯାହାଫଳରେ ପରବର୍ତ୍ତୀ ସମୟରେ ରୋଗ ଜଟିଳ ଆକାର ଧାରଣ କରିଥାଏ । ଏହି ଦିବସ ଅବସରରେ ବିଶ୍ୱର ବିଭିନ୍ନ ସ୍ଥାନରେ ଆଲୋଚନାଚକ୍ର, ସଚେତନତା ଶିବିର, ଚିକିତ୍ସା ଶିବିର ଆଦି ଆୟୋଜିତ ହୋଇଥାଏ । ଲୋକମାନଙ୍କୁ ଯକ୍ଷ୍ମାରୋଗ ସମ୍ପର୍କରେ ସଚେତନ କରାଇବା ଉକ୍ତ ଦିବସର ଅସଲ ଉଦ୍ଦେଶ୍ୟ । ଆଉ ଏହି ଦିବସ ପାଳନ ଅବସରରେ ସର୍ବାଗ୍ରେ ସ୍ମରଣ କରାଯାଇଥାଏ ଡାଃ କୋକ୍‌ଙ୍କୁ । ୧୯୮୨ରେ ଇଣ୍ଟରନ୍ୟାସନାଲ ୟୁନିୟନ ଏଗେନ୍‌ଷ୍ଟ ଟ୍ୟୁବରକୁଲୋସିସ୍ ଆଣ୍ଡ ଲଙ୍ଗସ ଡିଜିଜ୍ (ଆଇୟୁଏଟିଏଲଡ଼ି) ଆନୁକୂଲ୍ୟରେ ତାଙ୍କର ଜନ୍ମ ଶତବାର୍ଷିକୀ ପାଳନ ହୋଇଥିଲା। ଏହି ଅବସରରେ ଯକ୍ଷ୍ମାର ନିରାକରଣ ପାଇଁ ଉପରୋକ୍ତ ସଂସ୍ଥା ପକ୍ଷରୁ ମାର୍ଚ୍ଚ ୨୪ ତାରିଖକୁ 'ବିଶ୍ୱଯକ୍ଷ୍ମା ଦିବସ' ରୂପରେ ପାଳନ କରିବାକୁ ପ୍ରସ୍ତାବ ଦିଆଯାଇଥିଲା । ୧୯୯୬ରେ ଆଇୟୁଏଟିଏଲଡ଼ି ସହ ଏହି ଅଭିଯାନରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ମଧ ହାତ ମିଳାଇଥିଲା । ସମ୍ପ୍ରତି ବିଶ୍ୱସ୍ତରରେ ନିଜର ଭୟଙ୍କର କାୟା ମେଲିଥିବା ଯକ୍ଷ୍ମା ଆରୋଗ୍ୟସାଧ ହେଲେ ମଧ ଏହି ରୋଗ ସମ୍ପର୍କରେ ପ୍ରତିବର୍ଷ ସଚେତନତା ସୃଷ୍ଟି କରାଯାଉଥିଲେ ବି ଏହାକୁ ଆହୁରି ସୁଦୂରପ୍ରସାରୀ କରିବାକୁ ସମସ୍ତଙ୍କର ସହଯୋଗ ଲୋଡ଼ା । ଯକ୍ଷ୍ମା ଦିବସ ଅବସରରେ ବିଶ୍ୱସ୍ୱାସ୍ଥ୍ୟସଂଗଠନ ପକ୍ଷରୁ ପ୍ରକାଶିତ ବାର୍ତ୍ତାରେ ମତବ୍ୟକ୍ତ କରାଯାଇଛି ଯେ ସମସ୍ତେ ଯେପରି ଏହି ରୋଗର ନିରାକରଣ ପ୍ରତି ଆଗ୍ରହ ପ୍ରକାଶ କରିବା ଦରକାର । ସଚେତନତା ସୃଷ୍ଟି ସହ ଏହି ରୋଗକୁ ସଂପୂର୍ଣ୍ଣ ମୂଳୋତ୍ପାଟନ କରିବାଲାଗି ସମସ୍ତେ ହାତ ମିଳେଇ କାମ କରିବା ଜରୁରୀ । ନହେଲେ ଏହାର ନିରାକରଣ ସମ୍ଭବ ହୋଇପାରିବ ନାହିଁ ।

ସମ୍ପ୍ରତି ଭୟାବହ ଯକ୍ଷ୍ମାର ନିରାକରଣ ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଠାରୁ କେନ୍ଦ୍ରସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ, ଡେନ୍‌ମାର୍କ ସରକାରଙ୍କ ଡାନିଡ଼ା ପ୍ରକଳ୍ପ ହେଉ ବା ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଯକ୍ଷ୍ମାରୋଗ ପାଇଁ ବିଭିନ୍ନ ତତ୍‌କାଳ ପଦକ୍ଷେପ ଦ୍ୱାରା ଏହାର ନିରାକରଣ ପାଇଁ ପ୍ରଚେଷ୍ଟା ଜାରି ରଖିଛନ୍ତି । ସମ୍ପ୍ରତି ସରକାର ଯକ୍ଷ୍ମାରୋଗ ପାଇଁ ଡଟ୍‌ସ୍ ପଦ୍ଧତିକୁ ରୋଗୀମାନଙ୍କ ପାଖରେ ପହଞ୍ଚାଇବା ପାଇଁ ସ୍ୱାସ୍ଥ୍ୟକର୍ମୀ, ଅଙ୍ଗନବାଡ଼ିକର୍ମୀ, ଆଶା କର୍ମୀଠାରୁ ସ୍ୱେଚ୍ଛାସେବୀ ସଂଗଠନଙ୍କ ସହାୟତାରେ ଏହାର ନିରାକରଣ ପାଇଁ ବିଭିନ୍ନ ଜନହିତକର କାର୍ଯ୍ୟକ୍ରମ ହାତକୁ ନେଇ ବେଶ୍ ସଫଳ ହୋଇଛନ୍ତି । ସରକାରଙ୍କୁ ବିଭିନ୍ନ ବେସରକାରୀ ସଂଗଠନ ମଧ ଏ କ୍ଷେତ୍ରରେ ସହଯୋଗର ହାତ ବଢ଼ାଇଛନ୍ତି । ରାଜ୍ୟର ବିଭିନ୍ନ ସ୍ଥାନରୁ ରୋଗୀମାନଙ୍କୁ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇବା ସହ ସଚେତନଧର୍ମୀ କାର୍ଯ୍ୟକ୍ରମ ଦ୍ୱାରା ଯକ୍ଷ୍ମାର ଭୟାବହତାକୁ ଲୋକମାନଙ୍କ ଭିତରୁ ଦୂରେଇ ପାରିବା ସହ ସେମାନଙ୍କ ଭିତରେ ସଚେତନତାର ବାର୍ତ୍ତା ପହଞ୍ଚାଇ ପାରିଛି । ଯକ୍ଷ୍ମା ଏକ ଭୟାନକ ସଂକ୍ରମିତ ରୋଗ ହୋଇଥିଲେ ବି ପ୍ରାଥମିକ ଅବସ୍ଥାରେ କଫ ପରୀକ୍ଷା ଦ୍ୱାରା ଏହାର ନିରାକରଣ ନୁହେଁ ବରଂ ମୂଳପ୍ରୋଟନ ମଧ ହୋଇପାରୁଛି । ଯକ୍ଷ୍ମା କ୍ଷେତ୍ରରେ ଜଣେ ରୋଗୀକୁ ଦୀର୍ଘଦିନ ଧରି କାଶ ହେଉ ବା ଜ୍ୱର, ରାତିରେ ଝାଳ ବୋହିବା ଠାରୁ ଭୋକ କମିଯିବା, ଓଜନ କମିଯିବା ଓ ଛାତିରେ ଯନ୍ତ୍ରଣା ହେବାପରି ଲକ୍ଷଣ ଶରୀରରେ ପ୍ରକାଶ ପାଇଥାଏ । ଶରୀରର ସମସ୍ତ ଅଙ୍ଗକୁ ଏହି ଯକ୍ଷ୍ମା ଜୀବାଣୁ ଆକ୍ରାନ୍ତ କରେ। ସାଧାରଣତଃ ଫୁସ୍‌ଫୁସ୍‌କୁ ଏହା ପ୍ରଥମେ ଆକ୍ରମଣ କରେ ଓ ପରବର୍ତ୍ତୀ କ୍ଷେତ୍ରରେ ଏହା ଶରୀରର ସମସ୍ତ ଅଙ୍ଗକୁ ଆକ୍ରାନ୍ତ କରେ। ରୋଗୀର ରୋଗପ୍ରତିରୋଧକ ଶକ୍ତି ଉପରେ ଏହି ଆକ୍ରାନ୍ତର ଭୟାବହତା ନିର୍ଭର କରେ। ଖାଦ୍ୟନଳୀ, ଯକୃତ୍, ଅଗ୍ନ୍ୟାଶୟ, ବୃକକ୍, ମସ୍ତିଷ୍କ, ଅସ୍ଥି, ମଜ୍ଜା, ଗଣ୍ଠି, ଆଖି, ଜରାୟୁ, ଚମଡ଼ା ଓ ହୃଦ୍‌ଯନ୍ତ୍ର ଇତ୍ୟାଦି ଅଙ୍ଗ ଏହି ଯକ୍ଷ୍ମାରୋଗରେ ଆକ୍ରାନ୍ତ ହୁଏ। ଏହି ସବୁ ରୋଗକୁ ଏକ୍ସଟ୍ରା ପାଲମୋନାରୀ ଟ୍ୟୁବରକ୍ୟୁଲୋସିସ୍ କୁହାଯାଏ। ଏହି କ୍ଷେତ୍ରରେ ସବୁଠାରୁ ବଡ଼ ଦାୟିତ୍ୱ ହେଉଛି ସମ୍ପୃକ୍ତ ରୋଗୀର କାଶ, କଫ, ଛେପ, ଖଙ୍କାର ଯେପରି କାହାର ସଂସ୍ପର୍ଶରେ ନ ଆସେ ସେଥିପ୍ରତି ସଜାଗ ହେବା । ତେବେ ଯକ୍ଷ୍ମା ଆଉ ଭୟାନକ ହୋଇରହି ନାହିଁ ଏବଂ ଡାକ୍ତର କୋକ୍‌ଙ୍କ ଦୀର୍ଘଦିନର ଗବେଷଣାର ଫଳ ଆଜି ସଫଳ ହୋଇଛି । ବେଳେ ବେଳେ ଏହି ମାଇକୋବ୍ୟାକ୍ଟେରିୟମ୍ ଟ୍ୟୁବରକ୍ୟୁଲୋସିସ୍ ଡଟ୍‌ସ ଚିକିତ୍ସା ପଦ୍ଧତିରେ ନିୟନ୍ତ୍ରଣ ହୁଏ ନାହିଁ। ଏହି କ୍ଷେତ୍ରରେ ଦ୍ୱିତୀୟସ୍ତରର ଚିକିତ୍ସା ପଦ୍ଧତିକୁ ଅନୁସରଣ କରାଯାଏ। ଏହାକୁ ଡ୍ରଗ୍ ରେଜିଷ୍ଟେଣ୍ଟ ଟ୍ୟୁବରକ୍ୟୁଲୋସିସ୍ କୁହାଯାଏ। ଏହି ଏକ୍ସଟ୍ରା ପାଲମୋନାରୀ ଟ୍ୟୁବରକ୍ୟୁଲୋସିସ୍‌ରେ ଦୀର୍ଘ ସମୟ ପାଇଁ (ଏକବର୍ଷରୁ ଦେଢ଼ବର୍ଷ) ରୋଗୀକୁ ଔଷଧ ସେବନ କରିବାକୁ ପଡ଼େ। ଯକୃତ୍ ଓ ଖାଦ୍ୟନଳୀ ଟ୍ୟୁବରକ୍ୟୁଲୋସିସ୍‌ରେ ମଧ ଏକବର୍ଷରୁ ଦେଢ଼ବର୍ଷ ପର୍ଯ୍ୟନ୍ତ ରୋଗୀକୁ ଔଷଧ ସେବନ କରିବାକୁ ପଡ଼େ। ଏହି ଚିକିତ୍ସା ସମୟରେ ବେଳେ ବେଳେ ରୋଗୀ ଜଣ୍ଡିସ୍‌ରେ ଆକ୍ରାନ୍ତ ହୁଏ ଓ ଏହା ଏକ ମାରାତ୍ମକ ଜଣ୍ଡିସ୍। ଏହି ମାରାତ୍ମକ ଜଣ୍ଡିସ୍ ସାଧାରଣତଃ ଟି.ବି. ଔଷଧର ପ୍ରତିକ୍ରିୟାରୁ ହୋଇଥାଏ ଓ ଲିଭର ଅକାମୀ ହୋଇଯାଏ। ଏହି କ୍ଷେତ୍ରରେ ଲିଭର ପ୍ରତିରୋପଣ ଏକାନ୍ତ ଜରୁରୀ। ମଲ୍ଟିଡ୍ରଗ ରେସିଷ୍ଟେଣ୍ଟ ଟ୍ୟୁବରକ୍ୟୁଲୋସିସ୍ ହେଉଛି ଏକ ଭୟାନକ ଯକ୍ଷ୍ମା ଯାହା ଲିଭରସିରୋସିସ୍, କ୍ୟାନସର, ଡାଇବେଟିସ ଓ ଏଡ଼ସ୍ ରୋଗୀ ମାନଙ୍କୁ ଆକ୍ରମଣ କରେ ଓ ଏହି ରୋଗର ଚିକିତ୍ସା ଅତ୍ୟନ୍ତ କଷ୍ଟସାଧ। ଆସନ୍ତୁ ଆଜି ବିଶ୍ୱ ଯକ୍ଷ୍ମା ଦିବସ ଅବସରରେ ଏହାର ମୂଳପ୍ରୋଟନ ପାଇଁ ସମସ୍ତେ ନିଜ ନିଜ କ୍ଷେତ୍ରରେ ଦାୟିତ୍ୱ ପ୍ରତି ଗୁରୁତ୍ୱ ପ୍ରଦାନ କରିବା ।


ବିଭାଗୀୟ ମୁଖ୍ୟ, ଲିଭର ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ମୋ: ୯୪୩୭୦୫୧୯୫୭


## ନିଆଁ ପେଟରେ ଜଙ୍ଗଲ

### ବିପିନ ବିହାରୀ ରାଉତ



ନିକଟରେ ପୃଥିବୀର ଫୁସ୍‌ଫୁସ୍ କୁହାଯାଉଥିବା ଆମାଜାନ ଜଙ୍ଗଲରେ ଭୟାବହ ଅଗ୍ନିକାଣ୍ଡ ଘଟି ସମଗ୍ର ବିଶ୍ୱବାସୀଙ୍କୁ ବିଚଳିତ ଓ ଚକିତ କରିଦେଇଛି। ଜଙ୍ଗଲକୁ ଆମେ ପ୍ରାକୃତିକ ସମ୍ପଦ ହିସାବରେ ଗ୍ରହଣ କରିଥିବା କାରଣରୁ ସେଠି ବିପଦ ରହିବା ସ୍ୱାଭାବିକ । କିନ୍ତୁ ସେହି ବିପଦ ଯେତେ ପ୍ରକୃତିଦତ୍ତ ନୁହେଁ ତା'ଠାରୁ ଅଧିକ ମନୁଷ୍ୟ ଦ୍ୱାରା ସୃଷ୍ଟି କରାଯାଉଛି । ମଣିଷ ବିଭିନ୍ନ ମାର୍ଗରେ ପାରିବେଶିକ ସନ୍ତୁଳନକୁ ପ୍ରଦୂଷଣ ଜରିଆରେ ନଷ୍ଟ କରି ଚାଲିଥିବାବେଳେ ବନାଗ୍ନିର କାରଣ ସାଜି ଜଙ୍ଗଲ ସମ୍ପଦକୁ ନଷ୍ଟକରି ଜଳବାୟୁର ସ୍ୱାଭାବିକତାରେ ବିଭ୍ରାଟ ସୃଷ୍ଟି କରିଚାଲିଛି, ଯାହାକି ଜୀବଜଗତ ପାଇଁ ଧ୍ୱଂସର ପରିସ୍ଥିତିକୁ ଆମନ୍ତ୍ରଣ କରୁଛି । ଆମ ଦେଶ ଭାରତ । ବିଶ୍ୱର ଅନ୍ୟତମ ଜୈବ ବିବିଧତାର ପରିପୂର୍ଣ୍ଣ ଏହି ରାଷ୍ଟ୍ରର ୬୩.୭ ନିୟୁତ ହେକ୍ଟର ଅଞ୍ଚଳ ଜଙ୍ଗଲ ପରିପୂର୍ଣ୍ଣ । ଅର୍ଥାତ୍ ଦେଶର ମୋଟ ଭୌଗୋଳିକ ଅଞ୍ଚଳ ମଧ୍ୟରୁ ୧୯.୩୯ ପ୍ରତିଶତ ଜଙ୍ଗଲ । ଏଥିରୁ ୧୧.୪୮ ପ୍ରତିଶତ ଘଞ୍ଚ ଜଙ୍ଗଲ । ଫରେଷ୍ଟ ସର୍ଭେ ଅଫ ଇଣ୍ଡିଆର ତଥ୍ୟ ଅନୁଯାୟୀ ଦେଶରେ ରହିଥିବା ଏହି ଜଙ୍ଗଲ ଅଞ୍ଚଳର ୫୩ ପ୍ରତିଶତ ବନାଗ୍ନିପ୍ରବଣ । ତନ୍ମଧ୍ୟରୁ ପ୍ରାୟ ୯ ପ୍ରତିଶତ ଜଙ୍ଗଲରେ ନିୟମିତ ବ୍ୟବଧାନରେ ନିଆଁ ଲାଗିଥାଏ । ଅବଶିଷ୍ଟ ଜଙ୍ଗଲରେ କେବେ କେମିତି ନିଆଁ ଲାଗିବାର ଦେଖାଯାଏ । ହେକ୍ଟର ହିସାବ ଦେଖିଲେ ଦେଶରେ ୩.୭୩ ନିୟୁତ ହେକ୍ଟର ଜଙ୍ଗଲରେ ନିୟମିତ ନିଆଁ ଲାଗିଥାଏ । ଏହି ବନାଗ୍ନି ଫଳରେ ଦେଶରେ ପ୍ରତିବର୍ଷ ପ୍ରାୟ ୪୪୦ କୋଟି ଟଙ୍କାର କ୍ଷୟକ୍ଷତି ଘଟିଥାଏ ବୋଲି ଏକ ଆକଳନରୁ ଜଣାପଡ଼ିଛି । ବନାଗ୍ନି ଫଳରେ ଜଙ୍ଗଲରେ ଜଳିପୋଡ଼ି ନଷ୍ଟ ହୋଇଯାଉଥିବା ଗଛବୃକ୍ଷକୁ ନେଇ ଏହି କ୍ଷତିର ପରିମାଣ ହିସାବ କରାଯାଇଛି । ତେବେ ବନାଗ୍ନି ଫଳରେ ଯେଉଁ ଜୈବ ବିବିଧତା ନଷ୍ଟ ହେଉଛି ପରିଶେଷରେ ଅଙ୍ଗାରକାମ୍ଳ ଶୋଷଣର କ୍ଷମତା କମୁଛି, ମୃତ୍ତିକା କ୍ଷୟ ସାଙ୍ଗକୁ ମୃତ୍ତିକାର ଉର୍ବରତା ହ୍ରାସ ପାଉଛି, ତାହା ସବୁ ହିସାବକୁ ନେଲେ କ୍ଷତିର ପରିମାଣ ଯାହା ହେବ ତାହା ଅକଳ୍ପନୀୟ । କାରଣ ଏହାଦ୍ୱାରା ଜଳବାୟୁରେ ବିଭ୍ରାଟ ଦେଖାଦେବା ସାଙ୍ଗକୁ ପରିବେଶ ଅସୁରକ୍ଷିତ ହୋଇପଡୁଛି ଯାହାକୁ କୌଣସି ମୂଲ୍ୟରେ ତଉଲିବା ଅସମ୍ଭବ ।

ପ୍ରଶ୍ନ ଉଠେ ଜଙ୍ଗଲରେ ନିଆଁ କାହିଁକି ଲାଗେ, କେମିତି ଲାଗେ ଓ କିଏ ଲଗାଏ ? ଏହି ପ୍ରଶ୍ନର ଦୁଇଟି ଉତ୍ତର । ପ୍ରଥମତଃ ପ୍ରାକୃତିକ କାରଣରୁ ଜଙ୍ଗଲରେ ନିଆଁ ଲାଗେ, ଦ୍ୱିତୀୟତଃ ମଣିଷ ନିଜର ସ୍ୱାର୍ଥ ପାଇଁ ପୁଣି ଉଦ୍ଦେଶ୍ୟହୀନ ଭାବେ ଜଙ୍ଗଲ ପୋଡ଼ିଥାଏ । ଜଙ୍ଗଲ ଉପରେ ଯେଉଁମାନେ ଗବେଷଣା କରୁଛନ୍ତି ସେମାନଙ୍କର ମତ ହେଉଛି ପ୍ରାକୃତିକ ବା ପରିବେଶଗତ କାରଣରୁ ଜଙ୍ଗଲରେ ନିଆଁ ଲାଗିବା ଘଟଣା ବହୁତ କମ୍ । ପବନର ବେଗ, ଜଳବାୟୁର ଆର୍ଦ୍ରତା ଉପରେ ନିର୍ଭର କରେ ପ୍ରାକୃତିକ ବନାଗ୍ନି । ଏପରିକି ଏଲନିନୋର ପ୍ରଭାବ ମଧ ଜଙ୍ଗଲରେ ଅଗ୍ନିକାଣ୍ଡ ଘଟାଇପାରେ । ଜଳବାୟୁ ବିଶେଷଜ୍ଞ ଓ ପରିବେଶବିତ୍‌ମାନେ ମଧ ଏହି ମତ ରଖନ୍ତି । ବାୟୁମଣ୍ଡଳରେ ଉତ୍ତାପର ମାତ୍ରାବୃଦ୍ଧି ଯଦିଓ ଜଙ୍ଗଲରେ ନିଆଁ ଲାଗିବାର ପ୍ରତ୍ୟକ୍ଷ କାରଣ ନୁହେଁ, ମାତ୍ର ଏହାଦ୍ୱାରା ଶୁଖିଯାଉଥିବା ଗଛବୃକ୍ଷ, ବୃଦ୍ଧି ପାଉଥିବା ପବନର ବେଗ ସାମାନ୍ୟ ନିଆଁକୁ ଜଙ୍ଗଲବ୍ୟାପୀ କରାଇ ଦେଇଥାଏ । ପବନର ତୀବ୍ର ଗତି ଯୋଗୁ ଡାଳ, ବାଉଁଶରେ ବାଉଁଶ ଘସି ହୋଇ ନିଆଁ ସୃଷ୍ଟି ହୋଇଥାଏ । ବେଳେବେଳେ ପାହାଡ଼, ପର୍ବତରୁ ତଳକୁ ଗଡ଼ିଆସୁଥିବା ପଥର ଖଣ୍ଡ ଅନ୍ୟ ପଥର ସହ ସଂଘର୍ଷରେ ଅଗ୍ନି ଉତ୍ପନ୍ନ କରାଯାଇଥାଏ ଓ ଏହି ନିଆଁ ଶୁଷ୍କ କାଠ ଓ ପତ୍ର ସଂସ୍ପର୍ଶରେ ଆସି ଜଙ୍ଗଲରେ ନିଆଁ ଲାଗିଯାଇଥାଏ । ଜଙ୍ଗଲରେ ନିଆଁ ଲାଗିବା ଫଳରେ କେବଳ ମୂଲ୍ୟବାନ ଗଛ ଜଳିପୋଡ଼ି ନଷ୍ଟ ହୁଏ ନାହିଁ, ଏହାଦ୍ୱାରା ପ୍ରଭୂତ କ୍ଷତିଘଟେ । ଜଳ ଅବବାହିକା କ୍ଷେତ୍ର ଉଜୁଡ଼ି ଯାଏ । ଜୈବ ବିବିଧତା ନଷ୍ଟ ହେବା ସହ ବନ୍ୟଜନ୍ତୁ ଓ ବୃକ୍ଷଲତାଗୁଡ଼ିକର ବିଲୋପ ଘଟେ, ବନ୍ୟଜନ୍ତୁଙ୍କ ଆବାସସ୍ଥଳୀ ଉଜୁଡ଼ିଯାଏ । ସେମାନଙ୍କ ବଂଶ ବୃଦ୍ଧି ସୀମିତ ହୋଇଯାଏ । ଅନେକ ଜୀବଜନ୍ତୁଙ୍କର ପ୍ରାଣହାନୀ କାରଣରୁ ସେମାନଙ୍କ ସଂଖ୍ୟା ହ୍ରାସ ପାଏ । ଗଛ ଧ୍ୱଂସ ପାଉଥିବା ଯୋଗୁଁ ବାୟୁମଣ୍ଡଳରୁ ଅଙ୍ଗାରକାମ୍ଳ ଶ୍ଳେଷଣରେ ବ୍ୟାଘାତ ଘଟେ । ଫଳରେ ପରିବେଶରେ ଅଙ୍ଗାରକାମ୍ଳର ମାତ୍ରା ବୃଦ୍ଧି ଘଟେ । ଜଙ୍ଗଲ ସମ୍ପଦ ହ୍ରାସଯୋଗୁଁ ବର୍ଷାର ପରିମାଣ ହ୍ରାସ ପାଏ । ଜଙ୍ଗଲ ଉପରେ ନିର୍ଭରଶୀଳ ବନବାସୀମାନଙ୍କର ଜୀବନଜୀବିକା ବିପନ୍ନ ହୁଏ । ଆବାସସ୍ଥଳୀ ଉଜୁଡ଼ିଯିବା କାରଣରୁ ଓ ଜଙ୍ଗଲରେ ମିଳୁଥିବା ଖାଦ୍ୟ ଦୁଷ୍ପ୍ରାପ୍ୟ ହେବାରୁ ବନ୍ୟଜନ୍ତୁମାନେ ଜନପଥକୁ ମାଡ଼ିଆସିବା ଫଳରେ ପଶୁ ମଣିଷ ବିବାଦ ବୃଦ୍ଧି ପାଏ । ଗତ କେତେବର୍ଷ ଧରି ଏଭଳି ବ୍ୟତିକ୍ରମ ଦେଖିବାକୁ ମିଳିଲାଣି । ଜଙ୍ଗଲ ନିଆଁକୁ ରୋକିବା ପାଇଁ ସରକାର ଆଇନ ପ୍ରଣୟନ କରିଛନ୍ତି । ମାତ୍ର ଏହି ଆଇନକୁ କଡ଼ାକଡ଼ି ଭାବେ ପାଳନ କରାଯାଉନାହିଁ । ଜାତୀୟ ଜଙ୍ଗଲ ନୀତି ୧୯୮୮ରେ ଜଙ୍ଗଲ ନିଆଁ ସମ୍ପର୍କରେ ଉଲ୍ଲେଖ ରହିଛି । ଅତ୍ୟାଧୁନିକ ଜ୍ଞାନକୌଶଳ ଓ ପରିଚାଳନା ପଦ୍ଧତି ଅନୁସରଣ କରି ଜଙ୍ଗଲ ନିଆଁକୁ ରୋକିବା ସକାଶେ ଏଥିରେ କୁହାଯାଇଛି । ଭାରତୀୟ ଜଙ୍ଗଲ ଆଇନରେ ଜଙ୍ଗଲରେ ନିଆଁ ଲଗାଇବା ଏକ ଗର୍ହିତ ତଥା ଦଣ୍ଡନୀୟ ଅପରାଧ ବୋଲି କୁହାଯାଇଛି । ଭାରତ ସରକାର ମଧ ୨୦୦୦ ମସିହାରେ ଜଙ୍ଗଲ ନିଆଁ ନିୟନ୍ତ୍ରଣ ପାଇଁ କେତେକ ନୀତି ନିୟମ ପ୍ରଣୟନ କରିଛନ୍ତି । ଏଥିରେ ଜଙ୍ଗଲ ଉପରେ ନିର୍ଭରଶୀଳ ସ୍ଥାନୀୟ ଲୋକଙ୍କୁ ଜଙ୍ଗଲ ନିଆଁ ରୋକିବା ପାଇଁ ସାମିଲ କରିବାକୁ ବ୍ୟବସ୍ଥା ରହିଛି । ଜଙ୍ଗଲ ପୋଡ଼ି ରୋକିବାକୁ ଓଡ଼ିଶା ଜଙ୍ଗଲ ଅଧିନିୟମ ୧୯୭୯ ବିଶେଷ ଭାବେ ପ୍ରସ୍ତୁତ ହୋଇଛି । ଏଥିରେ ସଂରକ୍ଷିତ ଓ ଖୋଲା ଜଙ୍ଗଲରେ ନିଆଁ ଲଗାଇବାକୁ ସମ୍ପୂର୍ଣ୍ଣ ନିଷେଧ କରାଯିବା ସହ ଜଙ୍ଗଲ ପାଖରେ ନିଆଁର ବ୍ୟବହାର ଉପରେ ମଧ କଟକଣା ଜାରି କରାଯାଇଛି । ଓଡ଼ିଶା ଜଙ୍ଗଲ (ସଂଶୋଧନ) ଆଇନ ୨୦୦୧ର ୨୭ ଧାରାର ଉପଧାରା (କ)୧ରେ ଜଙ୍ଗଲରେ ନିଆଁ ଲଗାଇବା ଓ ଜଳନ୍ତା ନିଆଁକୁ ଛାଡ଼ି ଆସିବା ଭଳି କାର୍ଯ୍ୟ କଲେ ଜେଲ ଓ ଜରିମାନାର ବ୍ୟବସ୍ଥା ମଧ ରହିଛି । ଗ୍ରାମଗୋଷ୍ଠୀମାନଙ୍କୁ ନିଜସ୍ୱ ଜ୍ଞାନକୌଶଳରେ ନିଆଁ ଲିଭାଇବାକୁ ଉଦ୍ୟମ କରିବା, ଗ୍ରାମରେ ଆଇନ କରି ଜଙ୍ଗଲ ନିଆଁ ଆଇନ ଉଲ୍ଲଂଘନକାରୀଙ୍କୁ ଦଣ୍ଡିତ କରିବା, ଶିକାର, ଲଘୁବନଜାତ ଦ୍ରବ୍ୟ ସଂଗ୍ରହ, ଫସଲ ସୁରକ୍ଷା, ପୋଡୁଚାଷ ପାଇଁ ନିଆଁର ବ୍ୟବହାରକୁ ନିଷିଦ୍ଧ କରିବା ସକାଶେ କ୍ଷମତା ପ୍ରଦାନ କରାଯାଇଥିଲେ ମଧ କିଛି ହେଉନାହିଁ ।

(ଅବଶିଷ୍ଟାଂଶ ପୃଷ୍ଠା-୭ରେ)



## ସଂଘର୍ଷ ମୋ ସହିତ କଥା ହେଉଚି...

### ଡା.ମନୋରଞ୍ଜନ ଦାଶ



ପଡିଉଠି ଚାଲିବାକୁ
ପଢୁଥାଏ,ବାରମ୍ବାର...
କାନେକାନେ ଖାଲି କହୁଥାଏ, ସିଏପ
'ମୁଁ ତ ତୋରି ପ୍ରଚେଷ୍ଟା ଭିତରେ...
ତୋତେ ଦିନେ ନା ଦିନେ ପ୍ରାପ୍ତି ଓ
ସୁଖକୁ ପରଶିବି ।
ତୁ ଆଖିର ଲୁହକୁ ପିଉଥାଆ,
ଭାଙ୍ଗିପଡନି, ଧୈର୍ଯ୍ୟକୁ
ହୃଦୟେ ଭରିଦିଏ !
ତୁ ଏକା ନୁହେଁ,
ମୁଁ ତ ତୋ ସହିତ ରହିଚି,
ନିଜ ଭିତରେ ଆଶାକୁ ସଞ୍ଚାରୁଥାଆ
ଜୀବନଟା କୁଆଡେ ତାରି ପରଶରେ
ଶୋଭାବର୍ଦ୍ଧନ କରିଥାଏ ବୋଲି
ମୋତେ ବୁଝାଉଚି ।
ମୋତେ ସମ୍ଭାବନାର ଗାଲିଚାରେ
ବସେଇ ସୁଖଦୁଃଖ ହେଉଚି ସିଏ ।
ତା'ରି ପ୍ରୀତି ମୋର ତ ବଞ୍ଚିବାର
ବାହା,
ନ ହେଲେ ବାଟଚାଲନ୍ତି ଅବା
କେମିତି ।


ପ୍ରଭାବତୀ ନିଳୟମ୍,
ବେଲତଳ,ପଟ୍ଟାମୁଣ୍ଡାଇ
ଜି:କେନ୍ଦ୍ରାପଡ଼ା
ମୋ: ୯୪୩୭୩୧୭୭୨୨


## ହୃଦୟରେ ଲାଗିଛି ନିଆଁ

### ଦୀନବଂଧୁ ବେଜ



ହୃଦୟରେ ଲାଗିଛି ନିଆଁ
ହୁତ୍ ହୁତ୍ ହୋଇ ଜଳୁଛି ଦୁନିଆଁ
କୋହ ଉଠୁଛି ଛାତିର,
ଛାତିରେ କୋହ ଉଠିଲେ ସିନା
ଜଳିବ ଶତ୍ରୁ ଶିବିର ।

ମାର୍ଜନା ହେଲେ ମନ
ବିଶୁଦ୍ଧ ସୁନା ପରି ଗଢି ଉଠିବ
ଆମ ଅନ୍ତର ଚଉହଦୀ,
କ୍ରାନ୍ତିର ମସାଲ ଜଳି ଉଠିବ
ହୃଦୟକୁ ଅର୍ନ୍ତଭେଦୀ ।

ଲକ୍ଷ୍ୟ ଜଦି ଥିବ ଭିତରୁ ବିଶାଳ
ଗ୍ରହଣୀୟ ହେବ ଦାରୁ ପରି
ହୋଇ ଥାଅ ପଛେ ଦୂବ,
ତେବେ ସିନା ଆମ ଅନ୍ତର ଭାବନା
ଇତିହାସରେ ଲେଖା ହେବ ।

ଉଠିଛି ଜଦି ମାଡ଼ିଚାଲ
ନିରବ ନିଶ୍ଚଳରେ ମନ ଶତଦଳ
ହୋଇଛି ଯଦି ଜାଗ୍ରତ,
ସବୁର ହିସାବ ସମୟ ରଖୁଛି
ପୂର୍ଣ୍ଣ ହେବ ଜ୍ଞାନ ଗାତ୍ର ।

ସ୍ମୃତି ବିଜଡିତ ଘଟଣା ସବୁ
କାଳ ଗର୍ଭରେ ମୁକସାକ୍ଷୀ ହୋଇ
ବହି ଯାଉଛି ଦୟା ନଦୀ ,
ପାଣିର ରଙ୍ଗ ଲାଲ ନହେଲେ ବି
ହେଜୁଥିବ ହୃଦୟକୁ ଭେଦି ।

କରିଚାଲ ତୁମ୍ଭେ ନିଶ୍ଚଳରେ
ହସ୍ତରେଖା ଗଣନା ଧ୍ୟାନ ମୁଦ୍ରାରେ
ହିସାବ ମାଗେ ତର୍ଜନୀ,
ପ୍ରବଞ୍ଚନାର ପାହାଡ଼ ଶିଖରରୁ
ହାତ ଠାରେ ପ୍ରତିଧ୍ୱନୀ ।

ଅକିଞ୍ଚନ ଅଧମ ମାନେ
ମତିଭ୍ରମରେ ବିଧି ନିର୍ଦ୍ଦେଶ ପାଳନ୍ତି
ସ୍ୱୀକାର କର ହେ ପଦ୍ମପାଦ,
କଣ୍ଢେଇ ନାଚର କଳାକାର ସବୁ
ଅଭିନୟ କରନ୍ତି ହୋଇ ବାଧ୍ୟ ।


ଜାତୀୟ କବି ଲେଖକ ସଂଗଠନ
ବାସୁଦେବପୁର, ଭଦ୍ରକ, ଓଡ଼ିଶା




## ସୂର୍ଯ୍ୟାସ୍ତର ଦୁଇ କବିତା...

### ପ୍ରଶ୍ନ କୁମାର ଶତପଥୀ



॥ ଅପରାହ୍ନରୁ ସୂର୍ଯ୍ୟାସ୍ତ ଯାଏଁ ॥

ମଧୁକାଳ ଅପରାହ୍ନେ
ବିସ୍ତାର କରିଥିଲା ଗଗନ
ମେଘମାଳାର ଗତିଶୀଳ ନାଟ,
ପଶ୍ଚିମ ଗିରି କାନନେ
ମେଘ ଫାଙ୍କରୁ ଝରାଇ କିରଣ
ଆଙ୍କିଦେଇଥିଲା ସୁବର୍ଣ୍ଣ ହାଟ ।

କିଛି ସମୟ ଉତ୍ତାରେ
ପଶ୍ଚିମ ଫୁଟାଇଲା ସୂର୍ଯ୍ୟାସ୍ତେ
ରଙ୍ଗ ପସରାଯାକ ତୋଳିଦେଇ,
ରବି ଛପି ବାଣ୍ଟିଦେଲା
ପଶ୍ଚିମ ଆକାଶ ଶରୀରରେ
ମେଘ ରଙ୍ଗେ ଭାବଧାରା ଝରାଇ ।

ରବି ଅସ୍ତ ହେଲା ପରେ
ମେଘ ଖେଳ ହଜଇ ନୟନେ
ଫର୍ଚ୍ଚା ଫର୍ଚ୍ଚା ଦିଶେ ପଶ୍ଚିମ ବାସ,
ସେ ବାସ ଗିରିପରେ
ହାଲୁକା ରଙ୍ଗର ଲହରୀରେ
ଶୂନ୍ୟ ହୋଇଗଲା ତୁରନ୍ତେ ବଶ ।

॥ ସୂର୍ଯ୍ୟାସ୍ତ ଓ ସନ୍ଧ୍ୟା ॥

ବସନ୍ତ ଉଦ୍ୟାନରେ
ସୂର୍ଯ୍ୟାସ୍ତ ସମୟରେ
ଦେଖୁଥିଲି ମଉନେ ବସି,
ପଶ୍ଚିମ ଆକାଶରେ
ପର୍ବତ ନିକଟରେ
ଛପୁଥିଲା ସୂରୁଜ ହସି ।

ସୂରୁଜ ଲୁଚିବାରେ
ଆକାଶ ଶରୀରରେ
ମେଘ ହୋଇଗଲା ପ୍ରକାଶ,
ରଙ୍ଗର ଉର୍ମିରେ
ଭାସି ଭାସି ଆସଇ
ପ୍ରୀତିଭରା ସନ୍ଧ୍ୟାର ହସ ।

ସୂର୍ଯ୍ୟାସ୍ତ ରଙ୍ଗରେ
ସନ୍ଧ୍ୟାର ହସରେ
ମନ ମୋର ଭରଇ ରଙ୍ଗେ,
ଆକାଶ ନୀଳରେ
ଧରା ସବୁଜରେ
ସନ୍ଧ୍ୟା ହସଇ ନାନା ଢଙ୍ଗେ ।


ଦୁମାଡ଼ିହି,ଜାମଦା,ମୟୂରଭଞ୍ଜ

# ଭାଗ୍ୟଶ୍ରୀଙ୍କ ଭାଗ୍ୟରେ ଭଟ୍ଟା

ଆଞ୍ଚଳିକ ଭାଷାରେ ଯେତେ ସୁନାମ ଅର୍ଜନ କଲେ ମଧ୍ୟ ଜଣେ କଳାକାର ପାଇଁ ହିନ୍ଦୀ ଶିଳ୍ପରେ ପ୍ରସିଦ୍ଧି ଲାଭ କରିବାର ଏକ ଗୋପନ ଇଚ୍ଛା ରହିଥାଏ । ସେହିପରି ହିନ୍ଦୀ ଫିଲ୍ମ ନିର୍ମାଣର ପେଣ୍ଠ ମୁମ୍ବାଇ ସହର ହୋଇଥିବାରୁ ସାଧାରଣତଃ ମରାଠୀ କଳାକାରଙ୍କ ପାଇଁ ସେପରି ଉପଲବ୍‌ଧି ହାସଲ କରିବା ସହଜ ହୋଇଥାଏ । ମାତ୍ର ଅଗ୍ରଣୀ ମରାଠୀ ଅଭିନେତ୍ରୀ ଭାଗ୍ୟଶ୍ରୀ ମୋଟେଙ୍କ ଭାଗ୍ୟରେ ସେଭଳି କିଛି ଇପ୍‌ସିତ ପରିବର୍ତ୍ତନ ଘଟୁନଥିବାରୁ ସେ ମାନସିକ ଅବସାଦରେ ଅଛନ୍ତି । ନିଜ ଏଗାର ବର୍ଷର ଅଭିନୟ ଜୀବନ ଭିତରେ ଆଠଟି ମରାଠୀ ଫିଲ୍ମରେ ନାୟିକା ସାଜିବା ସହ ଦୁଇଟି ମରାଠୀ ଧାରାବାହିକ ଓ ଦୁଇଟି ହିନ୍ଦୀ ଧାରାବାହିକରେ ଅଭିନୟ କରି ଦର୍ଶକଙ୍କୁ ମୁଗ୍ ?ଧ କରିପାରିଥିବା ଭାଗ୍ୟଶ୍ରୀ ଏଯାଏ ମାତ୍ର ଗୋଟିଏ ହିନ୍ଦୀ ସିନେମାରେ ସୁଯୋଗ ପାଇଛନ୍ତି, ତାହା ପୁଣି ଆଶାନୁରୂପ ସଫଳତା ହାସଲ କରିପାରିନାହିଁ ।

ତେବେ ଭାଗ୍ୟରୁ ଭଟ୍ଟା ଦିନେ ନା ଦିନେ ହଟିବ ଏବଂ ସେ ହିନ୍ଦୀ ସିନେମାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ପାଇବେ ବୋଲି ଆଶା ରଖିଛନ୍ତି । ମହାରାଷ୍ଟ୍ରର ମାଣ୍ଡ୍ୱା ଠାରେ ୧୯୯୪ ସେପଟ୍ମେର ୨୭ରେ ଜନ୍ମ ନେଇଥିବା ଭାଗ୍ୟଶ୍ରୀ କିଶୋରାବସ୍ଥାରୁ ହିଁ ମୁମ୍ବାଇରେ ପ୍ରତିପାଳିତ । ସେ ଅର୍ଥଶାସ୍ତ୍ରରେ ସ୍ନାତକ ଡିଗ୍ରି କରୁଥିବା ସମୟରେ ବିଭିନ୍ନ ବ୍ୟାବସାୟିକ ନାଟକରେ ଅଭିନୟ କରିବାର ସୁଯୋଗ ପାଇଥିଲେ ଯାହା କି ତାଙ୍କୁ ଅଭିନୟରେ ଜୀବନ ଗଢ଼ିବା ପାଇଁ ଖୋରାକ ଯୋଗାଇଥିଲା । ୨୦୧୧ରେ ମରାଠୀ ଫିଲ୍ମ 'ସୋଧୁ କୁଠେ'ରେ ପ୍ରଥମ ପଦାର୍ପଣ କରି ସେ ଅନ୍ୟମାନଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ । ୨୦୧୩ରେ ଟିଭି ଧାରାବାହିକ 'ଦେବୋଁ କେ ଦେବ ମହାଦେବ'ରେ ତାଙ୍କର ଏକ ସଂକ୍ଷିପ୍ତ ଭୂମିକା ହିନ୍ଦୀ ଦର୍ଶକଙ୍କ ମନକୁ ଛୁଇଁଥିଲା ।

ଏହାପରେ ମରାଠୀ ଧାରାବାହିକ 'ଦେବଯାନୀ'ର ଶୀର୍ଷକ ଭୂମିକା ତାଙ୍କୁ ଲୋକପ୍ରିୟ କରାଇଥିଲା । ଏହି ଅବସରରେ ଦୀର୍ଘ ତିନି ବର୍ଷ ପାଇଁ ସେ ଫିଲ୍ମ ଜଗତ୍‌ରୁ ଦୂରେଇ ଯାଇଥିବା ବେଳେ ୨୦୧୭ରେ ମରାଠୀ ଫିଲ୍ମ 'କାୟ ରେ ରସ୍କାଲା' ମାଧ୍ୟମରେ ପ୍ରତ୍ୟାବର୍ତ୍ତନ କରିଥିଲେ । ଏଥି ସହିତ ୨୦୧୯ରେ ତେଲୁଗୁ ଫିଲ୍ମ 'ଚିକଟି ଗାଦିଲୋ ଚିଠାକୋଡୁଲୁ'ରେ ମଧ୍ୟ ନିଜର ଭାଗ୍ୟ ପରଖିଥିଲେ । ଏହାପରେ ଆଉ ଦୁଇଟି ମରାଠୀ ଫିଲ୍ମରେ ଅଭିନୟ କରି ସେ ୨୦୨୧ରେ ହିନ୍ଦୀ ଫିଲ୍ମ 'ଭବାଇ' ମାଧ୍ୟମରେ ଜାତୀୟସ୍ତରୀୟ ଦର୍ଶକଙ୍କ ପାଖରେ ପହଞ୍ଚିବାକୁ ଚେଷ୍ଟା କରିଥିଲେ । ମାତ୍ର ତାଙ୍କୁ ସେଭଳି ସଫଳତା ମିଳିନଥିଲା । ତଥାପି ମରାଠୀ ଧାରାବାହିକ ଓ ଫିଲ୍ମ ମାଧ୍ୟମରେ ସେ ତାଙ୍କର ଅଧ୍ୟବସାୟ ଜାରି ରଖିଛନ୍ତି ।



# ୩୬ ବର୍ଷ ବୟସରେ କଙ୍ଗନା; ଭିଡିଓ ଜାରି କରି ମାଗିଲେ କ୍ଷମା

ବଲିଉଡ କୁଇନ୍ କଙ୍ଗନା ରାଣାଓ୍ୱତ ଆଜି ତାଙ୍କର ୩୬ତମ ଜନ୍ମଦିନ ପାଳନ କରୁଛନ୍ତି । ଜନ୍ମଦିନ ଅବସରରେ କଙ୍ଗନା ସୋସିଆଲ ମିଡିଆରେ ଏକ ଭିଡିଓ ସେୟାର କରିଛନ୍ତି । ଭିଡିଓ ମାଧ୍ୟମରେ ଅଭିନେତ୍ରୀ ତାଙ୍କ ପରିବାର, ଗୁରୁ ଏବଂ ପ୍ରଶଂସକଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଏସବୁ ବ୍ୟତୀତ ସେ ସେହି ଲୋକଙ୍କୁ ଧନ୍ୟବାଦ ଜଣାଇଛନ୍ତି ଯେଉଁମାନେ ତାଙ୍କୁ ପ୍ରତ୍ୟେକ ସମୟରେ ଟ୍ରୋଲ କରୁଛନ୍ତି । ଖୁବ୍ ଭଲ ଅଭିନୟ ବ୍ୟତୀତ କଙ୍ଗନା ରାଣାଓ୍ୱତ ନିଜର ବୋଲଡ୍ ବୟାନ ପାଇଁ ମଧ୍ୟ ବେଶ୍ ଜଣାଶୁଣା । ନିଜ କାମକୁ ନେଇ ହେଉ କିମ୍ବା କୌଣସି ସାମାଜିକ ସମସ୍ୟାକୁ ନେଇ ହେଉ, ନିଜର ମତ ରଖିବାକୁ ଆଦୌ ବି ଭୟ କରନ୍ତିନି କଙ୍ଗନା । ବେଳେବେଳେ ଏହି କାରଣରୁ ସେ ମଧ୍ୟ ବହୁତ ଟ୍ରୋଲ୍ ହୋଇଛନ୍ତି । କିନ୍ତୁ କଙ୍ଗନା ଏହା ପୂର୍ବରୁ କହିସାରିଛନ୍ତି ଯେ ସେ ଟ୍ରୋଲର୍ସଙ୍କୁ ହେୟ ମନେ କରନ୍ତି ନାହିଁ । କାରଣ ସେମାନଙ୍କ ପାଇଁ ହିଁ ସେ ଆଗକୁ ବଢ଼ିବାକୁ ପ୍ରେରଣା ପାଇଛନ୍ତି । କଙ୍ଗନା ରାଣାଓ୍ୱତ୍ ତାଙ୍କ ଜନ୍ମଦିନରେ ଯେଉଁ ବାର୍ତ୍ତା ସେୟାର କରିଛନ୍ତି, ସେଥିରେ କହିଛନ୍ତି, 'ମୋ ଜନ୍ମଦିନ ଅବସରରେ ମୁଁ ମୋର ପିତାମାତାଙ୍କୁ କୃତଜ୍ଞତା ଜଣାଇବାକୁ ଚାହେଁ । ମୋର ପିତାମାତା, ମୋର କୁଳଦେବୀ ମା ଅମ୍ବିକାଜୀ, ମୋର ସମସ୍ତ ଗୁରୁ, ବିଶେଷ କରି ଆଧାତ୍ମିକ ଗୁରୁ ଶ୍ରୀ ସଦ୍‌ଗୁରୁଜୀ, ସ୍ୱାମୀ ବିବେକାନନ୍ଦଜୀ, ମୁଁ ମୋର ସମସ୍ତ ପ୍ରଶଂସକ, ଶୁଭେଚ୍ଛୁ, ପ୍ରଶଂସକ, ଯେଉଁମାନେ ମୋ ସହ କାମ କରୁଛନ୍ତି ଓ ସମାଲୋଚକମାନଙ୍କୁ କୃତଜ୍ଞତା ଜଣାଉଛି ।' ଏହା ସହ ଯଦି କାହାର ମନକୁ ମୋର କିଛି ବି କଥା କେବେ ଆଘାତ ଦେଇଛି ତ ମୁଁ ସେଥିପାଇଁ କ୍ଷମା ଚାହୁଁଛି ବୋଲି କଙ୍ଗନା ଶେଷରେ କହିଛନ୍ତି ।



# ଟିଭି ସିରିଏଲ୍‌ରେ ପୁଲିସ ଅଫିସର ଭୂମିକାରେ ନଜର ଆସିବେ କ୍ରିକେଟର ଶିଖର ଧାଓ୍ୱନ

ଭାରତୀୟ କ୍ରିକେଟ୍ ଦଳର ଧୁରନ୍ଧର ବ୍ୟାଟ୍ସମ୍ୟାନ୍ ଶିଖର ଧାଓ୍ୱନଙ୍କୁ ଖୁବ ଶୀଘ୍ର କ୍ରିକେଟ ପଡିଆ ନୁହେଁ ବରଂ ଏକ ଧାରାବାହିକରେ ଅଭିନୟ କରୁଥିବାର ଦେଖିବାକୁ ମିଳିବ । ରିପୋର୍ଟ ମୁତାବକ ଜି ଟିଭିର ଲୋକପ୍ରିୟ ଟିଭି ସିରିଏଲ 'କୁଣ୍ଡଳୀ ଭାଗ୍ୟ'ରେ ଶିଖର ଧାଓ୍ୱନ ଜଣେ ପୁଲିସ ଅଧିକାରୀ ଭୂମିକାରେ ନଜର ଆସିବେ । ଫିଲ୍ମର ସେଟରୁ ତାଙ୍କର ଫଟୋ ମଧ୍ୟ ଭାଇରାଲ ହେବାରେ ଲାଗିଛି । ଆଉ ଶିଖର ଧାଓ୍ୱନଙ୍କ ଫଟୋ ଦେଖି ପ୍ରଶଂସକମାନେ ବହୁତ ଉତ୍ସାହିତ ଅଛନ୍ତି । ଦୀର୍ଘ ଦିନ ଧରି ଏହି ଖବର ସୋସିଆଲ ମିଡିଆରେ ଭାଇରାଲ ହେଉଛି ଯେ ଶିଖର ଧାଓ୍ୱନ ଏକତା କପୁରଙ୍କ ଟିଭି ସିରିଏଲ 'କୁଣ୍ଡଳୀ ଭାଗ୍ୟ'ରେ କୌଣସି ମୁଖ୍ୟ ଚରିତ୍ରରେ ଅଭିନୟ କରିବେ ।

କିନ୍ତୁ ଏବେ ପ୍ରଡକ୍ସନ ଟିମ ପକ୍ଷରୁ କୁହାଯାଇଛି ଯେ ଏହି ଖବରରେ କୌଣସି ସତ୍ୟତା ନାହିଁ । ବାସ୍ତବରେ ଶିଖର ଧାଓ୍ୱନ ଟିଭି ସିରିଏଲରେ କେବଳ ଏକ କେମିଓରେ ନଜର ଆସିବେ । ଉଲ୍ଲେଖ ଥାଉ କି ଏକତା କପୁରଙ୍କ ପ୍ରଯୋଜନାରେ ନିର୍ମାଣ ହୋଇଥିବା ଏହି ଧାରାବାହିକ ଜୁଲାଇ ୨୦୧୭ ରେ ଲଞ୍ଚ କରାଯାଇଥିଲା । ରାତି ୯ :୩୦ ରେ ପ୍ରସାରିତ ହୋଇଥିବା ଏହି ଧାରାବାହିକ ଚ୍ୟାନେଲ ପାଇଁ ହିଟ ସାବ୍ୟସ୍ତ ହୋଇଥିଲା । ଆଉ ବର୍ତ୍ତମାନ ଟିଭି ସିରିଏଲରେ ଶିଖର ଧାଓ୍ୱନଙ୍କ ଏଣ୍ଟ୍ରିକୁ ନେଇ ପ୍ରଶଂସକମାନେ ବହୁତ ଉତ୍ସାହିତ ଅଛନ୍ତି ।





# ଏପ୍ରିଲ୍ ମାସରେ ମୁକ୍ତିଲାଭ କରିବ ଚଳଚ୍ଚିତ୍ର 'ଡେଲ୍‌ଭରି ବୟ'

ଜ୍ୟୋତିରଞ୍ଜନ ମହାନ୍ତି ପ୍ରଯୋଜିତ ଏକ ମୌଳିକ କାହାଣୀକୁ ନେଇ 'ଡେଲଭରି ବୟ' ଚଳଚ୍ଚିତ୍ର ଆଧାରିତ । ଲୋକମାନେ ଅନ୍‌ଲାଇନ୍‌ରେ ଅନେକ ଜିନିଷ ଅର୍ଡର କରିଥାନ୍ତି । ଉକ୍ତ ସାମଗ୍ରୀକୁ ଠିକ୍ ସମୟରେ ଲୋକଙ୍କ ପାଖରେ ପହଁଚାଇବା ଡେଲିଭରି ବୟର କାମ । କିନ୍ତୁ ଡେଲିଭରି ବୟ ଅନେକ ଅସୁବିଧାର ସାମ୍ନା କରିଥାଏ । ଆଗାମୀ ଏପ୍ରିଲ ମାସରେ ଏଇ ଚଳଚ୍ଚିତ୍ର ମୁକ୍ତିଲାଭ କରିବ ବୋଲି ସୂଚନା ମିଳିଛି ।

ଏହାର ଅଡିଓ ଓ ଟ୍ରେଲର ରିଲିଜ୍ ହେଇଯାଇଛି । କାହାଣୀ ପରିକଳ୍ପନା ପ୍ରଯୋଜକ ଜେ .ଆର.ଏମ୍, ସଂଳାପ ଦୀପକ ଜେନା ଏବଂ ଚିତ୍ରନାଟ୍ୟ ପ୍ରସ୍ତୁତି ସହ ନିର୍ଦ୍ଦେଶନା ଦେଇଛନ୍ତି ଅଶ୍ୱିନୀ ତ୍ରିପାଠୀ । ଏଥିରେ ବୁଦ୍ଧାଦିତ୍ୟ, ଶୈଳେନ୍ଦ୍ର, ସୁଶାନ୍ତ, ସୂର୍ଯ୍ୟମୟୀ, ପ୍ରିୟମ୍ବଦା, ଶକ୍ତି ବରାଳ, ଜୀବନ ପଣ୍ଡା, ଇଲୁ ବାନାର୍ଜୀ, ସରୋଜ ଦାଶ, ଚୌଧୁରୀ ବିକାଶ ଦାସ, ସନ୍ତୁ, ଅମନ୍, ଗୁଡ୍ଡୁ ଓ ପୁପୁଲ୍ ପ୍ରମୁଖ ଅଭିନୟ କରିଛନ୍ତି ।

# ନିଜର ସାଉଦି ବନ୍ଧୁଙ୍କୁ ଚର୍ଚ୍ଚାରେ ଥିବା ଷ୍ଟିଲ ଆର୍ମ ଜ୍ୟାକେଟ ଉପହାରରେ ଦେଇଥିଲେ ଅମିତାଭ

ବଲିଉଡର ବିଗ ବି ଅମିତାଭ ବଚ୍ଚନଙ୍କ ସିନେମା 'ସୋଲେ' ହେଉ କି 'ଶେହନଶାହ'କୁ ନେଇ ସୋସିଆଲ ମିଡିଆରେ ଚର୍ଚ୍ଚା ଚାଲିଥାଏ । ନିକଟରେ ଅମିତାଭଙ୍କ ସିନେମା 'ସୋଲେ'ର ସୁଟିଂ ସମୟର କିଛି ଅଦେଖା ଫଟୋ ସୋସିଆଲ ମିଡିଆରେ ପୋଷ୍ଟ ହୋଇଥିଲା । ପରବର୍ତ୍ତୀ ସମୟରେ ଏହା ଭାଇରାଲ ବି ହୋଇଯାଇଥିଲା ।

"ରିସ୍ତେ ମେ ତୋ ହମ ତୁମ୍‌ହାରେ ବାପ୍ ଲଗତେ ହେଁ, ନାମ୍ ହେ ଶେହେନଶାହ ।" 'ଶେହନଶାହ' ଫିଲ୍ମର ଏ ଡାଇଲଗ୍ ଆଜି ବି ସବୁଠାରୁ ଅଧିକ ପସନ୍ଦ ଡାଇଲଗ୍ ଭିତରେ ଅଛି । ୧୯୮୮ ମସିହାର ସିନେମା 'ଶେହନଶାହ'ରେ ଅମିତାଭ ଏକ କଳା ରଙ୍ଗର ଷ୍ଟିଲ ଆର୍ମ ଜ୍ୟାକେଟ ପିନ୍ଧିଥିଲେ । ଏହି ଜ୍ୟାକେଟ ସେ ସମୟରେ ଖୁବ ଚର୍ଚ୍ଚାରେ ଥିଲା ।

ଚର୍ଚ୍ଚାରେ ଥିବା ଏହି ଜ୍ୟାକେଟକୁ ନେଇ ଅମିତାଭ ବଚ୍ଚନ କିଛି ଅଜଣା କଥା ତାଙ୍କ ଫ୍ୟାନଙ୍କ ସହିତ ସେୟାର କରିଛନ୍ତି । ଅମିତାଭ ବଚ୍ଚନ ସିନେମା 'ଶେହନଶାହ'ରେ ଯେଉଁ କଳା ରଙ୍ଗର ଷ୍ଟିଲ ଆର୍ମ ଜ୍ୟାକେଟ ପିନ୍ଧିଥିଲେ, ତାହାକୁ ସେ ତାଙ୍କ ସାଉଦି ଆରବରେ ଥିବା ଜଣେ ଘନିଷ୍ଠ ବନ୍ଧୁଙ୍କୁ ଉପହାରରେ ଦେଇ ଦେଇଥିବା କହିଛନ୍ତି । ନିକଟରେ ଏକ ଖବର ଆସିଥିଲା କି ଅମିତାଭ ବଚ୍ଚନ ହାଇଦ୍ରାବାଦରେ ସୁଟିଂ ବେଳେ ଆହତ ହୋଇପଡ଼ିଥିଲେ । 'ପ୍ରୋଜେକ୍ଟ-କେ'ର ସୁଟିଂ ବେଳେ ତାଙ୍କ ଗୋଡରେ ଆଘାତ ଲାଗିଥିଲା । ସୁଟିଂ ବନ୍ଦ କରି ହାଇଦ୍ରାବାଦରୁ ବିଗ୍-ବି ମୁମ୍ବାଇ ଫେରି ଆସିଥିଲେ,ଡାକ୍ତର ତାଙ୍କୁ କିଛିଦିନ ବିଶ୍ରାମ ପାଇଁ ପରାମର୍ଶ ଦେଇଛନ୍ତି । ଆହତ ହୋଇଥିବା କଥାକୁ ବିଗ ବି ନିଜ ବ୍ଲଗରେ ସୂଚନା ଦେଇଥିଲେ ।



# ଏବେ ଅନ୍ତରଙ୍ଗ ଦୃଶ୍ୟ ପାଇଁ ପ୍ରସ୍ତୁତ ଶିବାଙ୍ଗୀ

ଟିଭି ଧାରାବାହିକର ଅନ୍ୟତମ ଲୋକପ୍ରିୟ ଅଭିନେତ୍ରୀ ଶିବାଙ୍ଗୀ ଯୋଶୀ ପୂର୍ବରୁ ଟିଭି ପରଦାରେ ଅନ୍ତରଙ୍ଗ ଦୃଶ୍ୟରେ ଅଭିନୟ କରିବାକୁ ରାଜି ହେଉ ନ ଥିଲେ । କିନ୍ତୁ ଏବେ ସେ ନିଜ ମନ ବଦଳାଇ ଦେଇଛନ୍ତି ଏବଂ ଆଗକୁ ଏଥିପାଇଁ ପ୍ରସ୍ତୁତ ବୋଲି ଶିବାଙ୍ଗୀ ଏକ ସାକ୍ଷାତକାରରେ ପ୍ରକାଶ କରିଛନ୍ତି । ଅନ୍ତରଙ୍ଗ ଦୃଶ୍ୟରେ ଅଭିନୟ କରିବା ଲାଗି ସେ ଏକ ସର୍ତ୍ତ ରଖିଛନ୍ତି । ତାହା ହେଲା, ଯଦି କାହାଣୀରେ ସେଭଳି ଦୃଶ୍ୟର ଜରୁରୀ ଆବଶ୍ୟକତା ଥାଏ ତେବେ ସେ କ୍ୟାମେରା ସାମ୍ନାରେ ଅଭିନେତାଙ୍କ ସହିତ ପ୍ରଣୟ କରିପାରିବେ ।



ଅଭିନେତ୍ରୀମାନେ ନିଜ ଆରାମଦାୟକ ସ୍ଥିତି ବାହାରକୁ ଯିବା ଆବଶ୍ୟକ କାରଣ ଅନ୍ତରଙ୍ଗ ଦୃଶ୍ୟ କରିବା ଲାଗି ତାହା ଗୁରୁତ୍ୱପୂର୍ଣ୍ଣ ବୋଲି ତାଙ୍କର ମତ । ମାତ୍ର ସେଥିରେ ବି ସେ ନିଜ ପାଇଁ ଏକ ସୀମା ଧାର୍ଯ୍ୟ କରିଛନ୍ତି ଯାହାକୁ ଟପିବାକୁ ସେ ଏଯାବତ୍ ପ୍ରସ୍ତୁତ ନୁହନ୍ତି । ୨୪ ବର୍ଷୀୟା ଶିବାଙ୍ଗୀ ଅଳ୍ପ ବୟସରୁ ଅଭିନୟ ଆରମ୍ଭ କରି 'ୟେ ରିସ୍ତା କ୍ୟା କହଲାତା ହେ', 'ବେଇନତହାଁ', 'ବାଳିକା ବଧୂ ୨', 'ବେଗୁସରାଇ' ଭଳି ଧାରାବାହିକ ମାଧ୍ୟମରେ ପ୍ରସିଦ୍ଧି ଅର୍ଜନ କରିଥିଲେ ।

# ଶିଶୁ ମୃତ୍ୟୁହାର ଓ ମାତୃମୃତ୍ୟୁହାର କମିବା କ୍ଷେତ୍ରରେ ଓଡିଶା ଆଗରେ : ମନ୍ତ୍ରୀ

ଭୁବନେଶ୍ୱର, ୨୩/୦୩ (ନି.ପ୍ର): ରାଜ୍ୟରେ ୬ ବର୍ଷରୁ କମ୍ ସାମ୍ ଏବଂ ମାମ୍ ପିଲାମାନଙ୍କ ପାଇଁ ମୁଖ୍ୟମନ୍ତ୍ରୀ ସଂପୂର୍ଣ୍ଣ ପୁଷ୍ଟି ଯୋଜନା (ଏମ୍‌ଏସ୍‌ପିୱାଇ) ପ୍ରଣୟନ କରିଛନ୍ତି । ଏହି ଯୋଜନାରେ ୨୦୨୩ରୁ ୨୦୨୭-୨୮ ମଧ୍ୟରେ ୩ ହଜାର କୋଟି ଟଙ୍କାର ବଜେଟ ପ୍ରସ୍ତାବିତ ହୋଇଛି । ୨୦୦୫ରୁ ୨୦୨୦ ମସିହା ମଧ୍ୟରେ ଶିଶୁ ମୃତ୍ୟୁହାର କମିବା କ୍ଷେତ୍ରରେ ସମଗ୍ର ଦେଶରେ ଆମ ରାଜ୍ୟ ପ୍ରଥମ ସ୍ଥାନରେ ରହିଛି । ୨୦୧୫ରୁ ୨୦୧୭ ଏବଂ ୨୦୧୮ରୁ ୨୦୨୦ ମଧ୍ୟରେ ମାତୃମୃତ୍ୟୁହାର କମିବା କ୍ଷେତ୍ରରେ ଆମେ ସାରା ଦେଶରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛୁ ବୋଲି ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଶ୍ରୀମତୀ ବାସନ୍ତୀ ହେମ୍ବ୍ରମ୍ ପ୍ରକାଶ କରିଛନ୍ତି ।

ମାଳତି ଦେବୀ ପ୍ରାକ୍ ବିଦ୍ୟାଳୟ ପରିଧାନ ଯୋଜନାରେ ୯୧.୧୩ କୋଟି ଟଙ୍କାର ବଜେଟ ପ୍ରସ୍ତାବିତ ହୋଇଛି । ଏହି ଯୋଜନାରେ ପ୍ରାକ୍ ବିଦ୍ୟାଳୟ ପିଲାମାନଙ୍କୁ ଏକ ୟୁନିଫର୍ମ ଲୁକ୍ ପ୍ରଦାନ କରିବା ଏବଂ ପିଲାଙ୍କୁ ଅଙ୍ଗନବାଡ଼ି କେନ୍ଦ୍ରରେ ଯୋଗଦେବାକୁ ଉତ୍ସାହିତ କରିବା ପାଇଁ ଦୁଇଟି ୟୁନିଫର୍ମ, ଗୋଟିଏ ଯୋଡ଼ା ଜୋତା, ଗୋଟିଏ ଯୋଡ଼ା ମୋଜା ଏବଂ ଗୋଟିଏ ସ୍ୱେଟର ପିଲାମାନଙ୍କୁ ଦିଆଯାଉଛି ।

ଆଜି ଗୀତ ଗୋବିନ୍ଦ ସଦନଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ମହିଳା ଓ ଶିଶୁ ବିକାଶ ବଜେଟ୍ ସମ୍ବନ୍ଧରେ ଆଲୋକପାତ କରି ମନ୍ତ୍ରୀ ଶ୍ରୀମତୀ ହେମ୍ବ୍ରମ୍ କହିଲେ ଯେ ୨୦୨୩-୨୪ ବର୍ଷ ପାଇଁ ବିଭାଗର ମୋଟ ବଜେଟ ଆକଳନ ୩୬୭୦ କୋଟି ଟଙ୍କା ରହିଛି । ପୂର୍ବ ବର୍ଷ ଏହାର ପରିମାଣ ୩୫୬୬ କୋଟି ଟଙ୍କା ଥିଲା । ଚଳିତ ବର୍ଷ ବଜେଟ୍‌ରେ ଦୁଇଟି ନୂଆ ଯୋଜନା ଯଥା- ମୁଖ୍ୟମନ୍ତ୍ରୀ ସଂପୂର୍ଣ୍ଣ ପୁଷ୍ଟି ଯୋଜନା ଏବଂ ଆଶୀର୍ବାଦ ଯୋଜନା ଉପରେ ଗୁରୁତ୍ୱ ଦିଆଯାଉଛି ।

୨୦୨୩-୨୪ ଆର୍ଥିକ ବର୍ଷରେ ଏମଏସ୍‌ପିୱାଇ ଯୋଜନାରେ ୨୫୦ କୋଟି ଟଙ୍କାର ବଜେଟ ପ୍ରସ୍ତାବିତ ହୋଇଛି । ସେହିପରି ସରକାର ବାଲ୍ୟବିବାହ ରୋକିବା ପାଇଁ ଏବଂ କିଶୋରୀମାନଙ୍କ ସଶକ୍ତିକରଣ ପାଇଁ 'ଅଦ୍ୱିକା' ଯୋଜନା ପ୍ରଣୟନ କରିଛନ୍ତି । ଏଥି ନିମନ୍ତେ ୨୦୨୩-୨୪ ଆର୍ଥିକ ବର୍ଷରେ ୫ କୋଟି ଟଙ୍କାର ବ୍ୟୟ ପ୍ରସ୍ତାବ ରହିଛି । ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀମତୀ ଶୁଭା ଶର୍ମା କହିଲେ ଯେ ୧୫ରୁ ୧୯ ବର୍ଷ ବୟସର କିଶୋରୀ-ବାଳିକା, ଗର୍ଭବତୀ ଏବଂ ସ୍ତନ୍ୟପାନ କରାଉଥିବା ମାଆ ଏବଂ ଅତ୍ୟଧିକ କମ ଓଜନର ଶିଶୁମାନଙ୍କର ପୁଷ୍ଟିହୀନତାକୁ ଦୂର କରିବା ଏହି ବିଭାଗର ଲକ୍ଷ୍ୟ ଓ ଉଦ୍ଦେଶ୍ୟ । ଏତଦ୍‌ବ୍ୟତୀତ ଅସହାୟ ମହିଳାଙ୍କୁ ସୁରକ୍ଷା ଦେବା ପାଇଁ ରାଜ୍ୟରେ 'ସ୍ୱଧାର ଗୃହ' ଓ 'ଉଜ୍ଜ୍ୱଳା' ଯୋଜନା କାର୍ଯ୍ୟରତ ରହିଛି । ୨୦୨୩-୨୪ ଆର୍ଥିକ ବର୍ଷରେ ଏହି ଯୋଜନାରେ ୩୭.୭୭ କୋଟି ଟଙ୍କାର ବ୍ୟୟ ପ୍ରସ୍ତାବ ରଖାଯାଇଛି । ଏହା ବ୍ୟତୀତ 'ୱାନ୍ ଷ୍ଟପ୍ ସେଂଟର' ଏବଂ ୨୪ ଘଂଟିଆ ମହିଳା ହେଲପ ଲାଇନ୍ ନମ୍ବର ସହାୟତା କେନ୍ଦ୍ର ଯୋଜନା କାର୍ଯ୍ୟକାରୀ ହେଉଛି । ୨୦୨୩-୨୪ ଆର୍ଥିକ ବର୍ଷରେ ଏସ୍‌ଏନ୍‌ପି ଯୋଜନାରେ ୧୦୪୩ କୋଟି ଟଙ୍କା ଏବଂ ପୋଷଣ-୨.୦ ଯୋଜନାରେ ୧୭୫ କୋଟି ଟଙ୍କାର ବ୍ୟୟବରାଦ ରହିଛି । ଯତ୍ନ ଓ ସୁରକ୍ଷା ଆବଶ୍ୟକ କରୁଥିବା ଶିଶୁମାନଙ୍କ ସୁରକ୍ଷା, ସ୍ୱାସ୍ଥ୍ୟ ଓ ଶିକ୍ଷା ପାଇଁ 'ମିଶନ ବାତ୍ସଲ୍ୟ' ଯୋଜନା ଅଧିନରେ ୮୫ କୋଟି ଟଙ୍କାର ବ୍ୟୟବରାଦ ରହିଛି । ୨୦୨୩-୨୪ ବର୍ଷରେ ଏହି ବିଭାଗ ସର୍ବମୋଟ ୩୬୭୦ କୋଟି ଟଙ୍କାର ବଜେଟ ପ୍ରସ୍ତାବ ରଖିଛି, ଯେଉଁଥିରେ କି ୩୬୪୧ କୋଟି ଟଙ୍କା ଯୋଜନା ବ୍ୟୟ ଏବଂ ୨୯ କୋଟି ଟଙ୍କା ପ୍ରଶାସନିକ ବ୍ୟୟ ପ୍ରସ୍ତାବ ବୋଲି ଶ୍ରୀମତୀ ଶର୍ମା ପ୍ରକାଶ କରିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀକୁ ସୂଚନା ଓ ଲୋକସଂପର୍କ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଗୁରବୀର ସିଂ ପରିଚାଳନା କରିଥିଲେ । ମହିଳା ଓ ଶିଶୁ ବିକାଶ ବିଭାଗର ନିର୍ଦ୍ଦେଶକ ଅରବିନ୍ଦ ଅଗ୍ରୱାଲଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ସମ୍ମିଳନୀରେ ଉପସ୍ଥିତ ଥିଲେ ।

# ପାରାଦୀପରେ ସ୍ଥାପନା ହେବ ୬୧ ହଜାର କୋଟି ଟଙ୍କାର ପେଟ୍ରୋକେମିକାଲ କମ୍ପ୍ଲେକ୍ସ

ଭୁବନେଶ୍ୱର, ୨୩/୦୩ (ନି.ପ୍ର): ଜଗତସିଂହପୁର ଜିଲ୍ଲାର ପାରାଦୀପରେ ଏକ ପେଟ୍ରୋକେମିକାଲ କମ୍ପ୍ଲେକ୍ସ ସ୍ଥାପନା ପାଇଁ ଭାରତୀୟ ତୈଳ ନିଗମର ଯୋଜନାକୁ ବୋର୍ଡ ତରଫରୁ ଅନୁମୋଦନ ମିଳିଛି । ପ୍ରସ୍ତାବିତ ଏହି କମ୍ପ୍ଲେକ୍ସରେ ବିଶ୍ୱଶ୍ରେଣୀୟ କ୍ରାକର ୟୁନିଟ୍ ସ୍ଥାନ ପାଇବା ସହ ପଲି ପ୍ରୋପିଲିନ୍, ହାଇ-ଡେନ୍‌ସିଟି ପଲିଏଥିଲିନ୍, ପଲି ଭିନାଇଲ୍ କ୍ଲୋରାଇଡ ଆଦି ଉତ୍ପାଦନ ପାଇଁ ବିଭିନ୍ନ ଶିଳ୍ପ ୟୁନିଟ୍ ସ୍ଥାପନା ହେବ । ଓଡ଼ିଶାରେ ନିଯୁକ୍ତି ଓ ଆତ୍ମନିଯୁକ୍ତି କ୍ଷେତ୍ରରେ ଏହି ୟୁନିଟ୍ ଏକ ମାଇଲଷ୍ଟୋନ ହୋଇ ରହିବ । ଟେକ୍ସଟାଇଲ ଶିଳ୍ପରେ ଗୁଜରାଟର ସୁରାଟ୍ ଯେଭଳି ଏକ ହବ୍ ହୋଇପାରିଛି ଆଗାମୀ ଦିନରେ ଓଡିଶା ଏହାର ସ୍ଥାନ ନେବାର ସୁଯୋଗ ଆସିଛି ବୋଲି ବିଜେପି ମୁଖପାତ୍ର ତଥା ଭାରତୀୟ ତୈଳନିଗମ ନିର୍ଦ୍ଦେଶକ ସୁଦୀପ୍ତ ରାୟ କହିଛନ୍ତି । ଓଡ଼ିଶାବାସୀଙ୍କ ତରଫରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କେନ୍ଦ୍ରଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ପେଟ୍ରୋଲିୟମ ମନ୍ତ୍ରୀ ହରଦୀପ୍ ସିଂ ପୁରୀଙ୍କୁ ଧନ୍ୟବାଦ ଦେଇ ଶ୍ରୀ ରାୟ କହିଛନ୍ତି ଯେ, ଇଣ୍ଡିଆନ୍ ଅଏଲର ଏହି ପ୍ରକଳ୍ପରେ ୬୧,୦୭୭ କୋଟି ଟଙ୍କା ନିବେଶ ହେବ । ପ୍ରକଳ୍ପ ନିର୍ମାଣରେ ପ୍ରତ୍ୟେକ ଦିନ ୮ହଜାରରୁ ଅଧିକ କର୍ମସଂସ୍ଥାନ ତିଆରି ହେବ । ପ୍ରକଳ୍ପ ଚାଲୁହେବା ପରେ ପ୍ରତିଦିନ ୩ ହଜାର ସିଧାସଳଖ ନିଯୁକ୍ତି ଓ ଆଉ ୧୦ ହଜାର ଅତିରିକ୍ତ ଆତ୍ମନିଯୁକ୍ତିର ସୁଯୋଗ ସୃଷ୍ଟି ହେବ । ଶ୍ରୀ ରାୟ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ପୂର୍ବୋଦୟ' ଭିଜନ୍‌ର ଏହି ପ୍ରକଳ୍ପ ଅଂଶବିଶେଷ । କୌଣସି ଗୋଟିଏ ସ୍ଥାନରେ ଏହା ଭାରତୀୟ ତୈଳନିଗରମର ସର୍ବବୃହତ୍ ନିବେଶ ହେବ । ଏହି ପ୍ରକଳ୍ପ ପାଇଁ ଆବଶ୍ୟକୀୟ ସମସ୍ତ ଜମି ରାଜ୍ୟ ସରକାର ତୁରନ୍ତ ଯୋଗାଇବାର ଆବଶ୍ୟକତା ରହିଛି । ଏହି ପେଟ୍ରୋକେମିକାଲ କମ୍ପ୍ଲେକ୍ସ ପିଭିସି, ଫିନୋଲ୍, ଆଇପିଏ ଏବଂ ପଲିମର୍ ଆଦି ଉତ୍ପାଦନ କରିବ । ପ୍ଲାଷ୍ଟିକ୍, ଫାର୍ମା, ଆଗ୍ରୋକେମିକାଲ, ପର୍ସନାଲ କେୟାର ଏବଂ ପେଂଟ ଆଦି ପ୍ରମୁଖ ଡାଉନଷ୍ଟ୍ରିମ୍ ଶିଳ୍ପକୁ ଏହା ମଜଭୁତ କରିବ । ସର୍ବୋପରି ଆତ୍ମନିର୍ଭର ଭାରତ ଅଭିଯାନକୁ ଏହା ସମୃଦ୍ଧ କରିବ । ପ୍ରକଳ୍ପ କାର୍ଯ୍ୟ ଶେଷ ହେବା ପରେ ଇଣ୍ଡିଆନ ଅଏଲର ପେଟ୍ରୋକେମିକାଲ ସୂଚକାଙ୍କରେ ଉଲ୍ଲେଖନୀୟ ଉନ୍ନତି ଆସିବ । ଡାଉନଷ୍ଟ୍ରିମ୍ ଶିଳ୍ପକୁ ଏହା ସୁଦୃଢ଼ କରିବା ସହ ଦେଶରେ ତଥା ଓଡ଼ିଶାରେ ଆଖିଦୃଶିଆ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ବୋଲି ଶ୍ରୀ ରାୟ କହିଛନ୍ତି ।

# ବି.ଏସ୍.କେ.ୱାଇର କ୍ଷେତ୍ରସ୍ତରୀୟ କାର୍ଯ୍ୟାୟନ ସମୀକ୍ଷା

ଭୁବନେଶ୍ୱର, ୨୩/୦୩ (ନି.ପ୍ର): ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବି.ଏସ୍.କେ.ୱାଇ)ର ଦ୍ରୁତବର୍ଦ୍ଧିଷ୍ଣୁ ପ୍ରସାର ଓ ଲୋକପ୍ରିୟତାକୁ ଲକ୍ଷ୍ୟ କରି ଏହାର ସଠିକ କ୍ଷେତ୍ରସ୍ତରୀୟ କାର୍ଯ୍ୟାୟନ ଉପରେ ସରକାର ଗୁରୁତ୍ୱ ଆରୋପ କରିଛନ୍ତି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଶାସନ ସଚିବ ଶ୍ରୀମତୀ ଶାଳିନୀ ପଣ୍ଡିତ ଇତି ମଧ୍ୟରେ ଯୋଜନାର କ୍ଷେତ୍ରସ୍ତରୀୟ ରୂପାୟନ ସମ୍ବନ୍ଧିତ ବିଷୟ ସମୀକ୍ଷା କରି ଅନୁବନ୍ଧିତ ହସ୍ପିଟାଲ୍ ଗୁଡିକର ଅଧିକାରୀ ଜିଲ୍ଲା ସଂଯୋଜକ ଓ ସ୍ୱାସ୍ଥ୍ୟମିତ୍ର ଆଦି ତୃଣମୂଳସ୍ତରୀୟ ଅଧିକାରୀମାନଙ୍କ ନିମନ୍ତେ ନିୟମିତ ତାଲିମ ଓ ଅନୁପ୍ରେରଣା ଶିବିରମାନ ଆୟୋଜନ କରିବା ପାଇଁ ରାଜ୍ୟସ୍ତରୀୟ ଟିମକୁ ନିର୍ଦ୍ଦେଶ ଦେଇଛନ୍ତି ।

ରାଜ୍ୟ ସ୍ୱାସ୍ଥ୍ୟସେବା ପ୍ରତିଶ୍ରୁତି ସୋସାଇଟି ସଭାଗୃହଠାରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶକ ଡାକ୍ତର ଡି. ବୃନ୍ଦା ଯୋଜନା କାର୍ଯ୍ୟାୟନର ପ୍ରଶାସନିକ ଓ ବୈଷୟିକ ବିଷୟ ଆଲୋଚନା ନିମନ୍ତେ ଉପସ୍ଥାପନ କରିଥିଲେ । ଜିଲ୍ଲାସ୍ତରରେ ଜିଲ୍ଲା ସଂଯୋଜକ କାର୍ଯ୍ୟାଳୟଗୁଡ଼ିକୁ ଅଧିକ ଦୃଢ଼ୀଭୂତ କରିବା ପାଇଁ ଶାସନ ସଚିବ ଶ୍ରୀମତୀ ପଣ୍ଡିତ ନିର୍ଦ୍ଦେଶ ଦେଇଥିଲେ । ଏଥିପାଇଁ ସେମାନଙ୍କୁ ଆବଶ୍ୟକୀୟ ଭିତିଭୂମି, କମ୍ପ୍ୟୁଟର ଇଂଟରନେଟ୍ ସୁବିଧା ଆଦି ଯୋଗାଇ ଦିଆଯିବ ।

ବି.ଏସ୍.କେ.ୱାଇ ରେ ଉଚ୍ଚ ଗୁଣାତ୍ମକ ମାନର ଚିକିତ୍ସା ନିମନ୍ତେ ବର୍ତମାନ ସୁଦ୍ଧା ଉଭୟ ରାଜ୍ୟ ଭିତରେ ଏବଂ ରାଜ୍ୟ ବାହାରର ଥିବା ୬୨୬ ଟି ସୁପର ସ୍ପେସାଲିଟି ଘରୋଇ ହସ୍ପିଟାଲ୍କୁ ଅନୁବନ୍ଧିତ କରାଯାଇଛି । ଆଗାମୀ ବର୍ଷ ପାଇଁ ହସ୍ପିଟାଲ ମାନଙ୍କୁ ଅନୁବନ୍ଧିତ ବା ତାଲିକା-ଅନ୍ତର କଲାବେଳେ ସଂଗୃହୀତ ଲୋକମତ, ସଂପୃକ୍ତ ହସ୍ପିଟାଲରେ ଉପଲବ୍ଧ ରୋଗୀ-କୈନ୍ଦ୍ରିକ ସୁବିଧା ଓ ଆଧୁନିକ ଚିକିତ୍ସା ଉପକରଣ, ହସ୍ପିଟାଲର ନିଜସ୍ୱ ଅଭିଜ୍ଞ ଡାକ୍ତର ଆଦି ବିଷୟକୁ ବିଶେଷ ଗୁରୁତ୍ୱ ଦେବା ପାଇଁ ବୈଠକରେ ସ୍ଥିର ହୋଇଥିଲା । କ୍ଷେତ୍ରସ୍ତରରେ ସୂଚନା, ଅନୁ ପ୍ରେରଣା ଓ ସଂଯୋଜନା କାର୍ଯ୍ୟକୁ ଅଧିକ ଦୃଢ଼ୀଭୂତ କରିବା ପାଇଁ ଲକ୍ଷ୍ୟଭେଦୀ କାର୍ଯ୍ୟକ୍ରମ ସ୍ଥିର କରିବା ନିମନ୍ତେ ଶ୍ରୀମତୀ ପଣ୍ଡିତ ନିର୍ଦ୍ଦେଶ ଦେଇଥିଲେ । ସୋସାଇଟିର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡାକ୍ତର ଡି. ବୃନ୍ଦା, ଅତିରିକ୍ତ ଶାସନ ସଚିବ ଶୁଭାନନ୍ଦ ମହାପାତ୍ର, ଯୁଗ୍ମ କାର୍ଯ୍ୟନିର୍ବାହୀ (ଅର୍ଥ) ଅରବିନ୍ଦ୍ ରାଉତରାୟ, ଯୁଗ୍ମ ନିର୍ଦ୍ଦେଶକ ଡାକ୍ତର ବିଷ୍ଣୁ ପ୍ରସାଦ ମହାପାତ୍ରଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ୧୦୬ଟି ଉନ୍ନୀତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନାମଲେଖା ପାଇଁ ପ୍ରସ୍ତୁତି କର୍ମଶାଳା

ଭୁବନେଶ୍ୱର, ୨୩/୦୩ (ନି.ପ୍ର): ଆସନ୍ତା ୨୦୨୩-୨୪ ଶିକ୍ଷା ବର୍ଷରୁ ରାଜ୍ୟରେ ୧୦୬ ଗୋଟି ଉନ୍ନୀତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଏକାଦଶ ଶ୍ରେଣୀ ଖୋଲାଯାଇ ଶିକ୍ଷାଦାନ ଆରମ୍ଭ ପାଇଁ ଏକ ଦିନିକିଆ ପ୍ରସ୍ତୁତି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଦ୍ୱାରା ରାଜ୍ୟ କୃଷି ଭବନଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଉପସ୍ଥିତ ଜିଲା ଶିକ୍ଷା ଅଧିକାରୀ / ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଓ ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକମାନଙ୍କୁ ଏକାଦଶ ଶ୍ରେଣୀ ଖୋଲିବା ପାଇଁ ଏବେଠାରୁ ସମସ୍ତ ପ୍ରକାର ପ୍ରସ୍ତୁତି ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ ଏବଂ ରାଜ୍ୟ ସରକାରଙ୍କର ଏହା ଏକ ଯୁଗାନ୍ତକାରୀ ପଦକ୍ଷେପ ବୋଲି ମତବ୍ୟକ୍ତ କରିଥିଲେ । ବିଭାଗୀୟ ସ୍ୱତନ୍ତ୍ର ଶାସନ ସଚିବ ଶ୍ରୀମତୀ ଶୁଭଶ୍ରୀ ନନ୍ଦ ଉନ୍ନୀତ ବିଦ୍ୟାଳୟ ଖୋଲାଯିବାରେ ଜିଲ୍ଲା ଶିକ୍ଷା ଅଧିକାରୀ ମାନଙ୍କର ଗୁରୁଦାୟିତ୍ୱ ଉପରେ ଆଲୋଚନା କରିଥିଲେ । ସ୍ଥିତିରେ ବିଦ୍ୟାଳୟରେ ଉପଲବ୍ଧ କୋଠରୀ ମଧ୍ୟରୁ ଏକାଦଶ ଶ୍ରେଣୀ ପାଇଁ ଶ୍ରେଣୀଗୃହ ଚିହ୍ନଟ କରି ପ୍ରସ୍ତୁତି, ଆବଶ୍ୟକ ସ୍ଥଳେ, ସକାଳୁଆ ଶିକ୍ଷାଦାନ ବ୍ୟବସ୍ଥା, ଶିକ୍ଷାଦାନ ପାଇଁ ଅତିଥି ଶିକ୍ଷକ ନିୟୋଜନ ପ୍ରକ୍ରିୟା, ନାମଲେଖା ପାଇଁ ନିଜ ନିଜ ବିଦ୍ୟାଳୟ ସମେତ ସ୍ଥାନୀୟ ଅଂଚଳର ଉଚ୍ଚ ବିଦ୍ୟାଳୟଗୁଡିକରେ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ଓ ଅଭିଭାବକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି, ଛାତ୍ରଛାତ୍ରୀଙ୍କ ବସିବା ପାଇଁ ଟେବୁଲଚୌକି ବ୍ୟବସ୍ଥା ଇତ୍ୟାଦି ସମ୍ପର୍କରେ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ରଘୁରାମ ଆର. ଆୟାର ଆଲୋକପାତ କରିଥିଲେ । ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଅଧକ୍ଷ ଶ୍ରୀନୀ ମିଶ୍ର ଯୋଗଦେଇ ଉଚ୍ଚ ମାଧ୍ୟମିକ ସ୍ତରର ଶିକ୍ଷାଦାନ ବ୍ୟବସ୍ଥା, ପରୀକ୍ଷା ଓ ମୂଲ୍ୟାୟନ ବ୍ୟବସ୍ଥା ଆଦି ସମ୍ପର୍କରେ ସୂଚନା ଦେଇଥିଲେ । ପ୍ରାରମ୍ଭରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସାମସ୍ ପୋର୍ଟାଲ ମାଧ୍ୟମରେ ଅନଲାଇନରେ ନାମଲେଖା ବ୍ୟବସ୍ଥା ଓ ସାମସ୍ ଡାଟାବେସ ଉପରେ ଉପନିର୍ଦ୍ଦେଶକ ଡ଼. ଭାଗୀରଥି କାଣ୍ଡି ବିସ୍ତୃତ ଭାବରେ ଅଂଶଗ୍ରହଣକାରୀ ପ୍ରଧାନ ଶିକ୍ଷକମାନଙ୍କୁ ତାଲିମ ଦେଇଥିଲେ । ଉନ୍ନୀତ ବିଦ୍ୟାଳୟ ପାଇଁ ସମଗ୍ର ଶିକ୍ଷାରେ ଥିବା ବିଭିନ୍ନ ସୁବିଧା ସୁଯୋଗ, ଗୃହ ନିର୍ମାଣ, ଅର୍ଥ ପରିଚାଳନା ବ୍ୟବସ୍ଥା ଆଦି ଉପରେ ଓସେପାର ଅଧିକାରୀମାନେ ଉପସ୍ଥିତ ରହି ଆଲୋଚନା କରିଥିଲେ ।

ଅନ୍ୟମାନଙ୍କ ମଧ୍ୟରେ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ସୁଶାନ୍ତ କୁମାର ଦାସ, ସିଏଚ୍‌ଏସଇର ଉପାଧକ୍ଷ ଡ଼. ସୁନୀଲ କୁମାର ଜେନା, ଓସେପାର ଯୁଗ୍ମ ନିର୍ଦ୍ଦେଶକ ସୁରେଖା ତରେଇ, ଦୀପକ ରାୟ ସମେତ ବହୁ ଅଧିକାରୀ ଉପସ୍ଥିତ ରହି ଅଂଶଗ୍ରହଣକାରୀମାନଙ୍କୁ ଦିଗଦର୍ଶନ ଦେଇଥିଲେ ।

ଏହି କାର୍ଯ୍ୟକ୍ରମରେ ୩୦ଟି ଜିଲ୍ଲାରୁ ଜିଲ୍ଲା ଶିକ୍ଷା ଅଧିକାରୀ / ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ, ୧୦୬ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷ, ୩ ଜଣ ଆଂଚଳିକ ଶିକ୍ଷା ନିର୍ଦ୍ଦେଶକ ଯୋଗଦାନ କରିଥିଲେ । ଯୁଗ୍ମ ନିର୍ଦ୍ଦେଶକ ଡ଼. ସନାତନ ପଣ୍ଡା ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

## ଅଜଣା ଜନ୍ତୁ ଆକ୍ରମଣରେ ପୁଣି ୩ ମେଣ୍ଢାଙ୍କ ମୃତ୍ୟୁ

ନିଆଳି, ୨୩/୦୩ (ନି.ପ୍ର): ଅଜଣା ଜନ୍ତୁ ଆକ୍ରମଣରେ ପୁଣି ଗଲା ୩ମେଣ୍ଢାଙ୍କ ଜୀବନ । କଂଟାପଡ଼ା ବ୍ଲକ ନାହଳପୁର୍ ପଂଚାୟତ ଗୁଣାଦୋଳ ଠାକୁରାପୋଖରୀ ଗ୍ରାମର ପଂଚାନନ ଚୌଧୁରୀଙ୍କ ଗତକାଲି ବିଳମ୍ବିତ ରାତିରେ ୩ଟି ମେଣ୍ଢାଙ୍କ ମୃତୁ ଘଟିଛି । ୧୫ଦିନ ମଧ୍ୟରେ ୩୦ଟି ମେଣ୍ଢାଙ୍କ ଜୀବନ ଯାଇଥିବା ବେଳେ ଏହା ପଛର କାରଣ ଆଜି ବି ଅସ୍ପଷ୍ଟ ।

# ସୂର୍ଯ୍ୟକ୍ଷେତ୍ର ଫାଉଣ୍ଡେସନ ପକ୍ଷରୁ ବିଶ୍ୱ ଜଳ ଦିବସ ପାଳିତ

ଭୁବନେଶ୍ୱର, ୨୩/୦୩ (ନି.ପ୍ର): ସମାଜସେବା ଅନୁଷ୍ଠାନ ସୂର୍ଯ୍ୟକ୍ଷେତ୍ର ଫାଉଣ୍ଡେସନ ପକ୍ଷରୁ ବିଶ୍ୱ ଜଳ ଦିବସ ପାଳିତ ହୋଇଯାଇଛି । ସ୍ଥାନୀୟ କେଶୁରାସ୍ଥିତ ଫାଉଣ୍ଡେସନ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ଚେୟାରମ୍ୟାନ ଡ. ବିପିନ ବିହାରୀ ମିଶ୍ର ଅଧ୍ୟକ୍ଷତା କରି ସମାଜର ସବୁ ବର୍ଗର ଲୋକଙ୍କୁ ଜଳ ସମସ୍ୟା ସମ୍ପର୍କରେ ସଚେତନ କରାଇ ଜଳ ସମ୍ପଦର ସଂରକ୍ଷଣ ଓ ତାର ସଦୁପଯୋଗ ଉପରେ ଧ୍ୟାନ ଦେବା ବିଶ୍ୱ ଜଳ ଦିବସ ପାଳନର ମୁଖ୍ୟ ଲକ୍ଷ୍ୟ ବୋଲି କହିଥିଲେ । ସାଧାରଣ ସମ୍ପାଦକ ଡଃ. ସୁକାନ୍ତୀ ମିଶ୍ର କହିଲେ ଯେ, ବର୍ତମାନ ଜଳ ସମସ୍ୟା ଏକ ଉତ୍କଟ ସମସ୍ୟା ଭାବେ ଦେଖା ଦେଇଛି । ଜଳ ସଂରକ୍ଷଣ ପାଇଁ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ହାତକୁ ନୋବକୁ ହେବ । ବିଶେଷକରି ସ୍କୁଲ୍ କଲେଜ ଛାତ୍ରଛାତ୍ରୀ ମାନଙ୍କୁ ଏହି ଅଭିଯାନରେ ସାମିଲ କରିବାକୁ କହିଥିଲେ ।

ମୁଖ୍ୟବକ୍ତା ଭାବେ ଯୋଗଦେଇ କୃଷି ବୈଜ୍ଞାନିକ ରବୀନ୍ଦ୍ର ନାଥ ରାଉତରାୟ ଜଳ ସଂରକ୍ଷଣର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । ଜଳର ସଦୁପଯୋଗ କରିବା, ତାର ଅପଚୟ ରୋକିବା ପାଇଁ ଶପଥ ନେବାକୁ ସମସ୍ତଙ୍କୁ ଆହ୍ୱାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସର୍ବଶ୍ରୀ ଅକ୍ଷୟ କୁମାର ପାଣି, ବାଳକୃଷ୍ଣ ରାଉତ, ଦିବ୍ୟଜ୍ୟୋତି ସାହୁ, ବୈରୀଗଞ୍ଜନ ପରିଡ଼ା ପ୍ରମୁଖ ଯୋଗଦେଇ ନିଜର ବକ୍ତବ୍ୟ ରଖିଥିଲେ । ଏହି ଉପଲକ୍ଷେ ଜଳ ସଂରକ୍ଷଣ ସମ୍ପର୍କିତ ଜନ ସଚେତନତା ପୁସ୍ତିକା ବଂଟନ କରାଯାଇଥିଲା ।

# ଓଡ଼ିଶା ସରକାର ନିଜ ଅବହେଳା କାରଣରୁ କେନ୍ଦ୍ରୀୟ ଅନୁଦାନ ହରାଉଛନ୍ତି : ମୋହନ ମାଝୀ

ଭୁବନେଶ୍ୱର, ୨୩/୦୩ (ନି.ପ୍ର): ଓଡ଼ିଶା ସରକାର ନିଜର ଅବହେଳା କାରଣରୁ ପିଏମ ପୋଷଣ ଓ ଅନ୍ୟାନ୍ୟ ଯୋଜନାରେ କେନ୍ଦ୍ରୀୟ ଅନୁଦାନ ହରାଇବା ଭଳି ପରିସ୍ଥିତି ସୃଷ୍ଟି କରୁଛନ୍ତି ବୋଲି ବିରୋଧୀ ଦଳର ମୁଖ୍ୟ ସଚେତକ ମୋହନ ମାଝୀ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି । ରାଜ୍ୟ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ଦାସ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଗତ ୧୬ ମାର୍ଚ୍ଚ ୨୦୨୩ ଦିନ ପତ୍ର ଲେଖି ପିଏମ ପୋଷଣ ଯୋଜନାରେ ଦ୍ୱିତୀୟ କିସ୍ତି ମିଳିନଥିବା କଥା କହିଥିଲେ । କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗତ ମାର୍ଚ୍ଚ ୧୭ ତାରିଖରେ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ତଥ୍ୟ ପ୍ରଦାନ କରିଥିଲେ । ରାଜ୍ୟ ସରକାରଙ୍କ ଦ୍ୱାରା ମୂଳ ବଜେଟରେ ସ୍ୱଳ୍ପ ଅର୍ଥ ଏବଂ ଅତିରିକ୍ତ ବଜେଟରେ କୌଣସି ଅର୍ଥ ଆବଂଟନ ନ କରିବା ପରେ ବି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନଙ୍କ ହସ୍ତକ୍ଷେପ ପରେ ଶିକ୍ଷା ମନ୍ତ୍ରଣାଳୟ ତରଫରୁ ପିଏମ ପୋଷଣରେ ଓଡ଼ିଶାକୁ ଦ୍ୱିତୀୟ କିସ୍ତିରେ ୨୮୩.୭୮ କୋଟି ଟଙ୍କା ପ୍ରଦାନ କରାଯାଇଛି । ଏହା ବ୍ୟତିତ ରାଜ୍ୟ ସରକାର ପିଏଫଏମଏସ ମାଧ୍ୟମରେ ବିସ୍ତୃତ ପ୍ରସ୍ତାବ ପ୍ରଦାନ କଲେ ଆହୁରି ୨୫ କୋଟି ଟଙ୍କା ଦେବା ପାଇଁ କେନ୍ଦ୍ର ସରକାର ପ୍ରସ୍ତୁତ ଅଛନ୍ତି । ରାଜ୍ୟ ସରକାର ଆବଶ୍ୟକ ଓ ଅତିରିକ୍ତ ବଜେଟ୍ ନ କରିବା ସତ୍ତ୍ୱେ ବି କେନ୍ଦ୍ର ସରକାର ପିଏମ ପୋଷଣର ଦ୍ୱିତୀୟ କିସ୍ତି ପାଇଁ ଅନୁମୋଦନ କରିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଧନ୍ୟବାଦ ଦେବା ପାଇଁ ସେ କହିଛନ୍ତି । ପିଏମ୍ ପୋଷଣ ପାଇଁ ଯୋଜନା ମଞ୍ଜୁରୀ ବୋର୍ଡ ଦ୍ୱାରା ଗୃହୀତ ବାର୍ଷିକ କାର୍ଯକ୍ରମ ପାଇଁ ରାଜ୍ୟ ବଜେଟରେ ଉଭୟ କେନ୍ଦ୍ର ଓ ରାଜ୍ୟ ଭାଗର ଅର୍ଥ ବ୍ୟବସ୍ଥା କରିବାର ଆବଶ୍ୟକତା ଥାଏ । ବାସ୍ତବିକ ଖର୍ଚ୍ଚ ଓ ସମ୍ବଳିତ ୟୁସି ଆଦି ଦେଲା ପରେ ରାଜ୍ୟମାନେ କେନ୍ଦ୍ର ସରକାରଙ୍କ ଠାରୁ କିସ୍ତି ଆକାରରେ କେନ୍ଦ୍ର ଅନୁଦାନ ପାଇଥାନ୍ତି । ୨୦୨୨-୨୩ ମସିହାରେ ଓଡ଼ିଶାର ମଧ୍ୟାହ୍ନ ଭୋଜନ ଯୋଜନାରେ ମୋଟ ଖର୍ଚ୍ଚ ଅନୁମାନ ୯୦୬.୯ କୋଟି ଥିଲା ବେଳେ ଏହାପାଇଁ ୫୭୫.୫ କୋଟି ଟଙ୍କା କେନ୍ଦ୍ରୀୟ ଅନୁଦାନ ଓ ବାଧ୍ୟତାମୂଳକ ରାଜ୍ୟ ଭାଗ ୩୩୦.୯ କୋଟି ଥିଲା । ଓଡ଼ିଶା ସରକାର କିନ୍ତୁ ଏହି ଯୋଜନା ପାଇଁ ରାଜ୍ୟ ବଜେଟରେ ୯୦୬.୯ କୋଟି ବଦଳରେ ୮୮୯.୯ କୋଟି ଅନୁଦାନ ଅର୍ଥାତ ରାଜ୍ୟ ସରକାର ବଜେଟରେ ୧୬.୯ କୋଟି ଟଙ୍କା କମ ବଜେଟ୍ ଦେଇଥିଲେ । କେନ୍ଦ୍ର ସରକାର ଅକ୍ଟୋବର, ୨୦୨୨ରେ ଏହି ଯୋଜନାରେ ଯୋଗାଉଥିବା ସାମଗ୍ରୀ ଚାଉଳ, ଡାଲି ରୋଷେଇ ସାମଗ୍ରୀ ଓ ପରିବହନ ଖର୍ଚ୍ଚ ଆଦିର ଅନୁଦାନ ରାଶି ୯.୬ ପ୍ରତିଶତ ବୃଦ୍ଧି କରିଥିଲେ । ଏହି ଅନୁସାରେ ଓଡ଼ିଶା ସରକାର ନିଜ ତରଫରୁ ଏ ନେଇ କୌଣସି ଅତିରିକ୍ତ ବଜେଟ୍ ଆବଂଟନ କଲେ ନାହିଁ । ଫଳସ୍ୱରୂପ ମୂଳ ନିଅଂଟ୧୬.୯ କୋଟିରୁ ବଢ଼ି ୫୦.୯ କୋଟିରେ ପହଂଚିଲା । ବର୍ତମାନ ଓଡ଼ିଶା ସରକାର ଲେଖି କରି ଜଣାଇଛନ୍ତି ଯେ ପିଲାମାନଙ୍କ ମଧ୍ୟାହ୍ନ ଭୋଜନ ପାଇଁ ଅତିରିକ୍ତ ବଜେଟ ବ୍ୟବସ୍ଥା କରିପାରିବେ ନାହିଁ । ନିଜ ବିଭାଗ ଓ ନିଜ ସରକାରର ଅବହେଳାକୁ ଅଣଦେଖା କରି କେନ୍ଦ୍ର ଉପରେ ଦୋଷ ଦେବା ପାଇଁ ଅପଚେଷ୍ଟା କରିଛନ୍ତି । ଏହା ସତ୍ତ୍ୱେ ବି ଭାରତ ସରକାର ନିଜ ତରଫରୁ ଦ୍ୱିତୀୟ କିସ୍ତି ପାଇଁ ୨୮୩.୭୮ କୋଟି ଟଙ୍କା ପ୍ରଦାନ କରିଛନ୍ତି । ରାଜ୍ୟ ସରକାର ବଜେଟରେ କମ ପଇସା ଦେଲେ । ଗତବର୍ଷ ନଭେମ୍ବରରେ ରାଜ୍ୟର ଅତିରିକ୍ତ ବଜେଟରେ ଖେଳକୁଦ, ନାଚଗୀତ, ଯାନି ଯାତ୍ରା ଓ ହକି ଷ୍ଟାଡିୟମ ପାଇଁ ବଜେଟ୍ ଦେଲେ କିନ୍ତୁ ସ୍କୁଲରେ ପିଲାମାନଙ୍କ ପାଇଁ ମଧ୍ୟାହ୍ନ ଭୋଜନରେ ପଇସା ଦେବାକୁ ଭୁଲିଗଲେ । ଚିରାଚରିତ ଢଙ୍ଗରେ ନିଜର ଦୋଷ ଦୁର୍ବଳତା ଓ ଅପାରଗତାକୁ କେନ୍ଦ୍ର ଉପରେ ଲଦିବାର ଅପଚେଷ୍ଟା ଓଡ଼ିଶା ସରକାର କରିଆସୁଛନ୍ତି । ମଧ୍ୟାହ୍ନ ଭୋଜନ ଯୋଜନାରେ କେନ୍ଦ୍ରୀୟ ଅବହେଳା ନେଇ ମନ୍ତ୍ରୀ ସମୀର ଦାସ ସୃଷ୍ଟି କରିଥିବା ଅପପ୍ରଚାର ଏହାର ସଦ୍ୟ ଉଦାହରଣ । ଓଡ଼ିଶାରେ ସ୍କୁଲ ଯାଉଥିବା ପିଲାମାନଙ୍କ ପାଇଁ ସ୍କୁଲ ଗୁଡିକରେ ସବୁଜ ରଙ୍ଗ ଓ ମୁଖ୍ୟମନ୍ତ୍ରୀଙ୍କ ପୋଷ୍ଟର ମାରିବା ଅପେକ୍ଷା ସେମାନଙ୍କୁ ସୁଷମ ଓ ପୁଷ୍ଟିକର ଖାଦ୍ୟ ବ୍ୟବସ୍ଥା କରିବା ସରକାରଙ୍କ ପ୍ରାଥମିକତା ହେବା ଆବଶ୍ୟକ ବୋଲି ବିରୋଧୀ ଦଳର ମୁଖ୍ୟ ସଚେତକ ଶ୍ରୀ ମାଝୀ ପ୍ରକାଶ କରିଛନ୍ତି ।

## ରାଜ୍ୟସ୍ତରୀୟ ହସ୍ତଶିଳ୍ପ ପ୍ରଦର୍ଶନୀ ଉଦ୍‌ଘାଟିତ

ଭୁବନେଶ୍ୱର, ୨୩/୦୩ (ନି.ପ୍ର): ଉତ୍ପାଦିତ ସାମଗ୍ରୀଗୁଡ଼ିକର ବିକ୍ରିବଟାର ସହାୟତା ନିମନ୍ତେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଅନ୍ତର୍ଗତ ହସ୍ତଶିଳ୍ପ ନିର୍ଦ୍ଦେଶାଳୟ ମାଧ୍ୟମରେ ଚଳିତ ବର୍ଷ ଏକ ରାଜ୍ୟସ୍ତରୀୟ ପ୍ରଦର୍ଶନୀ ୟୁନିଟ୍-୩ସ୍ଥିତ ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆ ଭୁବନେଶ୍ୱରଠାରେ ଆୟୋଜନ କରାଯାଇଛି । ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର ସ୍ୱତନ୍ତ୍ର ସଚିବ ତଥା ବୟନିକାର ପରିଚାଳନା ନିର୍ଦ୍ଦେଶକ ଶ୍ରୀକାନ୍ତ ପୃଷ୍ଟି, ବୟନ ଶିଳ୍ପ ନିର୍ଦ୍ଦେଶକ ଶୋଭନ କୃଷ୍ଣ ସାହୁ, ଜାତୀୟ ପୁରସ୍କାରପ୍ରାପ୍ତ ପ୍ରସ୍ତର ଶିଳ୍ପୀ କାଶୀନାଥ ତ୍ରିପାଠୀ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଅତିରିକ୍ତ ଶାସନ ସଚିବ ତଥା ହସ୍ତଶିଳ୍ପ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ବିକ୍ରମାଦିତ୍ୟ ବାରିକ ଅତିଥି ଭାବେ ଯୋଗଦାନ କରି ପ୍ରଦୀପ ପ୍ରଜ୍ୱଳନ ତଥା ବୃକ୍ଷରେ ଜଳଦାନପୂର୍ବକ ଆଜିର ରାଜ୍ୟସ୍ତରୀୟ ହସ୍ତଶିଳ୍ପ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ ।

ଏହି ଅବସରରେ ୨୭ ଗୋଟି ଜିଲ୍ଲାରୁ ପ୍ରାୟ ୨୪୦ ଜଣ ହସ୍ତଶିଳ୍ପ କାରିଗରଙ୍କୁ ବିନାଦେୟରେ ଷ୍ଟଲ ପ୍ରଦାନ କରାଯାଇଛି । ଅଂଶଗ୍ରହଣ କରୁଥିବା ଜିଲ୍ଲାଗୁଡ଼ିକ ହେଲା କେନ୍ଦୁଝର, ଯାଜପୁର, ବାଲେଶ୍ୱର, ସୁବର୍ଣ୍ଣପୁର, ବରଗଡ଼, ଖୋର୍ଦ୍ଧା, ନୟାଗଡ଼, ଢେଙ୍କାନାଳ, ମୟୂରଭଞ୍ଜ, କଟକ, ନବରଙ୍ଗପୁର, ସମ୍ବଲପୁର, କେନ୍ଦ୍ରାପଡ଼ା, ପୁରୀ, ସୁନ୍ଦରଗଡ଼, ଗଞ୍ଜାମ, କଳାହାଣ୍ଡି, କୋରାପୁଟ, ରାୟଗଡ଼ା, ବଲାଙ୍ଗିର, ବୌଦ୍ଧ, ଗଜପତି, ଜଗତସିଂହପୁର, ମାଲକାନଗିରି, ଝାରସୁଗୁଡ଼ା, ନୁଆପଡ଼ା ଓ ଭଦ୍ରକ । ଏହି ପ୍ରଦର୍ଶନୀ ମାଧ୍ୟମରେ ପ୍ରାୟ ୨ କୋଟି ଟଙ୍କାରୁ ଊର୍ଦ୍ଧ୍ୱର୍ ହସ୍ତଶିଳ୍ପ ସାମଗ୍ରୀ ବିକ୍ରି ହେବାର ଆକଳନ କରାଯାଇଛି ।

ଓଡ଼ିଶା ସରକାରଙ୍କ ଦ୍ୱାରା ଅନୁମୋଦିତ ୫୧ ଗୋଟି ହସ୍ତଶିଳ୍ପକୁ ଆଧାର କରି ଏକ ଲକ୍ଷ ୫୦ ହଜାରରୁ ଊର୍ଦ୍ଧ୍ୱ କାରିଗରମାନେ ବିଭିନ୍ନ ସାମଗ୍ରୀ ଉତ୍ପାଦନ କରୁଛନ୍ତି । ହସ୍ତଶିଳ୍ପ କଳାକୃତି ପାଇଁ ଆମ ରାଜ୍ୟ ଓଡ଼ିଶା ବହୁସଂଖ୍ୟାରେ ଜାତୀୟ ପୁରସ୍କାରପ୍ରାପ୍ତ ହେବାର ଗୌରବ ଅର୍ଜନ କରିଛି । ଅଦ୍ୟାବଧି ୧୮୮ ଜଣ ହସ୍ତଶିଳ୍ପୀ ଜାତୀୟ ପୁରସ୍କାରପ୍ରାପ୍ତ ହୋଇଛନ୍ତି ଏବଂ ତନ୍ମଧ୍ୟରୁ ୪ ଜଣ ପଦ୍ମ ପୁରସ୍କାର, ୧୩ ଜଣ ଶିଳ୍ପଗୁରୁ ଭାବେ ସମ୍ମାନିତ ହୋଇଛନ୍ତି । ଏତଦ୍‌ବ୍ୟତୀତ ୩୩୨ ଜଣ ହସ୍ତଶିଳ୍ପୀ ରାଜ୍ୟସ୍ତରୀୟ ପୁରସ୍କାର ଗ୍ରହଣ କରିଛନ୍ତି ।

ଓଡ଼ିଶା ସରକାର ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ମାଧ୍ୟମରେ ହସ୍ତଶିଳ୍ପର ବିକାଶ ପାଇଁ ବିଭିନ୍ନ ପ୍ରୋତ୍ସାହନମାନ ପ୍ରଦାନ କରୁଛନ୍ତି । ବଜାର ସହାୟତା ପାଇଁ ପ୍ରଦର୍ଶନୀମାନ ଆୟୋଜନ କରାଯାଉଛି । କାରିଗର, ସ୍ୱୟଂ ସହାୟକ ଗୋଷ୍ଠୀ, ଶୀର୍ଷ ଅନୁଷ୍ଠାନ ଓ ସମବାୟ ସମିତିମାନଙ୍କୁ ଦକ୍ଷତା ବୃଦ୍ଧି, କାରିଗରୀ କୌଶଳ ବୃଦ୍ଧି ତାଲିମ, ଉନ୍ନତ ମାନର ଯନ୍ତ୍ରପାତି, ବ୍ୟାଙ୍କ ଋଣ ସହାୟତା, ଭିତିଭୂମିର ବିକାଶ, ନମୂନା ବିକାଶ, ପ୍ରଦର୍ଶନୀ ମାଧ୍ୟମରେ ବଜାର ସହାୟତା ଇତ୍ୟାଦି ଯୋଗାଇ ଦିଆଯାଉଛି । ଏତଦ୍‌ବ୍ୟତୀତ ହସ୍ତଶିଳ୍ପ ସାମଗ୍ରୀ ପାଇଁ ଅନ୍‌ଲାଇନ୍ ମାର୍କେଟିଂର ବ୍ୟବସ୍ଥା କରାଯାଉଛି ।

# ମନମୋହନ ସାମଲଙ୍କୁ ଅଭିନନ୍ଦନ ଜଣାଇଲେ ସମୀର ମହାନ୍ତି

ଭୁବନେଶ୍ୱର, ୨୩/୦୩ (ନି.ପ୍ର): ରାଷ୍ଟ୍ରୀୟ ସଭାପତି ଜେ.ପି.ନଡ୍ଡା ଆଜି ରାଜ୍ୟ ସଭାପତି ଭାବେ ପୂର୍ବତନ ମନ୍ତ୍ରୀ ମନମୋହନ ସାମଲଙ୍କୁ ନିଯୁକ୍ତି ଦେଇଛନ୍ତି । ନବନିଯୁକ୍ତ ରାଜ୍ୟ ସଭାପତି ଶ୍ରୀ ସାମଲଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି ରାଜ୍ୟ ସଭାପତି ସମୀର ମହାନ୍ତି । ଏଥି ସହ ଶ୍ରୀ ମହାନ୍ତି ବିଜେପିର ସମସ୍ତ କାର୍ଯ୍ୟକର୍ତା, ସହଯୋଗୀ, ଗଣମାଧ୍ୟମ ଓ ଶୁଭେଚ୍ଛୁଙ୍କୁ କୃତଜ୍ଞତା ଜଣାଇଛନ୍ତି । ୨୦୨୦ ମସିହା ଜାନୁଆରୀ ୧୭ ତାରିଖ ଦିନରୁ ରାଜ୍ୟ ସଭାପତି ଭାବେ ଦାୟୀତ୍ୱ ତୁଲାଇ ଆସୁଥିବା ଶ୍ରୀ ମହାନ୍ତିଙ୍କ ଗତ ଜାନୁଆରୀ ମାସରେ କାର୍ଯ୍ୟକାଳ ଅବଧି ପୁରଣ ହୋଇସାରିଥିଲା । ନବନିଯୁକ୍ତ ରାଜ୍ୟ ସଭାପତି ଶ୍ରୀ ସାମଲଙ୍କ ନେତୃତ୍ୱରେ ଆଗାମୀ ଦିନରେ ପାର୍ଟୀର ସଂଗଠନକୁ ତୃଣମୂଳ ସ୍ତରରୁ ସୁଦୃଢ଼ କରିବା ସହ ରାଜ୍ୟରେ ଶାସକ ବିଜୁ ଜନତା ଦଳର ବିକଳ୍ପ ହେବ ବୋଲି ଶ୍ରୀ ମହାନ୍ତି ଦୃଢୋକ୍ତି ପ୍ରକାଶ କରିଛନ୍ତି । ଏହି ଅବସରରେ ରାଜ୍ୟ ସାଧାରଣ ସମ୍ପାଦକ ଗୋଲକ ମହାପାତ୍ର, ଡ.ଲେଖାଶ୍ରୀ ସମାନ୍ତସିଂହାର ଓ ରାଜ୍ୟ ସଂପାଦିକା ପିଙ୍କି ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

# ଭିନ୍ନକ୍ଷମ ହିତାଧିକାରୀଙ୍କୁ ମନ୍ତ୍ରୀ ବାଂଟିଲେ ଆଧୁନିକ ମୋଟର ଯାନ

ଭୁବନେଶ୍ୱର, ୨୩/୦୩ (ନି.ପ୍ର): ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ୫୦ଟି ରେଟ୍ରୋ-ଫିଟେଡ୍ ମୋଟର ଯାନ ବଂଟନ କାର୍ଯ୍ୟକ୍ରମ ଗୁରୁବାର ପୋଖରୀପୁଟସ୍ଥିତ ନ୍ୟାସନାଲ୍ କ୍ୟାରିୟର ସର୍ଭିସ୍ ସେଂଟର ଫର ଡିଫରେଂଟଲି ଏବୁଲଡ୍ (ଏନ୍‌ସିଏସ୍‌ଡିଏ) ପରିସରରେ ସକାଳେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଉପସ୍ଥିତ ରହି ଯୋଗ୍ୟ ଭିନ୍ନକ୍ଷମ ହିତାଧିକାରୀମାନଙ୍କୁ ଏହି ଅତ୍ୟାଧୁନିକ ମୋଟର ଯାନ ବଂଟନ କରିଥିଲେ । ଭିନ୍ନକ୍ଷମ ବ୍ୟକ୍ତିମାନଙ୍କ ସହଜ ଓ ସରଳ ଯାତାୟତ ପାଇଁ ରାଜ୍ୟ ସରକାରଙ୍କର ଏହା ଏକ ଯୁଗାନ୍ତକାରୀ ଉଦ୍ୟମ ଓ ରାଜ୍ୟରେ ଭିନ୍ନକ୍ଷମ ସଶକ୍ତିକରଣ କ୍ଷେତ୍ରରେ ଏପରି କାର୍ଯ୍ୟକ୍ରମ ଭିନ୍ନକ୍ଷମମାନଙ୍କ ମଧ୍ୟରେ ନୂତନ ଆଶା ସଂଚାର କରିଛି ବୋଲି ମନ୍ତ୍ରୀ ଶ୍ରୀ ପଣ୍ଡା କହିଥିଲେ । ଭୁବନେଶ୍ୱର (ମଧ୍ୟ) ବିଧାୟକ ଅନନ୍ତ ନାରାୟଣ ଜେନା କାର୍ଯ୍ୟକ୍ରମରେ ଉପସ୍ଥିତ ରହି ବିଭିନ୍ନ କଲ୍ୟାଣକାରୀ ଯୋଜନାର ସଫଳ ରୂପାୟନ ନିମନ୍ତେ ବିଭାଗକୁ ପ୍ରଶଂସା କରିଥିଲେ । ହିରୋ ମୋଟର୍ସର ଓଡ଼ିଶା ମୁଖ୍ୟ ହର୍ଷବର୍ଦ୍ଧନ ସମାଜ କଲ୍ୟାଣ କ୍ଷେତ୍ରରେ କାର୍ଯ୍ୟ କରିବା ନିମନ୍ତେ ଉଦ୍ୟୋଗଗୁଡ଼ିକ ଆଗ୍ରହୀ ଅଛନ୍ତି ବୋଲି ପ୍ରକାଶ କରି ଭିନ୍ନକ୍ଷମମାନଙ୍କୁ ରାଜ୍ୟ ସରକାରଙ୍କ ମାଧ୍ୟମରେ ଏପରି ମୋଟର ଯାନ ବିତରଣ କରାଯାଉଥିବାରୁ ଖୁସି ବ୍ୟକ୍ତ କରିଥିଲେ । ବିଭାଗୀୟ ଶାସନ ସଚିବ ଭାସ୍କର ଶର୍ମା ଭିନ୍ନକ୍ଷମ ବ୍ୟକ୍ତିମାନଙ୍କୁ ମୋଟର ଯାନଗୁଡିକର ସଦୁପଯୋଗ କରିବା ପାଇଁ ପରାମର୍ଶ ଦେଇଥିଲେ ।

## ନିଆଁ ପେଟରେ ଜଙ୍ଗଲ

(ପୃଷ୍ଠା-୪ର ଅବଶିଷ୍ଟାଂଶ)

ଜଙ୍ଗଲ ନିଆଁ, ଜଙ୍ଗଲ ସମ୍ପଦର ଅବକ୍ଷୟ ଯେ ଏହାର କାରଣ ତାହା ସାଧାରଣ ମଣିଷ ହେଜି ପାରୁନାହିଁ । ଜଙ୍ଗଲ ସମ୍ପଦ ନଷ୍ଟ କାରଣରୁ ବନ୍ୟା, ବାତ୍ୟା, ମରୁଡ଼ି ଭଳି ପ୍ରାକୃତିକ ବିପର୍ଯ୍ୟୟ ବର୍ଷକୁ ବର୍ଷ ବୃଦ୍ଧି ପାଉଥିବା ସମ୍ଭବତଃ ସାଧାରଣ ମଣିଷର ଜ୍ଞାନ ପରିସରକୁ ଆସୁନାହିଁ । କେବଳ ଭାରତରେ ନୁହେଁ, ଭୟାବହ ଜଙ୍ଗଲ ନିଆଁ ଆମେରିକା, କାନାଡ଼ା, ସୁଇଜରଲ୍ୟାଣ୍ଡ, ଜାପାନ ଭଳି ଉନ୍ନତ ରାଷ୍ଟ୍ରରେ ମଧ୍ୟ ଦେଖିବାକୁ ମିଳୁଛି । ଏସବୁ ରାଷ୍ଟ୍ରରେ ଲାଗୁଥିବା ଜଙ୍ଗଲ ନିଆଁ ଏକାଧିକ ଦିନ ପର୍ଯ୍ୟନ୍ତ ନିର୍ବାପିତ ହୋଇପାରୁନାହିଁ । ତେବେ ଏହାକୁ ନିର୍ବାପିତ କରିବା ପାଇଁ ସେ ସବୁ ଦେଶରେ ଯେଉଁଭଳି ଅତ୍ୟାଧୁନିକ ସାଧନର ବ୍ୟବସ୍ଥା ରହିଛି ଆମ ଦେଶରେ ସେଭଳି ପଦକ୍ଷେପ ଗ୍ରହଣ କରାଯାଇ ପାରିନାହିଁ । ଜଙ୍ଗଲରେ କେଉଁଠି ନିଆଁ ଲାଗୁଛି ତାହା ଉପରେ ନଜର ରଖିବା ପାଇଁ ବିଦେଶୀ ରାଷ୍ଟ୍ରଗୁଡ଼ିକରେ ଜଙ୍ଗଲ ଭିତରେ ନିରୀକ୍ଷଣ ମଞ୍ଚ ପ୍ରସ୍ତୁତ କରାଯାଇ ଦୂରବିକ୍ଷଣ ଯନ୍ତ୍ର ସାହାଯ୍ୟ ନେଇ ନିୟମିତ ପହରାର ବ୍ୟବସ୍ଥା ହୋଇଛି । ନିରୀକ୍ଷଣ ମଞ୍ଚରେ ଦିଗ ନିର୍ଣ୍ଣାୟକ ଯନ୍ତ୍ର ମଧ୍ୟ ଲଗାଯାଇଛି, ଯାହାଫଳରେ ଜଙ୍ଗଲ ଉପରେ ସଠିକ୍ ନଜର ରଖାଯାଇପାରୁଛି । ଅଗ୍ନି ନିର୍ବାପନ ପାଇଁ ହେଲିକେପ୍ଟର ବ୍ୟବସ୍ଥା ମଧ୍ୟ ରହିଛି । ନିଆଁ ଲାଗିଥିବା ଜଙ୍ଗଲ ଉପରେ ବାଲିବର୍ଷା, ଫୋମ ଓ ଅଗ୍ନି ନିର୍ବାପନ ଗ୍ୟାସର ପ୍ରୟୋଗ, କୃତ୍ରିମ ବର୍ଷା ଆଦି କରାଇବାର ବ୍ୟବସ୍ଥା କରାଯାଇଛି । ମାତ୍ର ସେହି ତୁଳନାରେ ଆମ ଦେଶର କୌଣସି ଅତ୍ୟାଧୁନିକ ସାଧନର ବ୍ୟବସ୍ଥା ନାହିଁ । କେବଳ ଫାୟାର ଲାଇନ ଓ ପରିଖା ପ୍ରଭୃତି ପାରମ୍ପରିକ ବ୍ୟବସ୍ଥାକୁ ନେଇ ଆମେ ବାନଗ୍ନିକୁ ଶାନ୍ତ କରିବା ପାଇଁ ଉଦ୍ୟମ କରୁଛୁ, ଯାହାଫଳରେ ବିଦେଶରେ ଭୟାବହ ବନାଗ୍ନି ଯେତିକି ଜଙ୍ଗଲ ନଷ୍ଟ ନକରୁଛି ଆମ ଦେଶରେ ଛୋଟ ଛୋଟ ଜଙ୍ଗଲ ନିଆଁ ଅଧିକ ଜଙ୍ଗଲ ଧ୍ୱଂସର କାରଣ ହେଉଛି ।

ଯୁଗ୍ମ ନିର୍ଦ୍ଦେଶକ, ଓରମାସ୍, କଟକ,ଦୂରଭାଷ : ୯୪୩୭୬୬୬୪୫୩

## ରାଷ୍ଟ୍ରୀୟ ନବବର୍ଷ ଓ ଚୈତ୍ରଶୁକ୍ଳ ପ୍ରତିପଦା ପାଳିତ

ଜଳେଶ୍ୱର, ୨୩/୦୩ (ନି.ପ୍ର): ଜାନୁଆରୀ ନୁହେଁ ଚେଅତ୍ରମାସର ଶୁକ୍ଳ ପ୍ରତିପଦ ତିଥି ହିଁ ହିନ୍ଦୁମାନଙ୍କର ନୂଆବର୍ଷ ଆରମ୍ଭ । ଏହି ତିଥିରେ ରାମଚନ୍ଦ୍ରଙ୍କ ରାଜ୍ୟାଭିଷେକ ହୋଇଥିଲା । ପୁଣି ଯୁଧିଷ୍ଠିର ଓ ଛତ୍ରପତି ଶିବାଜୀଙ୍କ ଶୁଭ ଜନ୍ମ ଦିନ ହୋଇଥିବାରୁ ଏହା ପାଳନ ହୋଇ ଆସୁଥିବାର ଆଜି ଏଠାରେ ଆୟୋଜିତ ସଭାରେ ମତପ୍ରକାଶ ପାଇଛି । ଭଂଜଶୀ ବିହାର ପରିସରରେ ଆୟୋଜିତ ସଭାରେ ବିଦ୍ୟାଧର ମହାନ୍ତି ସଭାପତିତ୍ୱ କରି ରାଷ୍ଟ୍ରିୟ ନବବର୍ଷ ପାଳନର ଆବଶ୍ୟକତା ସଂପର୍କରେ କହିଥିଲେ । ମୁଖ୍ୟ ଅତିଥିଭାବେ ଶୁଭ୍ରାଂଶୁ ଶେଖର ମହାପାତ୍ର ଯୋଗ ଦେଇ ଆମେ ହିନ୍ଦୁ ସଂସ୍କୃତିକୁ ଭୁଲିଯିବା ଉଚିତ୍ ନୁହେଁ ବୋଲି କହିଥିଲେ । ଡ. କେଶବ ବଳିରାମ ହେଡଗେୱାରଙ୍କ ଜନ୍ମ ଦିନ ଯୋଗୁଁ ନବବର୍ଷ ଗଣନା ଆରମ୍ଭ ହୋଇଥାଏ ବୋଲି କହିଥିଲେ । ମୁଖ୍ୟବକ୍ତାଭାବେ ଚନ୍ଦ୍ରସେଖର ମହାପାତ୍ର ଯୋଗ ଦେଇ ଚୈତ୍ର ଶୁକ୍ଳ ପ୍ରତିପଦା ତିଥିରେ ଶୁଭ ଶଂଖନାଦ, ମାତୃ-ପିତୃ ପୂଜନ ଇତ୍ୟାଦି ଦ୍ୱାରା ନବବର୍ଷ ପାଳନର ଉତ୍କର୍ଷତା ବଢିଥିବା ସଂପର୍କରେ କହିଥିଲେ । ରାଷ୍ଟ୍ରିୟ ସ୍ୱୟଂ ସେବକ ସଂଘର ଯୁବକମାନଙ୍କ ଦ୍ୱାରା ଭାରତମାତା ବନ୍ଦନା ଓ ଏକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

### ମନମୋହନ ସାମଲ ରାଜ୍ୟ ବିଜେପିର....

କରାଯିବ । ଲୋକେ ବିକଳ୍ପ ସରକାର ଅପେକ୍ଷାରେ ଥିବା ବେଳେ ଆମେ ସେହି ବିକଳ୍ପ ଦେବୁ । ସମସ୍ତଙ୍କୁ ସାଙ୍ଗରେ ନେଇ କାମ କରିବି ବୋଲି କହିବା ସହ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି ନୂଆ ବିଜେପି ସଭାପତି । ମନମୋହନ ସାମଲ ୧୯୫୯ ମସିହାର ଅପ୍ରେଲ ମାସ ୧୫ ତାରିଖରେ ଭଦ୍ରକ ଜିଲ୍ଲାରେ ଜନ୍ମଗ୍ରହଣ କରିଥିଲେ । କଳା ଏବଂ ଓକିଲାତିରେ ସ୍ନାତକ ଶ୍ରୀ ସାମଲ ଛାତ୍ର ଜୀବନରୁ ରାଜନୀତିରେ ଯୋଗ ଦେଇଥିଲେ । ସେ ଭଦ୍ରକ କଲେଜରେ ପାଠ ପଢୁଥିବାବେଳେ ୧୯୭୯ ମସିହାରେ ଭଦ୍ରକ କଲେଜର ସଭାପତି ଭାବରେ ନିର୍ବାଚିତ ହୋଇଥିଲେ । ଏହି ସମୟରେ ସେ ଏବିଭିପିର ସଦସ୍ୟ ହୋଇଥିଲେ । ପରେ ସେ ଭାରତୀୟ ଜନତା ପାର୍ଟିରେ ଯୋଗ ଦେଇଥିଲେ ଏବଂ ସେ ରାଜ୍ୟ ବିଜେପିର ସଭାପତି ଭାବରେ ଦୁଇଥର କାର୍ଯ୍ୟ କରିଛନ୍ତି । ସେ ୨୦୦୪ ମସିହାରେ ଭଦ୍ରକ ଜିଲ୍ଲା ଧାମନଗର ନିର୍ବାଚନ ମଣ୍ଡଳୀରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ । ମନ ମୋହନ ସାମଲ ୨୦୦୪ରୁ ୨୦୦୯ ମସିହା ପର୍ଯ୍ୟନ୍ତ ଭଦ୍ରକ ଜିଲ୍ଲା ଧାମନଗର ବିଧାନସଭା ଆସନରୁ ନିର୍ବାଚିତ ହୋଇଥିଲେ । ଏହି ସମୟରେ ସେ ବିଜେପି-ବିଜେଡି ମେଂଟ ସରକାରରେ ଦୁଇ ଗୁରୁତ୍ୱପୂର୍ଣ୍ଣ ବିଭାଗ ରାଜସ୍ୱ ଓ ଖାଦ୍ୟ ଯୋଗାଣ ତଥା ଖାଉଟି କଲ୍ୟାଣ ବିଭାଗର ମନ୍ତ୍ରୀ ଦାୟିତ୍ୱ ତୁଲାଇଥିଲେ । ମନମୋହନ ବିଜେପିର ରାଜ୍ୟ ମୁଖିଆ ହେବା ପରେ ବିଜେପି ଶିବିରରେ ଖୁସିର ମାହୋଲ ଖେଳି ଯାଇଛି । ଏହି ଅବସରରେ ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝି କହିଛନ୍ତି, ମନମୋହନ ସାମଲ ଜଣେ ତୃଣମୂଳ ସ୍ତରର ନେତା । ତାଙ୍କ ନେତୃତ୍ୱରେ ୨୦୨୪ ନିର୍ବାଚନ ନିମନ୍ତେ ଦଳକୁ ମଜବୁତ କରାଯିବ । ସୁନୀଲ ବଂଶଲ ପ୍ରଭାରୀ ଦାୟିତ୍ୱ ନେବା ପରେ ଦଳର ନବକଳେବର କରାଯାଉଛି । ସରକାର ଗଠନ କରିବା ପାଇଁ ଆମେ ପ୍ରସ୍ତୁତି ଚଳାଇଛୁ । ବିଜେଡି ପଛୁଆ ବର୍ଗର କାର୍ଡ ଖେଳିବାକୁ ଚେଷ୍ଟା ଚଳାଇଥିବା ବେଳେ ମନମୋହନ ସାମଲ ଜଣେ ପଛୁଆ ବର୍ଗର ନେତା । ସେ ଭଲ ଭାବେ ଦାୟିତ୍ୱ ନିର୍ବାହ କରି ପାରିବେ । ମନମୋହନଙ୍କ ନେତୃତ୍ୱରେ ଦଳ ଆଗାମୀ ବିଧାନସଭା ନିର୍ବାଚନ ଲଢ଼ିବ ଓ ବିଜୟ ହାସଲ କରିବ ବୋଲି ଆଶା ରଖିଛୁ ।

### ନବୀନ ନିବାସରେ....

ସୁରକ୍ଷାନେଇ ଆଲୋଚନା ହେଲା । ପୁରୀରେ ପଶ୍ଚିମବଙ୍ଗ ଅତିଥି ଭବନ ପାଇଁ ୨ ଏକର ଜମି ଦେଇଥିବାରୁ ଅଶେଷ ଧନ୍ୟବାଦ । ପଶ୍ଚିମବଙ୍ଗର ଦୀଘାରେ ଗୋଟିଏ ଜଗନ୍ନାଥ ମନ୍ଦିର ନିର୍ମାଣ ହେଉଛି ଏବଂ ଏହାର ପରିଚାଳନା କମିଟିରେ ନବୀନଙ୍କୁ ରହିବାକୁ ଅନୁରୋଧ କରିଛି । ଏଥିସହ ଓଡ଼ିଶାରେ ଆତିଥ୍ୟ ପାଇଁ ନବୀନ ପଟ୍ଟନାୟକ ଓ ତାଙ୍କ ଅଫିସରମାନଙ୍କୁ ଧନ୍ୟବାଦ୍ ଦେଇଛନ୍ତି ମମତା । ଏହି ଅବସରରେ ପଶ୍ଚିମବଙ୍ଗ ଜନସାଧାରଣଙ୍କ ପ୍ରତି ସଦିଚ୍ଛା ସ୍ୱରୂପ ମୁଖ୍ୟମନ୍ତ୍ରୀ ପୁରୀରେ ଅତିଥି ଭବନ ନିର୍ମାଣ ପାଇଁ ଓଡିଶା ବାସୀଙ୍କ ପକ୍ଷରୁ ପଶ୍ଚିମବଙ୍ଗ ସରକାରଙ୍କୁ ଦୁଇ ଏକର ଜମି ଉପହାର ସ୍ୱରୂପ ଦେଇଥିଲେ । ସୂଚନାଯୋଗ୍ୟ ଯେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଗତ ୨୧ ତାରିଖରେ ୩ ଦିନିଆ ଓଡିଶା ଗସ୍ତରେ ଆସିଥିଲେ । ୨ ଦିନ ପୁରୀରେ ରହିବା ପରେ ଗୁରୁବାର ମମତା ସଡକ ପଥରେ ଭୁବନେଶ୍ୱରରେ ପହଂଚି ସିଧାସଳଖ ନବୀନ ନିବାସ ଯାଇଥିଲେ । ମମତାଙ୍କୁ ମୁଖ୍ୟମନ୍ତ୍ରୀ ସ୍ୱାଗତ ଜଣାଇଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ମମତାଙ୍କୁ ମହାପ୍ରଭୂଙ୍କ ଶ୍ରୀ ଅଙ୍ଗବସ୍ତ୍ର ଓ ତିନି ରଥର କାଠ ତିଆରି ପ୍ରତିକୃତି ପ୍ରଦାନ କରିଥିଲେ । ଏହାସହ ତାରକସି କାରୁକାର୍ଯ୍ୟ ସହ ଛେନାପୋଡ ଭେଟି ଦେଇଥିଲେ । ଅପରପକ୍ଷରେ ମମତା ମୁଖ୍ୟମନ୍ତ୍ରୀଙ୍କୁ ବିଶ୍ୱ ବାଲାଂ ଦ୍ୱାରା ପ୍ରସ୍ତୁତ ଏକ ସ୍ୱତନ୍ତ୍ର ସାଲ୍ ଉପହାର ଦେଇଥିଲେ । ଏହାସହ ଜାମଦାନୀ ଶାଢୀ ଦେଇ ସ୍ୱର୍ଗତ ବିଜୁ ବାବୁ ଓ ଜ୍ଞାନ ପଟ୍ଟନାୟକଙ୍କୁ ଶ୍ରଦ୍ଧାଂଜଳି ଜଣାଇଥିଲେ । ନବୀନ-ମମତା ସାକ୍ଷାତ ଆଲୋଚନା ସମୟରେ ୫-ଟି ସଚିବ ଭିକେ ପାଣ୍ଡିଆନ ମଧ୍ୟ ଉପସ୍ଥିତ ଥିଲେ ।

### ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ର ପରିବେଶ....

ମିଶାଇ ସମୁଦାୟ ୨,୭୭୬ଟି ବନ୍ୟଜନ୍ତୁଙ୍କର ମୃତ୍ୟୁ ଘଟିଛି । ସେହିପରି, ହାତୀ-ମଣିଷ ସଂଘର୍ଷ ବେଳକୁ ବେଳ ଉତ୍କଟ ହେବାରେ ଲାଗିଛି । ଆମ ରାଜ୍ୟରେ ହାତୀ ଆକ୍ରମଣରେ ୬୬୯ ଜଣ ଲୋକ ଓ ୭୪୧ଟି ଗୃହପାଳିତ ପଶୁଙ୍କ ମୃତ୍ୟୁ ଘଟିଥିବା ବେଳେ ୯,୧୫୧ଟି ବାସଗୃହ କ୍ଷତିଗ୍ରସ୍ତ ହୋଇଛି । ହାତୀ ହେଉଛି ଆମର ପରିବେଶ ସନ୍ତୁଳନ, ସାଂସ୍କୃତିକ ଐତିହ୍ୟ ଏବଂ ଓଡ଼ିଶାରର ସାମଗ୍ରିକ ପରିଚୟର ଅବିଚ୍ଛେଦ୍ୟ ଅଙ୍ଗ । ତେଣୁ ହାତୀମାନଙ୍କର ସୁରକ୍ଷା ଓ ସଂରକ୍ଷଣ ଅତ୍ୟନ୍ତ ଜରୁରୀ ହୋଇପଡ଼ିଛି । ଆହୁରି ମଧ୍ୟ, ଆମ ବଣଜଙ୍ଗଲ ଓ ଏହା ଉପରେ ନିର୍ଭର କରୁଥିବା ସ୍ଥାନୀୟ ସମ୍ପ୍ରଦାୟ ଗୁଡ଼ିକର ଜୀବନ ଜୀବିକା ପାଇଁ ହାତୀ ଭଳି ଅମୂଲ୍ୟ ବନ୍ୟପ୍ରାଣୀକୁ ପ୍ରାଥମିକତା ଦିଆଯିବା ନିହାତି ଆବଶ୍ୟକ । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦର୍ଶୀ ନେତୃତ୍ୱରେ ଭାରତ ସରକାର ବନ୍ୟପ୍ରାଣୀ ସଂରକ୍ଷଣ ଦିଗରେ ନିଜର ଦୃଢ଼ ପ୍ରତିବଦ୍ଧତା ଦେଖାଇ ଆସୁଛନ୍ତି । ପ୍ରଧାନମନ୍ତ୍ରୀ ମୋଦି ନିଜ 'ମନ୍ କି ବାତ୍'ରେ ହାତୀଙ୍କ ଗୁରୁତ୍ୱ ଓ ସେମାନଙ୍କ ସଂରକ୍ଷଣ ଉପରେ ବାରମ୍ବାର ଆଲୋକପାତ କରି ଆସୁଛନ୍ତି । ହାତୀମାନଙ୍କ ପାଇଁ ଉଦ୍ଦିଷ୍ଟ ସଂରକ୍ଷିତ ଅଞ୍ଚଳ ନେଟୱର୍କର ସମ୍ପ୍ରସାରଣ ଏବଂ 'ପ୍ରୋଜେକ୍ଟ ଏଲିଫେଂଟ' ଆରମ୍ଭ କରିବା ଦିଗରେ କେନ୍ଦ୍ର ସରକାରଙ୍କ ପ୍ରୟାସ ହିଁ ଗଜରାଜଙ୍କ ସୁରକ୍ଷାର ଏକ ଶକ୍ତ ମୂଳଦୁଆ ପକାଇଛି । ତେଣୁ କେନ୍ଦ୍ର ସରକାରଙ୍କ ପରି ସାରା ଓଡ଼ିଶାରେ ହାତୀର ସୁରକ୍ଷିତ ତଥା ଅବାଧ ବିଚରଣକୁ ସୁନିଶ୍ଚିତ କରିବା ରାଜ୍ୟ ସରକାରଙ୍କ ସମୟୋଚିତ ହସ୍ତକ୍ଷେପ ଅତି ଜରୁରୀ । ହାତୀଙ୍କ ସୁରକ୍ଷା ତଥା ସଂରକ୍ଷଣ ଦିଗରେ ଯଥାଶୀଘ୍ର ଦୃଢ଼ ପଦକ୍ଷେପ ନେବା ପାଇଁ ଶ୍ରୀ ପ୍ରଧାନ ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି ।

### ୧୩ଶହ ଟପିଲା ଦୈନିକ....

ପ୍ରଧାନମନ୍ତ୍ରୀ ମୋଦିଙ୍କ ଅଧ୍ୟକ୍ଷତାରେ ସମୀକ୍ଷା ବୈଠକ ବସିଥିବାବେଳେ ଗୁରୁବାର ସ୍ୱାସ୍ଥ୍ୟମନ୍ତ୍ରାଳୟ ମଧ୍ୟ ବୈଠକ କରିଛି । ଟେଷ୍ଟ, ଟ୍ରିଟମେଣ୍ଟ, ଟ୍ରାକ, ଟିକା ଉପରେ ଜୋର ଦେବା ସହ ସଚେତନ ରହିବାକୁ ପରାମର୍ଶ ଦିଆଯାଇଛି । ଗୋଟେପଟେ ଇନଫ୍ଲୁଏଂଜା ମାମଲା ବୃଦ୍ଧି ଅନ୍ୟପଟେ କରୋନା ସଂକ୍ରମଣ ବଢ଼ିବା ନିଶ୍ଚିତଭାବେ ଦେଶ ପାଇଁ ଡବଲ ଟେନସନ ଆଣିଛି । ମହାରାଷ୍ଟ୍ର, ଦିଲ୍ଲୀ, ହିମାଚଳପ୍ରଦେଶ, କେରଳ, ତାମିଲନାଡୁ. ରାଜସ୍ଥାନ, ଗୁଜରାଟ, କର୍ଣ୍ଣାଟକ ୮ଟି ରାଜ୍ୟରେ ସବୁଠୁ ଅଧିକ ସଂକ୍ରମିତ ଚିହ୍ନଟ ହେଉଛନ୍ତି ଓ ଏହା ପଛରେ କୋଭିଡ ଏକ୍ସବିବି.୧.୧୬ ଭାରିଆଣ୍ଟ ରହିଥିବା ସ୍ୱାସ୍ଥ୍ୟ ବିଶେଷଜ୍ଞ କହିଛନ୍ତି ।

## ନୀଳମଣି ମହାବିଦ୍ୟାଳୟରେ ବଜ୍ରପାତ ସୁରକ୍ଷା ଅଭିଯାନ



ବାଲେଶ୍ୱର, ୨୩/୦୩ (ନି.ପ୍ର): ପୂର୍ବାହ୍ନ ୧୧.୩୦ ମିନିଟ ସମୟରେ ବଜ୍ରପାତ ସୁରକ୍ଷା ସମ୍ପର୍କିତ ଏକ ଅଭିଯା ନ ଓ ସଚେତନତା କାର୍ଯ୍ୟକ୍ରମ ମହାବିଦ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି । ଫକୀର ମୋହନ ବିଶ୍ୱବିଦ୍ୟାଳୟ ର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ମୁଖ୍ୟତିଥି ଭାବରେ ଯୋଗଦାନ କରି ବଜ୍ରପାତ ଭଳି ପ୍ରାକୃତିକ ବିପର୍ଯ୍ୟୟ କୁ କିଭଳି ରୋକା ଯାଇପାରିବ ଓ ସାଧାରଣ ଜନଜୀବନ ସୁରକ୍ଷିତ ହୋଇପାରିବ ସେ ସମ୍ପର୍କରେ ବି ଶେଷ ମନ୍ତବ୍ୟ ରଖିଥିଲେ । ମୁଖ୍ୟବକ୍ତା ପ୍ରଫେସର ମନୋରଞ୍ଜନ ମିଶ୍ର ବଜ୍ରପାତ ଓ ଘଡଘଡିରୁ ସୁରକ୍ଷା ପାଇଁ ଆତ୍ମକୌଶଳ ଘରୁ ନ ବାହାରିବାକୁ ଅନୁରୋଧ କରିଥିଲେ । ସମ୍ମାନିତ ଅତିଥି ପ୍ରଫେସର ନିହାର ରଞ୍ଜନ ରାଉତ ବଜ୍ରପାତ ର ବିଭିନ୍ନ ଦିଗ ସମ୍ପର୍କରେ ସୂଚନା ଦେଇଥିଲେ । ପ୍ରଫେସର ଅଶାନ୍ତ ରାଉତରାୟ, ପ୍ରଫେସର ଅସୀମ ଅମିତାଭ ପ୍ରଧାନ ମୋବାଇଲ ଆପ୍ସରେ ବଜ୍ରପାତ ସମ୍ପର୍କିତ ସୁରକ୍ଷା ବାର୍ତ୍ତା ଦେଇଥିଲେ. ମହାବିଦ୍ୟାଳୟ ର ଅଧକ୍ଷ ଡ଼ ତପନ କୁମାର ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉକ୍ତ ସଚେତନତା ଶିବିରର ଆଭିମୁଖ୍ୟ ସମ୍ପର୍କରେ ମାନନୀୟ ଅଧକ୍ଷ ବିଶେଷ ସୂଚନା ଦେଇଥିଲେ । ଅଧ୍ୟାପକ ଶମ୍ଭୁନାଥ ଗିରି, ଅଧ୍ୟାପକ ସତେନ୍ଦ୍ର ପାଲ, ଅଧ୍ୟାପକ ତପନ ଦାସ, ଅଧ୍ୟାପକ ହରେନ୍ଦ୍ର ଗାଁ ଣ, ଅଧ୍ୟାପକ ବିଜୟ ବେହେରା, ଅଧ୍ୟାପିକାରୋଜାଲିନ ସ୍ୱାଇଁ, ଇତିଶ୍ରୀ ମହାନ୍ତ, ବାସନ୍ତୀ ସାହୁ, ଶ୍ରବଣ ନାୟକ, ଅଧ୍ୟାପକ ଚନ୍ଦନ ଦାସ, ଶାନ୍ତନୁ ଜେନା ପ୍ରମୁଖ ବଜ୍ରପାତ ସୁରକ୍ଷା ବାର୍ତା ଦେଇଥିଲେ । ଅଧ୍ୟାପକ ଗୌରାଙ୍ଗ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । +୩ଛାତ୍ରଛାତ୍ରୀ ଦେବେନ୍ଦ୍ର ଆଚାର୍ଯ୍ୟ, ଋତୁଶ୍ରୀ, ସ୍ମୃତିରେଖା, ମଧୁମିତା, ସଞ୍ଜୟ, ପ୍ରମୁଖ ମଞ୍ଚ ପରିଚାଳନା କରିଥିଲେ । ମୀରାବାଈ ଏସ ଏଚ ଜି ଗ୍ରୁପ ର ସମସ୍ତ ସଦସ୍ୟ ଓ ସଦସ୍ୟା, ତଥା ରୁଷ୍ଣା ଅଂଚଳର ଜନସାଧାରଣ ଏହି କାଯ୍ୟକ୍ରମରେ ଯୋଗଦାନ କରିଥିଲେ ।

## ବିଜେପିର ବରିଷ୍ଠ କର୍ମୀଙ୍କ ପରୋଲୋକ



ବସ୍ତା, ୨୩/୦୩ (ନି.ପ୍ର): ବସ୍ତାର ବିଜେପିର ବରିଷ୍ଠ ସଦସ୍ୟ ଭଗବାନ ଭୋଳ( ୬୭) ବୁଧବାର ଦିନ ୧୧ଟା ସମୟରେ ହୃଦଘାତରେ ମୃତ୍ୟୁ ହୋଇଯାଇଛି । ତାଙ୍କର ମୃତ୍ୟୁ ଖବର ଟି ପ୍ରଚାରିତ ହେବାପରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବାସଭବନରେ ପହଞ୍ଚି ଶେଷଦର୍ଶନ କରିଥିଲେ । ତାଙ୍କଘର ବସ୍ତାଥାନା ଅଧିନସ୍ଥ ବ୍ରାହ୍ମଣଦା ଗ୍ରାମରେ । ସେଜଣେ ଦକ୍ଷ ସଂଗଠକ ଆଗଧାଡିର ବିଜେପିର ନେତା ମିଷ୍ଟଭାଷୀ ଭାବେ ବେଶ ପରିଚିତଥିଲେ । ତାଙ୍କ ମୃତ୍ୟୁ ଖବର ପାଇ ବିଜେଡିର ରାଜ୍ୟ ସାଧାରଣ ସଂପାଦକ ସମାଜସେବୀ ଶ୍ୟାମାପ୍ରସାଦ ବେହେରା, ଜିଲ୍ଲାପରିଷଦ ସଦସ୍ୟା ବିର୍ଣ୍ଣୁପ୍ରିୟା ବୁଗୁଡି, ବ୍ରାହ୍ମଣଦା ପଞ୍ଚାୟତ ସଭାପତି ନିଗମାନନ୍ଦ ଗିରି, ରବିଶଙ୍କର ବେହେରା, ସାମ୍ବାଦିକ ସୁଶାନ୍ତ ପ୍ରଧାନ, ଯୁବନେତା ସଂଜ୍ଞୟ ବୁଗୁଡି, ପୂର୍ଣ୍ଣଚନ୍ଦ୍ର ଖଟୁଆ, ସୁରେନ୍ଦ୍ର ବୁଗୁଡି, ଅଜିତ ଜେନା, ପ୍ରମୁଖ ତାଙ୍କ ଘରକୁ ଯାଇ ଶେଷ ଦର୍ଶନ କରିଥିଲେ । ତାଙ୍କର ଏକଝିଅ ଏକମାତ୍ରପୁଅ ସତ୍ୟ ରଞ୍ଜନ ଭୋଳ ମୁଖାଗ୍ନି ଦେଇଥିଲେ ।

## ରକ୍ତଦାନ ଶିବିର ଅନୁଷ୍ଠିତ

ଜଳେଶ୍ୱର ୨୩/୩(ନି.ପ୍ର): ଭଗତ ସିଂଙ୍କ ସହିତ ଦିବସ ଉପଲକ୍ଷେ ବିଜେପି ଜଳେଶ୍ୱର ନିର୍ବାଚନ ମଣ୍ଡଳି ତରଫରୁ ଗୋବରଘଟା ଠାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ଯାଇଛି । ଉକ୍ତ ରକ୍ତଦାନ ଶିବିରକୁ ଯୁବନେତା ଦିବ୍ୟକାମ ମହାନ୍ତି ଓ ବରିଷ୍ଠ ବିଜେପି ନେତା ଅରୁଣ ବେଜ ମିଳିତଭାବେ ଉଦ୍‌ଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରଣବ ପଣ୍ଡା, ପ୍ରତାପ ସେନାପତି, ସଂଜିବ ରାଉତ, ରବିନ୍ଦ୍ର ଦତ୍ତ, ସତ୍ୟବାନ ଚାନ୍ଦ, ଦିପକ ବେହେରା, ପ୍ରମୁଖ ସହଯୋଗ କରିଥିଲେ । ଏଥିରେ ୩୩ ୟୁନିଟ୍ ରକ୍ତ ସଂଗୃହିତ ହୋଇଥିଲା ।

## ଅନୁକମ୍ପା ବଦଳରେ ଅଧିକାରୀ ଦେଖାଇଲେ ଆଡ଼ଆଖି : ପାଠ ପଢ଼ାରେ ଡ଼ୋରି ବାନ୍ଧିଲେ ବାପା, ମା' ଛେଉଣ୍ଡ କନ୍ୟା 'ଛିତା'



ଉଦଳା, ୨୩/୦୩ (ନି.ପ୍ର): ୟେ ହେଉଛି ଉଦଳା ବ୍ଲକର ବଡ଼ସିଙ୍ଗାରିଆ ପଂଚାୟତ ଅନ୍ତର୍ଗତ ଆମ୍ବଡ଼ିହା କଲୋନିସାହିର ଦୃଶ୍ୟ । ଏଠାକାର ବାସିନ୍ଦା ସାଗ୍ରାମ ହୋ ଓ ତାଙ୍କର ସହଧର୍ମିଣୀ ଜିଙ୍ଗି ଆଜକୁ ୫ ବର୍ଷ ପୁର୍ବେ ସବୁଦିନ ପାଇଁ ଆଖି ବୁଜି ଦେଲେ । ଫଳରେ ତାଙ୍କର କନ୍ୟା 'ଛିତା' ପିଲାଟି ଦିନରୁ ବାପ ମା' ଛେଉଣ୍ଡ ହୋଇଗଲେ । ଛିତା ନିକଟରେ ଥିବା କଲୋନି ସାହି ପ୍ରାଥମିକ ବିଦ୍ୟାଳୟରୁ ପଂଚମ ଶ୍ରେଣୀ ପାସ କରିଛନ୍ତି । ହଷ୍ଟେଲରେ ରହି ସେ ଷଷ୍ଠ ଶ୍ରେଣୀରେ ପଢ଼ିବା ପାଇଁ ଚାହୁଁ ଥିଲେ । କିନ୍ତୁ କୌଣସି ହଷ୍ଟେଲ ତାଙ୍କୁ ସେ ସୁଯୋଗ ପ୍ରଦାନ କଲେ ନାହିଁ । ବାପ ମା' ଛେଉଣ୍ଡ କନ୍ୟା ବୋଲି ତାଙ୍କ ପ୍ରତି ଅନୁକମ୍ପା ଦେଖାଇବା ବଦଳରେ ଅଧିକାରୀ ମାନେ ଆଡ଼ ଆଖି ଦେଖାଉଥିବାର କଥା ସାଧାରଣରେ ଚର୍ଚ୍ଚା ହେଉଛି । ଫଳରେ ଆଜକୁ ୩ ବର୍ଷ ହେବ 'ଛିତା' ପାଠ ପଢ଼ାରେ ଡ଼ୋରି ବାନ୍ଧି ଘରେ ବସିଛନ୍ତି । ତାଙ୍କୁ ବର୍ତମାନ ବୟସ ୧୦ ବର୍ଷ ଛୁଇଁଲା । ପ୍ରଥମରୁ ୧୪ ବର୍ଷ ବୟସ ପର୍ଯ୍ୟନ୍ତ ସମସ୍ତ ପିଲାଙ୍କୁ ମାଗଣା ଓ ବାଧ୍ୟତା ମୂଳକ ଶିକ୍ଷା ସରକାର ଘୋଷଣା କରିଥିବା ବେଳେ 'ଛିତା'ଙ୍କ ପାଇଁ ଏହା ପ୍ରହସନରେ ପରିଣତ ହୋଇ ଯାଇଛି ।

## ସରସ୍ୱତୀ ଶିଶି ବିଦ୍ୟାମନ୍ଦିରରେ ରାଷ୍ଟ୍ରୀୟ ନବବର୍ଷ

ବାଲେଶ୍ୱର, ୨୩/୦୩ (ନି.ପ୍ର): ରସାଳପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପକ୍ଷରୁ ଗତକାଲି ରାଷ୍ଟ୍ରୀୟ ନବବର୍ଷ ପାଳିତ ହୋଇଯାଇଛି । ଦିବସ ବ୍ୟାପୀ କାର୍ଯ୍ୟକ୍ରମରେ ବିଦ୍ୟାଳୟରେ ଶିଶୁମାନେ ଏକ ଶୋଭାଯାତ୍ରାରେ ସ୍ଥାନୀୟ ଅଞ୍ଚଳ ପରିକ୍ରମା ସହ ନିକଟସ୍ଥ ଶ୍ରୀ ଜଗନ୍ନାଥ ମନ୍ଦିରରେ ପୂଜାର୍ଚ୍ଚନା କରି ସେଠାରୁ ପ୍ରତ୍ୟାବର୍ତ୍ତନ କରିଥିଲେ । ପରେ ବିଦ୍ୟାଳୟରେ ବିଦ୍ୟାରମ୍ଭ ସଂସ୍କାର ଗାୟତ୍ରୀ ମହାଯଜ୍ଞ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପୁରସ୍କାର ବିତରଣ ଉତ୍ସବକୁ 'ଚନ୍ଦ୍ରଭାଗା' ନିର୍ଦ୍ଦେଶକ କବି ଶ୍ରୀଦେବ ଉଦଘାଟନ ସହ ମହାପୁରୁଷଙ୍କ ଜୀବନୀକୁ ନେଇ ଛାତ୍ରଛାତ୍ରୀଙ୍କୁ ବଡ଼ମଣିଷ ହେବାକୁ ପରାମର୍ଶ ଦେଇଥିଲେ । ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ଓ ଗବେଷକ ନିରଞ୍ଜନ ଖୁଣ୍ଟିଆ ମହାନ ଭାରତୀୟ ସଂସ୍କୃତିରେ ଶିକ୍ଷାରମ୍ଭ ପରମ୍ପରାର ପୃଷ୍ଠଭୂମି ସମ୍ପର୍କରେ ଆଲୋଚନା କରିଥିଲେ । ସମାଜସେବୀ ଶିବ ଜୀ, ବିଦ୍ୟାଳୟ ସଭାପତି ଭଗବାନ ମହାପାତ୍ର ଓ ସମ୍ପାଦକ ଶମ୍ଭୁନାଥ ଯାଦବ ଉପସ୍ଥିତ ଥିଲେ । ନୃତ୍ୟ ସଙ୍ଗୀତ ଭିତ୍ତିକ ସାଂସ୍କୃତିକ କାର୍ଯ୍ୟକ୍ରମ ଶେଷରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଇଥିଲା । ଅନୁଷ୍ଠାନ ପରିଚାଳନା ସମିତିର ସଦସ୍ୟ ସୁରେଶ ଚନ୍ଦ୍ର ପାତ୍ର, ଗଣେଶ ଚନ୍ଦ୍ର ପଣ୍ଡା, ଲକ୍ଷ୍ମୀଧର ରଣା ପ୍ରମୁଖଙ୍କ ସମେତ ବିଦ୍ୟାଳୟର ଗୁରୁଜୀ-ଗୁରୁମା'ମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ସରଡିହା ପ୍ରମିୟମର ଲିଗ୍‌ର ଯୁବ ସମ୍ମିଳନୀ

ଜଳେଶ୍ୱର, ୨୩/୩(ନି.ପ୍ର): ସରଡିହା ପ୍ରମିୟର ଲିଗ ପକ୍ଷରୁ ଯୁବ ସମ୍ମିଳନୀ ଓ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇ ଯାଇଛି । ଏଥିରେ କଂଗ୍ରେସ ପ୍ରବକ୍ତା ସୁଦର୍ଶନ ଦାସ ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥିଭାବେ ଉତ୍କଳ ସମ୍ମିଳନୀର ଜଳେଶ୍ୱର ଶାଖା ସଭାପତି ଡ. ଶ୍ରୀକାନ୍ତ ଚରଣ ପାତ୍ର , ସମ୍ମାନୀତ ଅତିଥିଭାବେ ଏସଥବିଆଇ ଜଳେଶ୍ୱର ଶାଖା ପରିଚାଳକ ଚିତ୍ତରଂଜନ ସାମନ୍ତରାୟ, ସରପଂଚ ଚନ୍ଦ୍ରକାନ୍ତ ମଲ୍ଲିକ, ସମିତି ସଭ୍ୟେ କାଂଚନ ଜେନା, କମଳ ଚକ୍ରବର୍ତ୍ତୀ, ହେମନ୍ତ ଗିରି, ସୁଦାମ ପାତ୍ର, ପଦ୍ମଲୋଚନ ବେହେରା, ତ୍ରିଲୋଚନ ଦାସ, ଜଗନ୍ନାଥ ପରିଡା, ସାର୍ଥକ ଦାସ ପ୍ରମୁଖ ଯୋଗ ଦେଇ ବିଭିନ୍ନ କ୍ଷେତ୍ରରେ ଯୁବକମାନଙ୍କୁ ନିଯୁକ୍ତି ଲାଗି ପ୍ରତିଶୃତି ଦେଇଥିଲେ । ଦୀନକୃଷ୍ଣ ଜେନା, ପ୍ରତିରଂଜନ ଦାସ, ପ୍ରଣୟ ଦାସ, ରାହୁଲ ଗିରି, ଶଚିଦାନନ୍ଦ ଗିରି ପ୍ରମୁଖ ପରିଚାଳନା କରିଥିଲେ ।

## ପଠନାଗାର ପାଇଁ ନୂତନ ଗୃହ ନିର୍ମାଣ ନେଇ ନିଆଯିବ ପଦକ୍ଷେପ



ଭଦ୍ରକ, ୨୩/୦୩ (ନି.ପ୍ର): ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଅତିରିକ୍ତ ଦାୟିତ୍ୱରେ ଥିବା ଏସ୍.ସି.ଏସ୍.ଟି ଆର୍.ଟି. ଆଇ ବିଭାଗର ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ ଗତକାଲି ତା ୨୨-୩-୨୩ରିଖରେ ଭଦ୍ରକ ଗସ୍ତରେ ଆସି ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପରିଦର୍ଶନ କରିବା ସହିତ ବିଶେଷ କରି କାର୍ଯ୍ୟାଳୟ କୋଠାଘରର ଦୁରାବସ୍ଥା ଓ କାର୍ଯ୍ୟାଳୟର ବ୍ୟବହୃତ ଓ ଅବ୍ୟବହୃତ ଆସବାବପତ୍ର ପାଇଁ ସ୍ଥାନାଭାବ ସମ୍ବନ୍ଧରେ ସମୀକ୍ଷା କରିଥିଲେ । ଦୁଇ ସପ୍ତାହ ପୂର୍ବରୁ କାର୍ଯ୍ୟାଳୟ କୋଠାର ମରାମତି କାର୍ଯ୍ୟ ପୂର୍ତ୍ତ ବିଭାଗ ଦ୍ୱାରା ଆରମ୍ଭ କରାଯାଇଥିବା ଜାଣି ପୂର୍ତ୍ତ ବିଭାଗର ସଂପୃକ୍ତ ସହକାରୀ ଯନ୍ତ୍ରୀ ଅମ୍ବିକା ବଲ୍ଲଭ ସ୍ୱାଇଁକୁ ଡ଼କାଇ କୋଠାର ସୁରକ୍ଷା ଓ ମରାମତି ନେଇ ହେବାକୁ ଥିବା ସମସ୍ତ କାର୍ଯ୍ୟ ସମ୍ବନ୍ଧରେ ପଚାରି ବୁଝିଥିଲେ । କାର୍ଯ୍ୟାଳୟର ପ୍ରତ୍ୟେକ କକ୍ଷକୁ ବୁଲି ଦେଖିଥିଲେ । ସୂଚନା କେନ୍ଦ୍ର-ତଥା-ପଠନାଗାର କକ୍ଷକୁ ଯାଇ ପାଠକ ଭାବେ ଉପସ୍ଥିତ ଥିବା ପୂର୍ବତନ ଡ଼ି.ଆଇ.ପି.ଆର୍.ଓ. ହରମୋହନ ଜେନା ଓ ଅନ୍ୟ ବରିଷ୍ଠ ନାଗରିକ ମାନଙ୍କ ସହ ବାର୍ତ୍ତାଳାପ କରିଥିଲେ । ପଠନାଗାର କକ୍ଷର ଦୁରାବସ୍ଥା ଓ ସ୍ଥାନାଭାବ ନେଇ କ୍ଷୋଭ ପ୍ରକାଶ କରିଥିଲେ । ଏ ସମସ୍ୟାର ସାମାଧାନ ପାଇଁ କାର୍ଯ୍ୟାଳୟ କୋଠା ସମ୍ମୁଖରେ ଥିବା ଜାଗାରେ ପଠନାଗାର ପାଇଁ ନୂତନ ଗୃହ ନିର୍ମାଣ କରାଯିବା ନେଇ ଯନ୍ତ୍ରୀ ଶ୍ରୀଯୁକ୍ତ ସ୍ୱାଇଁଙ୍କ ସହ ଆଲୋଚନା କରି ବ୍ୟୟ ଅଟକଳ ପ୍ରଦାନ ପାଇଁ ନିର୍ଦ୍ଦେଶ ପ୍ରଦାନ କରିଥିଲେ । ପ୍ରାଚୀର ଓ ଗେଟ୍ ନଥିବାରୁ କାର୍ଯ୍ୟାଳୟ ପରସିସରରେ ସ୍ୱଚ୍ଛ ଓ ଶାନ୍ତ ପରିବେଶ ନରହିବା ନେଇ ଅସନ୍ତୋଷ ପ୍ରକାଶ କରିଥିଲେ । ଏ ସବୁର ନିର୍ମାଣ ପାଇଁ ପୂର୍ତ୍ତ ବିଭାଗ ରୁ ଅନୁମୋଦିତ ଅର୍ଥ ନିଅଣ୍ଟ ହେଲେ ସୂଚନା ଲୋକସଂପର୍କ ବିଭାଗ ତରଫରୁ ଯୋଗାଇ ଦିଆଯିବ ବୋଲି ଜଣାଇଥିଲେ । କାର୍ଯ୍ୟାଳୟରେ ନିୟମିତ ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶାରିଭ୍ୟୁ ବିକ୍ରୟ ବ୍ୟବସ୍ଥା ସହ କାର୍ଯ୍ୟାଳୟର ବିଭିନ୍ନ କାର୍ଯ୍ୟାବଳୀ ଓ ସମସ୍ୟ ସମ୍ବନ୍ଧରେ ସମୀକ୍ଷା କରି ବିଭିନ୍ନ କ୍ଷେତ୍ରରେ ଡ଼ି.ଆଇ.ପି.ଆର୍.ଓଙ୍କୁ ଆବଶ୍ୟକ ନିର୍ଦ୍ଦେଶ ପ୍ରଦାନ କରିଥିଲେ । ଡ଼ି.ଆଇ.ପି.ଆର.ଓ. ରମେଶ ଚନ୍ଦ୍ର ନାୟକ କାର୍ଯ୍ୟାଳୟର ଅନ୍ୟ କର୍ମଚାରୀ ତାପସ କୁମାର ନାୟକ, ମୀନାକ୍ଷୀ ଗରାବଡୁ ଏବଂ ସୁରେଶ ତ୍ରିପାଠୀ ପୁଷ୍ପଗୁଚ୍ଛ ଦେଇ ଶ୍ରୀଯୁକ୍ତ ତ୍ରିପାଠୀଙ୍କୁ ସ୍ୱାଗତ କରିଥିଲେ ।

## କୁଳଡିହା ଅଭୟାରଣ୍ୟରେ ଗୁଳିବିଦ୍ଧ ମୃତ ଦନ୍ତା ହାତୀ ଠାବ : ଦାନ୍ତ ଗାଏବ



ନୀଳଗିରି, ୨୩/୦୩ (ନି.ପ୍ର): ବାଲେଶ୍ୱର ଜିଲ୍ଲା ନୀଳଗିରି କୁଳଡିହା ଅଭୟାରଣ୍ୟରେ ୧ବର୍ଷ ମଧ୍ୟରେ ୬ଟି ହାତୀ ମୃତ୍ୟୁବରଣ କରିଥିବା ବେଳେ ପୁଣି ଗୁରୁବାର ଦିନ ଏକ ଦନ୍ତାକୁ ଗୁଳିବଦ୍ଧ କରି ଦାନ୍ତ ଦୁଇଟିକୁ ଲୁଟି ନେବା ଘଟଣାରେ ବନବିଭାଗର ନିଦ ହଜାଇ ଦେଇଛି । ଅଭୟାରଣ୍ୟର କଳମାଚତୁରି ନିକଟ ୩ଦିନ ପର୍ବୂରୁ ଏକ ବିରାଟକାୟ ଦନ୍ତା ହାତୀକୁ ଶିକାରୀମାନେ ଗୁଳି କରିଥିବା ନେଇ ଶୁଣିବାକୁ ମିଳୁଥିବା ବେଳେ ଦନ୍ତାର ୨ଟି ଦାନ୍ତକୁ ଲୁଟି ନେଇଥିଲେ । ବିଶେଷ ସୂତ୍ରରୁ ଖବର ପାଇ କୁଳଡିହା ରେଞ୍ଜ ଅଧିକାରୀ ଅନନ୍ତ କୁମାର ଜେନା ଘଟଣାସ୍ଥଳକୁ ଯାଇ ଦେଖନ୍ତେ ହାତୀଟି ଗୁଳିବିଦ୍ଧ କରାଯାଇଥିବା ବେଳେ ଦାନ୍ତ ନ ଥିବା ଦେଖିବାକୁ ପାଇଥିଲେ । ପରେ ବାଲେଶ୍ୱର ଡି.ଏଫ.ଓ.ଙ୍କ ଅବଗତ କଲାପରେ ଡି.ଏଫ.ଓ. ଖୁସବନ୍ତ ସିଂ ରେଞ୍ଜରଙ୍କୁ ଧରି ଘଟଣାସ୍ଥଳକୁ ଯାଇଥିଲେ । ଦନ୍ତାହାତିଟି ମରି ପଡ଼ିଥିବା ବେଳେ ହାତିଟିର ଦାନ୍ତ ନ ଥିବା ଦେଖିବାକୁ ପାଇଥିଲେ । ଖବର ପାଇ ଗଣମାଧ୍ୟମ ପ୍ରତିନିଧିମାନେ ସାତଘାଟି ଗେଟ ପାଖରେ ପହଂଚିବା ପରେ ଅଭୟାରଣ୍ୟ ମଧ୍ୟକୁ ଗଣମାଧ୍ୟମକୁ ଛାଡ଼ିବାକୁ ଅନୁମତି ଦିଆଯାଇ ନ ଥିଲା । ଦନ୍ତାର ମୃତ୍ୟୁ ଘଟଣା ବାବଦରେ ଡି.ଏଫ.ଓ. ଓ ରେଞ୍ଜରଙ୍କୁ ତଥ୍ୟ ସଂଗ୍ରହ ପାଇଁ ଘଂଟା ଘଂଟା ଜଗି ବସିଥିଲେ । ମାତ୍ର ବନବିଭାଗ ନିଜର ଦୋଷକୁ ଲୁଚାଇବା ପାଇଁ ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ଲୁଚି ଅନ୍ୟ ଏକ ଗଳାବାଟ ଦେଇ ପଳାଇ ଆସିଥିଲେ । ମାତ୍ର ଗଣମାଧ୍ୟମରେ ପ୍ରତିନିଧିମାନେ ସନ୍ଧ୍ୟା ପର୍ଯ୍ୟନ୍ତ ଅପେକ୍ଷାକରି ଶେଷର ନୀଳଗିରି ରେଞ୍ଜ ଅଫିସକୁ ଆସିଥିଲେ । ନିଜ ଗୋଡ଼ିରି ଗଳିଯିବା ଭୟରେ ରେଞ୍ଜର ଅନନ୍ତ କୁମାର ଜେନା ପଳାତକ ଭାବରେ ଗାଏବ ହୋଇଯାଇଥିଲେ । ଏପରିକି ଗଣମାଧ୍ୟମ ପ୍ରତିନିଧିଙ୍କ ଫୋନକୁ ମଧ୍ୟ ଉଠାଇ ନ ଥିଲେ । ଗୋଟିଏ ବର୍ଷରେ କୁଳଡିହା ଅଭୟାରଣ୍ୟରେ ୭ଟି ହାତୀ ମୃତ୍ୟୁ ପରେ କୁଳଡିହା ରେଞ୍ଜର ଓ ସ୍ଥାନୀୟ ଫରେଷ୍ଟରଙ୍କ କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନ ଉଠିଛି । ଡି.ଏଫ.ଓ. ତଦନ୍ତ କରି ଫେରିଥିବା ପରେ ଭୂବନେଶ୍ୱର ସ୍ପେଶାଲ ଟାକ୍ସ ଫୋର୍ସ ଦ୍ୱାରା ଉଚ୍ଚସ୍ତରୀୟ ତଦନ୍ତ କରାଯିବ ବୋଲି ଡି.ଏଫ.ଓ. ସୂଚନା ଦେଇଥିବା ବେଳେ ଦନ୍ତାହାତୀ ମୃତ୍ୟୁ ପଛରେ ରେଞ୍ଜରଙ୍କ ହାତ ଥିବା ନେଇ ସାଧାରଣରେ ଚର୍ଚ୍ଚା ଚାଲିଛି । ରାଜ୍ୟ ସରକାର ହାତୀ ସୁରକ୍ଷା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ସ୍ଥାନୀୟ ବନବିଭାଗ ଓ ରେଞ୍ଜର ହାତୀମାନଙ୍କର ସୁରକ୍ଷା ପ୍ରତି ଦୃଷ୍ଟି ନ ଦେଇ ଅଭୟାରଣ୍ୟରେ ଚାଲିଥିବା କୋଟି କୋଟି ଟଙ୍କା ପ୍ରକଳ୍ପକୁ ନିମ୍ନମାନର କାର୍ଯ୍ୟ କରି ଲକ୍ଷ ଲକ୍ଷ ଟଙ୍କା ହରିଲୁଟ କରୁଥିବାର ଅଭିଯୋଗ ହୋଇଛି । ରାଜ୍ୟସରକାର ରେଞ୍ଜ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପରିବେଶବିତମାନେ ଦାବୀ କରୁଥିବା ବେଳେ ନୀଳଗିରିର ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା ହାତୀ ମୃତ୍ୟୁକୁ ନେଇ ରାଜ୍ୟ ସରକାର ଓ ବନବିଭାଗ ସଂପୂର୍ଣ୍ଣ ଦାୟୀ ବୋଲି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।

# ବେଆଇନ ଇଟାଭାଟି ବନ୍ଦ ଦାବିରେ ଜିଲ୍ଲାପାଳଙ୍କ ଠାରେ ଫେରାଦ

ବାଲେଶ୍ୱର, ୨୩/୦୩ (ନି.ପ୍ର): ବେଆଇନ ଇଟାଭାଟି ବନ୍ଦ ଦାବିରେ ଜିଲାପାଳଙ୍କଠାରେ ଫେରାଦ ହୋଇଛନ୍ତି ରେମୁଣା ବ୍ଲକର ଏକାଧିକ ପଞ୍ଚାୟତର ଲୋକେ। ରେମୁଣା ଏନଏସି ସମେତ ଅଠାନ୍ତର ଓ ଗୌଡଦାଣ୍ଡ, ମଙ୍ଗଳପୁର ପଞ୍ଚାୟତର ହରଷପୁର, ପାଟଣାରାଇପୁର ଏବଂ ମନ୍ଦାରପୁର ପଞ୍ଚାୟତର ମେଣ୍ଟରା, ଗରିଆପାଳ, ତାରାଦେଇ, ନିଆଁବାଗ, ଜଗନ୍ନାଥପୁର, ମନ୍ଦାରପୁର ଓ ଉଡମ୍ବର ପ୍ରଭୃତି ଗ୍ରାମର ବାସିନ୍ଦାଙ୍କ ପକ୍ଷରୁ ଏକ ପ୍ରତିନିଧିଦଳ ଜିଲାପାଳଙ୍କୁ ସାକ୍ଷାତ ସହ ବେଆଇନ ଇଟାଭାଟି ଯୋଗୁଁ ସ୍ଥାନୀୟ ଲୋକେ ସାମ୍ନା କରୁଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ କରିଛନ୍ତି। ସେମାନଙ୍କ ଅଭିଯୋଗ ଅନୁସାରେ ଅଠାନ୍ତର ମୌଜାରେ କାର୍ଯ୍ୟକ୍ଷମ ଥିବା ଚିମିନି ଇଟାଭାଟି ସମସ୍ତ ପ୍ରକାର ସରକାରୀ ନିୟମ ଉଲଂଘନ କରିଚାଲିଛି। ବିନ୍ଧା ମୌଜାର ଖାତା ନଂ-୧୦୯/୩୦ର ପ୍ଲଟ ନଂ. ୭୯, ୯୭ ଓ ୧୧୩ରେ ଇଟାଭାଟି ରହିଥିବା ରେକର୍ଡ଼ରେ ଦର୍ଶାଯାଇଥିବା ବେଳେ ପ୍ରକୃତ ପକ୍ଷେ ଅଠାନ୍ତର ମୌଜାର ଖାତା ନଂ. ୧୨ରେ ପ୍ଲଟ ନଂ - ୧୫୮/୭୨୯ରେ ସ୍ଥାପନ ସହ କାର୍ଯ୍ୟକ୍ଷମ ହେଉଛି। ଇଟାଭାଟି ମାଲିକ ତଞ୍ଚକତା କରି କେବଳ ପ୍ରଶାସନ ନୁହେଁ ବରଂ ସ୍ଥାନୀୟ ବାସିନ୍ଦାଙ୍କୁ ଠକି ଚାଲିଛନ୍ତି ବୋଲି ଗ୍ରାମବାସୀମାନେ ଆରୋପ କରିଛନ୍ତି। ଗୋପିନାଥ ଜୀଉଙ୍କ ମନ୍ଦିର ପାର୍ଶ୍ୱରେ ଥିବା ଏହି ଇଟାଭାଟିର ଆଖପାଖରେ ଗାର୍ଗେଶ୍ୱର ମହାଦେବ ମନ୍ଦିର, ସପ୍ତଶିରା, ରାମଚଣ୍ଡି ମନ୍ଦିର ସହିତ ଅନେକ ମଠ-ମନ୍ଦିର ରହିଛି। ମଙ୍ଗଳପୁର ଓ ମନ୍ଦାରପୁର ପଂଚାୟତକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ଏହି ଇଟାଭାଟି ସମ୍ମୁଖ ଦେଇ ଯାଇଥିବା ବେଳେ ୨୦୦ ମିଟର ଦୂରରେ ଏକ ବିଦ୍ୟାଳୟ ରହିଛି । ଇଟାଭାଟି ଚିମିନିରୁ ନିର୍ଗତ ଧୂଆଁ ଓ ଧୂଳି ସ୍ଥାନୀୟ ପରିବେଶକୁ ପ୍ରଦୂଷିତ କରିଚାଲିଛି। ସବୁଠାରୁ ବଡ଼କଥା ହେଲା କ୍ଷୀରଚୋରା ଗୋପୀନାଥ ମନ୍ଦିରର ସପ୍ତଶୀରା ନାଳକୁ ପୋତାଯାଇ ଇଟାଭାଟି ମାଲିକ ରାସ୍ତା ନିର୍ମାଣ କରିବା ଫଳରେ ଜଳ ନିଷ୍କାସନ ହୋଇ ନପାରି ସେଠରେ ପ୍ରତି ବର୍ଷା ଋତୁରେ କୃତ୍ରିମ ବନ୍ୟା ସୃଷ୍ଟି ସହ ବ୍ୟାପକ ଚାଷ କ୍ଷତି ହେଉଥିବା ସେମାନେ ଆରୋପ ଉଠାଇଛନ୍ତି।ଏହି ବେଆଇନ ଇଟାଭାଟିକୁ ତୁରନ୍ତ ବନ୍ଦ ଓ ଏହାର ମାଲିକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଗ୍ରାମାବାସୀମାନେ ଦାବି କରିଛନ୍ତି। ଏନେଇ ସେମାନେ ଏକ ଦାବିପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରିଛନ୍ତି।

# ଜିଲ୍ଲା ପରିଷଦ ପକ୍ଷରୁ ସମୀକ୍ଷା ବୈଠକ



ବାଲେଶ୍ୱର, ୨୩/୦୩ (ନି.ପ୍ର): ବାଲେଶ୍ୱର ଜିଲ୍ଲା ପରିଷଦର ଏକ ସମୀକ୍ଷା ବୈଠକ ସଭାପତି ନାରାୟଣ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି । ଏହି ବୈଠକରେ ମୁଖ୍ୟତଃ ଗ୍ରାମୀଣ ପାଇପ ଜଳ ଯୋଗାଣ ଓ ବିଦ୍ୟୁତ ବିତରଣ ସମସ୍ୟା ଉପରେ ଆଲୋଚନା ହୋଇଥିଲା । ଜିଲାର ଭୋଗରାଇ, ବସ୍ତା, ସଦର, ବାଲିଆପାଳ, ଜଳେଶ୍ୱର, ସୋର, ଖଇରା, ଔପଦା, ବାହାନଗା, ନୀଳଗିରି ଓ ରେମୁଣା ପ୍ରଭୃତି ବ୍ଲକରେ ବସୁଧା ଯୋଜନା, ମେଗା ପାନୀୟ ଜଳ ପ୍ରକଳ୍ପ, ରାଜୀବ ଜ୍ୟୋତି ଯୋଜନା, ବିଜୁ ଆଲୋକୀକରଣ ଯୋଜନା, ସୌଭାଗ୍ୟ -୧ ଓ ସୌଭାଗ୍ୟ -୨ ପ୍ରଭୃତି ଯୋଜନା ସମ୍ପୂର୍ଣ୍ଣ ବିଫଳ ହୋଇଥିବା ଜିଲା ପରିଷଦ ସଦସ୍ୟମାନେ ଅଭିଯୋଗ କରିଥିଲେ। ବିଶେଷ କରି ବିଦ୍ୟୁତ ବିତରଣ ସଂସ୍ଥା 'ଟିପିଏନଓଡିଏଲ'ର ଜୁଲମ କ୍ରମଶଃ ଅସହ୍ୟ ହୋଇଥିବା ନେଇ ସଦସ୍ୟମାନେ କମ୍ପାନୀର ଶୋଷଣ ନୀତିକୁ ଦୃଢ଼ ନିନ୍ଦା କରିଥିଲେ। ହାତି କରିଡ଼ର ଆଳରେ ଜଳେଶ୍ୱର ବ୍ଲକର ବିଭିନ୍ନ ପଞ୍ଚାୟତରେ ଗତ କିଛି ମାସ ଧରି ସନ୍ଧ୍ୟା ଠାରୁ ସକାଳ ପର୍ଯ୍ୟନ୍ତ ଆଖି ବୁଜା ବିଦ୍ୟୁତ କାଟ ବ୍ୟବସ୍ଥାର ସମୀକ୍ଷା ପାଇଁ ସଦସ୍ୟମାନେ ଦାବି କରିଥିଲେ। ସେହିଭଳି ଜଳ ଯୋଗାଣ ପାଇଁ ଥିବା ଓଭର ହେଡ଼ ଟାଙ୍କିରୁ ବିଦ୍ୟୁତ କାଟ କରାଯିବା ଓ ମିଟର ଲଗାଇବାରେ ବିଳମ୍ବକୁ ନେଇ ସଦସ୍ୟମାନେ ଉଦବେଗ ପ୍ରକାଶ ସହ ପାନୀୟ ଜଳ ଯୋଗାଣ ପ୍ରକଳ୍ପରୁ ବିଦ୍ୟୁତ ବିଲ କମର୍ସିଆଲ ପରିବର୍ତ୍ତେ ଘରୋଇ ଦରରେ ଦେୟ ଧାର୍ଯ୍ୟ ପାଇଁ ସେମାନେ ଦାବି କରିଥିଲେ। ଏହା ସହିତ ଗ୍ରାମୀଣ ପାଇପ ପାଣି ଯୋଗାଣ ପ୍ରକଳ୍ପରେ ଗୋଳିଆ ପାଣି ବାହାରିବା, ବିଦ୍ୟାଳୟଗୁଡିକରେ ପାନୀୟ ଜଳ ଅଭାବ, ଇଲେଭେନ କେଭି ବିଦ୍ୟୁତ ତାରଗୁଡିକୁ ବିଦ୍ୟାଳୟ ନିକଟରୁ ପ୍ରତ୍ୟାହାର, ଦୁର୍ନୀତିଗ୍ରସ୍ତ ଠିକାଦାରଙ୍କ ଲାଇସେନ୍ସ ରଦ୍ଦ, କାର୍ଯ୍ୟାଦେଶ ମୁତାବକ ଉଚ୍ଚମାନର ନିର୍ମାଣ କାର୍ଯ୍ୟ ସମ୍ପାଦନ, ସମୁଦ୍ରକୂଳିଆ ଅଂଚଳରେ ମଧୁର ପାଣି ପାଇଁ ଅଧିକ ନଳକୂପ କିମ୍ବା ମେଗା ୱାଟର ପ୍ରକଳ୍ପ ଆରମ୍ଭ ନିମନ୍ତେ ଜିଲା ପରିଷଦ ସଦସ୍ୟ ଓ ସଦସ୍ୟାମାନେ ଦାବି କରିଥିଲେ ।

# ଓଡ଼େଶି ୱାର୍ଲ୍ଡ ସ୍କୁଲର ବାର୍ଷିକ ଉତ୍ସବ : ଶିକ୍ଷା ମଣିଷର ଚେତନା ବିକାଶର ମୂଳଧାର



ବାଲେଶ୍ୱର, ୨୩/୦୩ (ନି.ପ୍ର): ବାଲେଶ୍ୱର ସହରସ୍ଥ ଓଡ଼େଶି ୱାର୍ଲ୍ଡ ସ୍କୁଲର ବାର୍ଷିକ ଉତ୍ସବ ହସ୍ପିଟାଲ ରୋଡ୍ ସ୍ଥିତ ଆତିଥ୍ୟ ଭବନରେ ଏକ ବର୍ଣ୍ଣାଢ୍ୟ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ପ୍ରି-ନର୍ସରୀରୁ ପ୍ରାଥମିକ ବିଦ୍ୟାଳୟ ପର୍ଯ୍ୟନ୍ତ ଶିକ୍ଷାଦାନ ଦେଉଥିବା ଏହି ବିଦ୍ୟାଳୟର ୨୦୨୩ ବର୍ଷର ବାର୍ଷିକ ଉତ୍ସବରେ ଅତିଥିମାନେ ଯୋଗଦେଇ ଶିକ୍ଷା ଯେ ମଣିଷ ଚେତନା ବିକାଶର ମୂଳଧାର ଏବଂ ଏହା ସମାଜର ମସ୍ତକ ସଦୃଶ କାର୍ଯ୍ୟ କରୁଥିବାରୁ ଶିକ୍ଷା କ୍ଷେତ୍ରର ନିଷ୍ଠା ସମାଜ ପ୍ରଗତିର ଶ୍ରେଷ୍ଠ ଉତ୍ସ ବୋଲି ମତବ୍ୟକ୍ତ କରିଥିଲେ । ସ୍କୁଲ୍‌ର ପ୍ରତିଷ୍ଠାତା ହେମନ୍ତ କୁମାର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଇଂ.ହୃଷୀକେଶ ସାହୁ, ମୁଖ୍ୟବକ୍ତା ଭାବେ ଓଡ଼ିଶା ସାହିତ୍ୟ ଏକାଡ଼େମୀର ସଦସ୍ୟ କବି କାଳୀପଦ ପଣ୍ଡା, ସମ୍ମାନିତ ଅତିଥି ଶିକ୍ଷକ ପ୍ରଭାତ ମହାରଣା ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀ ଓ ଅଭିଭାବକଗଣଙ୍କୁ ନିଜର ବକ୍ତବ୍ୟ ମାଧ୍ୟମରେ ସୁ ନାଗରିକ ହେବା ଦିଗରେ ତଥା ସଫଳତା ନିମନ୍ତେ ନିରବଛିନ୍ନ ସାଧନାମଗ୍ନ ହେବାକୁ ଆହ୍ୱାନ ଦେଇ ଡିଗ୍ରୀଧାରୀ ହେବା ଅପେକ୍ଷା ଜଣେ ମହତ ମଣିଷ ହେବାର ନୈତିକ ଶିକ୍ଷା ଉପରେ ଦୃଷ୍ଟିନିକ୍ଷେପ କରିବା ଉଚିତ ବୋଲି କହିଥିଲେ । ଶ୍ରୀମତୀ ଶ୍ରାବଣୀ ଜେନାଙ୍କ ସଞ୍ଚାଳନାରେ ଅନୁଷ୍ଠିତ ଉତ୍ସବରେ ଶିକ୍ଷୟିତ୍ରୀ ଶ୍ରୀମତୀ ନମିତା ଦାସ, କୁମାରୀ ଅନିତା ମହାପାତ୍ର, କୁମାରୀ ସୁମିତା ନାୟକ ବକ୍ତବ୍ୟ ରଖିଥିଲା ବେଳେ ବିଦ୍ୟାଳର ଛାତ୍ରଛାତ୍ରୀ ଓଡ଼ିଆଭାଷାରେ ପରିବେଶ ସଚେତନତାଧର୍ମୀ ଏକ ନାଟକ ମଞ୍ଚସ୍ଥ କରିଥିଲେ, ଯାହା ବେଶ୍ ଶିକ୍ଷଣୀୟ ହୋଇଥିଲା । ସଙ୍ଗୀତ, ନୃତ୍ୟ, କବିତା ଆବୃତ୍ତି ଏବଂ କ୍ଷୁଦ୍ର ଗଳ୍ପକୁ ଛାତ୍ରଛାତ୍ରୀମାନେ ପରିପ୍ରକାଶ କରି ସମବେତ ଅତିଥିମାନଙ୍କୁ ମନ୍ତ୍ରମୁଗ୍ଧ କରାଇଥିଲେ । ବିଭିନ୍ନ ବିଭାଗର ପ୍ରତିଯୋଗିତାରେ ଶ୍ରେଷ୍ଠ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପ୍ରମାଣପତ୍ର ଓ ଉପଢ଼ୌକନ ଦେଇ ପୁରସ୍କୃତ କରିଥିଲେ । ଶିକ୍ଷୟିତ୍ରୀ କୁମାରୀ ସୁସ୍ମିତା ପ୍ରଧାନ ଧନ୍ୟବାଦ ଦେଇଥିଲା ବେଳେ ଶିକ୍ଷକ ପ୍ରଭାତ ମହାର୍ନା ଶେଷକଥା କହିଥିଲେ ।

# ସଦର ବ୍ଲକରେ ତମାଖୁ ସେବନ ନିୟନ୍ତ୍ରଣ ତାଲିମ ଶିବିର

ବାଲେଶ୍ୱର, ୨୩/୦୩ (ନି.ପ୍ର): ନିଜ ଅଞ୍ଚଳରେ ତମାଖୁ କାରବାର ବନ୍ଦ ତଥା ନିୟନ୍ତ୍ରଣ ଉଦ୍ଦେଶ୍ୟରେ ସରପଞ୍ଚମାନଙ୍କୁ ନେଇ ତମ୍ବାଖୁ ନିୟନ୍ତ୍ରଣ ତାଲିମ ଶିବିର ସଦର ବ୍ଲକ ସଭାଗୃହରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସଦର ବ୍ଲକ ର ଅଧକ୍ଷା ସୁନୀତା ବେହେରା ଏହି ଶିବିରକୁ ଉଦଘାଟନ ସହ ତମାଖୁ ନିୟନ୍ତ୍ରଣ ପାଇଁ ପଦକ୍ଷେପ ସରପଞ୍ଚମାନଙ୍କୁ ପରାମର୍ଶ ଦେଇଥିଲେ। ଜିଲା ମୁଖ୍ୟ ଚକିତ୍ସାଳୟର ଡାକ୍ତର ଅରୂପ ଅଭିଷେକ ଓ ଡାକ୍ତର ମୌସୁମୀ ସାମଲ ଏଥିରେ ଯୋଗଦେଇ ତମାଖୁ ସେବନ ଭୟାବହତା ସମ୍ପର୍କରେ ଆଲୋକପାତ କରିଥିଲେ। ବିଶେଷ କରି ପଞ୍ଚାୟତ ସ୍ତରରେ ଏହାକୁ ନିୟନ୍ତ୍ରଣ କରିବାଉପରେ ସେମାନେ ଗୁରୁତ୍ୱାରୋପ କରିଥିଲେ। ରୂପସା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ବ୍ଲକ ପ୍ରତିନିଧି ସତ୍ୟ ସୁନ୍ଦର ଗୋସ୍ୱାମୀ ଓ ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ପ୍ରଦୀପ କୁମାର ସାହୁଙ୍କ ସଂଯୋଜନାରେ ଆୟୋଜିତ ଏହି ତାଲିମ ଶିବିରରେ ସଦର ବ୍ଲକର ବିଭିନ୍ନ ପଞ୍ଚାୟତର ସରପଞ୍ଚ ଏଥିରେ ଯୋଗଦେଇ ତମାଖୁ କାରବାର ଓ ସେବନ ହ୍ରାସ ନେଇ ମତାମତ ରଖିଥିଲେ। ପ୍ରାପ୍ତ ସୂଚନା ଅନୁସାରେ ତମାଖୁ ସେବନ ଦ୍ୱାରା ପ୍ରତିବର୍ଷ ବିଶ୍ୱରେ ପ୍ରାୟ ୮୦ ଲକ୍ଷ ଲୋକ ମୃତ୍ୟୁବରଣ କରୁଛନ୍ତି। ପ୍ରତିଦିନ ୫,୫୦୦ ଲୋକ ନୂତନ ଭାବେ ତମାଖୁ ସେବନ ଆରମ୍ଭ କରୁଥିବା ବେଳେ ଏହାକୁ ରୋକିବା ନେଇ ସବୁ ମହଲରୁ ଉଦ୍ୟମର ଆବଶ୍ୟକତା ରହିଛି ବୋଲି ଡାକ୍ତରମାନେ ଏହି ଶିବିରରେ ଆହ୍ୱାନ ଦେଇଥିଲେ।

# ରାମକୃଷ୍ଣ ସରକାରୀ ବିଦ୍ୟାଳୟ ପରିଚାଳନା କମିଟିର ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ

ଜଳେଶ୍ୱର, ୨୩/୩(ନି.ପ୍ର): ଜଳେଶ୍ୱର ସହରରେ ରାମକୃଷ୍ଣ ସରକାରୀ ବିଦ୍ୟାଳୟ ସୁବର୍ଣ୍ଣଜୟନ୍ତି ପାଳିବାକୁ ଯାଉଥିବା ବେଳେ ବିଦ୍ୟାଳୟ ସ୍ଥାନର ଅପବ୍ୟବହାର ନେଇ ପରିଚାଳନା କମିଟି ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛି । ଜଣେ ଦାତାଙ୍କ ପ୍ରଚେଷ୍ଟାରେ ବାଳିକା ଶିକ୍ଷାର ବିକାଶ ଲାଗି ବିଦ୍ୟାଳୟଟି ଗଢି ଉଠିଥିବା ବେଳେ ସେହି ବିଦ୍ୟାଳୟ ପରିସରରେ ୨ଟି ଅଂଗନୱାଡି କେନ୍ଦ୍ର ନିର୍ମାଣକୁ ବିରୋଧ କରାଯାଇଛି। ସେହିପରି ୨୦୧୬ ମସିହାରେ ବିଦ୍ୟାଳୟ ପରିସର ସ୍ଥାନରେ ଅନ୍ୟଏକ ଗୃହ ନିର୍ମାଣ (ଜବର ଦଖଲ) ହୋଇଥିବାରୁ ଏକ ମାମଲା ରୁଜୁ ହୋଇଥିଲା । ବିଦ୍ୟାଳୟ ସ୍ଥାନରେ ଅନ୍ୟଏକ ଅନୁଷ୍ଠାନ ପ୍ରତିଷ୍ଠା କରାନଯିବାକୁ ପରିଚାଳନା କମିଟି ଏକ ରିଜ୍ୟୁଲେସନ କରାଇ ପ୍ରଶାସନ ଓ ଜଳେଶ୍ୱର ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ।

# ଖାଦ୍ୟ ନିରାପତ୍ତା ବିଭାଗର ଧରପଗଡ଼

ଭଦ୍ରକ, ୨୩/୦୩ (ନି.ପ୍ର): ଭଦ୍ରକ ସହରର ବାଇପାସ ନିକଟ ବଜାରରେ ଫାଷ୍ଟ ଫୁଡ୍ ଦୋକାନ ମାନଙ୍କରେ ତା ୨୨-୦୩-୨୩ରିଖ ଦିନ ଖାଦ୍ୟ ନିରାପତ୍ତା ବିଭାଗ ଦ୍ୱାରା ଚଢ଼ଉ କରାଯାଇ ଜୋରିମାନା ଆଦାୟ କରାଯାଇଥିଲା । ଏହି ଧରପଗଡ଼ରେ ନିଷେଧ ଥିବା ଖାଦ୍ୟ ରଙ୍ଗ, କୃତ୍ରିମ ରଙ୍ଗ ଯୁକ୍ତ ଖାଦ୍ୟ, ଅବଧି ଅତିକ୍ରମ କରିଥିବା ବିସ୍କୁଟ, କେକ୍ ଆଦି ବେକରି ଉତ୍ପାଦ ଆଦି ସବୁକୁ ଜବତ କରାଯାଇ ନଷ୍ଟ କରି ଦିଆଯାଇଥିଲା । ୭ ଜଣ ଦୋକାନୀଙ୍କ ଠାରୁ ୨୪୦୦ଟଙ୍କା ଜୋରିମାନା ବାବଦ ଆଦାୟ କରାଯାଇଥିଲା । ଧରପଗଡ଼ ସମୟରେ ଖାଦ୍ୟ ନିରାପତ୍ତା ଆଇନ୍ ତଥା ଖାଦ୍ୟ ବିକ୍ରୟ ଦୋକାନ ପରିସରକୁ ପରିଷ୍କାର ଓ ସ୍ୱାସ୍ଥ୍ୟପ୍ରଦ ରଖାଯିବା ନେଇ ସଂପୃକ୍ତ ଦୋକାନୀମାନଙ୍କୁ ସଚେତନ କରାଯାଇଥିଲା । ଡ଼ି.ପି.ଏଚ୍.ଓ ତଥା ଡ଼େଜିଗ୍‌ନେଟେଡ଼୍ ଖାଦ୍ୟ ନିରାପତ୍ତା ଅଧିକାରୀ ଡ଼ା ଭାରତୀ ରାଉତ, ଖାଦ୍ୟ ନିରାପତ୍ତା ଅଧିକାରୀ ବିଭୁଦତ୍ତ ଦାସ ଏବଂ ବିଭାଗୀୟ କର୍ମଚାରୀ ବସନ୍ତ ବେହେରା, ସୁଶାନ୍ତ ନନ୍ଦ, ସନ୍ତୋଷ ଦାସ ପ୍ରମୁଖଙ୍କୁ ନେଇ ଏହି ଧରପଗଡ଼ ଦଳ ଗଠିତ ହୋଇଥିଲା। ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକଙ୍କ ଦ୍ୱାରା ଭଦ୍ରକ ଡ଼ି.ଆଇ.ପି.ଆର.ଓ କାର୍ଯ୍ୟାଳୟ ପରିଦର୍ଶନ ଓ ସମୀକ୍ଷା ।

# ଆଦର୍ଶ ଶିକ୍ଷକଙ୍କ ପରଲୋକ

ଜଳେଶ୍ୱର, ୨୩/୩(ନି.ପ୍ର): ଝାଡପିମ୍ପଳ ପଂଚାୟତର ଆକନା ଗାଁର ଅବସରପ୍ରାପ୍ତ ଆଦର୍ଶ ତଥା ଛାତ୍ରବତ୍ସଳ ଶିକ୍ଷକ ଓ ଗ୍ରାମ୍ୟ ବିଚାରକ ମାର୍କଣ୍ଡ ଚରଣ ଗିରି(୭୭)ଙ୍କ ଭୋର ୫ଟାରେ ମୃତ୍ୟୁ ହୋଇ ଯାଇଛି । ସେ ପାଳସାହି ହାଇସ୍କୁଲରେ ପ୍ରଧାନ ଶିକ୍ଷକଭାବେ କାର୍ଯ୍ୟକରି ବହୁ ମେଧାବୀ ଛାତ୍ର ସୃଷ୍ଟି କରିପାରିଥିଲେ । ସେ ବହୁଦିନ ଧରି ବହୁମୂତ୍ର ଓ ହୃଦ୍‌ରୋଗରେ ପୀଡିତ ଥାଇ ଚିକିତ୍ସିତ ହେଉଥିଲେ । ଆଜି ଭୋର ସେ ଅସୁସ୍ଥ ହେବାରୁ ତାଙ୍କୁ ଡାକ୍ତରଖାନା ନିଆଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ମୃତ୍ୟୁ ଶଯ୍ୟାନିକଟରେ ତାଙ୍କର ୪ ପୁତ୍ର, ୨ କନ୍ୟା ଜାମା, ନାତିନାତୁଣୀ ଉପସ୍ଥିତ ଥିଲେ । ଗାଁ ଶ୍ମଶାନରେ ସାନପୁଅ ରଜତ କୁମାର ଗିରି ମୁଖାଗ୍ନୀ ଦେଇଥିଲେ ।

# ବିଜେଡି ମହିଳା ସମାବେଶ ଅନୁଷ୍ଠିତ



ବାରିପଦା, ୨୩/୦୩ (ନି.ପ୍ର): ବାରିପଦାସ୍ଥିତ ବିଜୁଜନତା ଦଳ ଜିଲ୍ଲା କାର୍ଯ୍ୟାଳୟ ବିଜୁ ଭବନ ଠାରେ ବିଶ୍ୱ ମହିଳା ଦିବସ ଉପଲକ୍ଷେ ବାରିପଦା ନିର୍ବାଚନ ମଣ୍ଡଳୀ ସ୍ତରୀୟ ବିରାଟ୍ ମହିଳା ସମାବେଶ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ରାଜ୍ୟ ବିଜୁ ମହିଳା ଜନତା ଦଳର ସମ୍ପାଦିକା ତଥା ବିଜେଡି ମହିଳା ସଂଯୋଜିକା ଶ୍ରାବଣୀ ଦାସଙ୍କ ପୌରାହିତ୍ୟରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ବାରିପଦା ପୌରପରିଷଦର ଉପନଗରପାଳ ସୀମା ଦାସଙ୍କ ନେତୃତ୍ୱରେ ସମସ୍ତ ମହିଳା କାଉନ୍‌ସିଲର ରାଜ୍ୟ ସଙ୍ଗୀତ ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ। ଆଜିର ସଭାରେ ମୁଖ୍ୟଅତିଥି ଭାବେ ପୂର୍ବତନ ରାଜ୍ୟସଭା ସାଂସଦ ସରୋଜିନୀ ହେମ୍ବ୍ରମ୍ ତାଙ୍କ ଅଭିଭାଷଣରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ମହିଳାମାନଙ୍କ ପାଇଁ ଯେଉଁ ୩୩% ସଂରକ୍ଷଣ କରିଥିଲେ ତାହା ଆଜି ସାକାର ହୋଇଛି। ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମିଶନ ଶକ୍ତି ଦ୍ୱାରା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ବିଭିନ୍ନ କ୍ଷେତ୍ରରେ ସହଯୋଗ ଦେଇ ମହିଳାଙ୍କୁ ସ୍ୱାବଲମ୍ବୀ କରି ଆସୁଥିବାବେଳେ ମହିଳାଙ୍କୁ ସମ୍ମାନ, ସମାନତା ଓ ସଶକ୍ତକରଣ କରିବାକୁ ଷ, ବ୍ୟବସାୟ, ବିଭିନ୍ନ ବିଭାଗରେ ମହିଳାଙ୍କୁ ଅଗ୍ରାଧିକାର ଦେବା ଏକ ସ୍ୱାଗତ ଯୋଗ୍ୟ ପଦକ୍ଷେପ ବୋଲି ମତ ଦେଇଥିଲେ। ସଭା ମଧ୍ୟରେ ବିଜେଡି ରାଜ୍ୟ ସାଙ୍ଗଠନିକ ସମ୍ପାଦକ, ମୟୂରଭଞ୍ଜ ଜିଲ୍ଲା ପର୍ଯ୍ୟବେକ୍ଷକ ତଥା ବିଧାୟକ ପ୍ରଣବ ପ୍ରକାଶ ଦାସ ଆଭାସୀ ଜରିଆରେ ସମସ୍ତ ମହିଳା କର୍ମକର୍ତ୍ତାଙ୍କୁ ଉଦ୍‌ବୋଧନ ଦେଇଥିଲେ। ଅନ୍ୟତମ ସମ୍ମାନୀତ ଅତିଥି ଭାବେ ଜିଲ୍ଲାପରିଷଦର ଅଧକ୍ଷ ଭାରତୀ ହାଁସଦା, ବିଜୁ ମହିଳା ଜନତା ଦଳର ସଭାନେତ୍ରୀ ଦୀପ୍ତିଲତା ମିଶ୍ର, ସଂଯୋଜିକା ଉର୍ମିଳତା ଦାସ, ରାଜ୍ୟ ମହିଳା ଏବଂ ଶିଶୁ ବିକାଶ କମିଶନ ର ସଦସ୍ୟ ଛବି ମାହାଲି ତାଙ୍କ ଅଭିଭାଷଣରେ ମିଶନ ଶକ୍ତି ଆଜି ଓଡିଶାରେ ୭୦ ଲକ୍ଷରୁ ଅଧିକ ମହିଳାଙ୍କ ଜୀବନରେ ଅଭୁତପୂର୍ବ ପରିବର୍ତ୍ତନ ଆଣିପାରିଛି। ମହିଳାମାନଙ୍କୁ ୬ଲକ୍ଷରୁ ଅଧିକ ସ୍ୱୟଂ ସହାୟକ ଗୋଷ୍ଠୀରେ ସଙ୍ଗଠିତ କରି ରୋଜଗାର ଭିତ୍ତିକ କାର୍ଯ୍ୟକ୍ରମ ଏବଂ ବିଭିନ୍ନ ସରକାରୀ ଯୋଜନାରେ ସଂପୃକ୍ତ ହୋଇପାରିଛନ୍ତି। ସେମାନଙ୍କୁ ନିରନ୍ତର ଆର୍ଥିକ ସହାୟତା, ଦକ୍ଷତା ବିକାଶ ର ତାଲିମ ଏବଂ ନୂତନ ଜୀବିକାର ରାହା ଦେଖାଇ ପ୍ରତ୍ୟେକ ମହିଳାଙ୍କ ମଧ୍ୟରେ ଆତ୍ମବିଶ୍ୱାସ ଭରିଛନ୍ତି।

# ଟ୍ରକ ସହିତ ଟ୍ରକ ମୁହାଁମୁହିଁ ଧକ୍କା, ୪ ଗୁରୁତର



ବସ୍ତା, ୨୩/୦୩ (ନି.ପ୍ର): ବସ୍ତା ଥାନା ୬୦ ନମ୍ବର ଜାତୀୟ ରାଜପଥରେ ଗୁରୁବାର ସକାଳ ୮ ଟା ସମୟରେ ଜୁଣବଳଦା ଛକ ନିକଟରେ ଟ୍ରକ ସହିତ ଟ୍ରକ ମୁହାଁମୁହିଁ ଧକ୍କା ୪ ଗୁରୁତର । ତେବେ ଉକ୍ତ ଟ୍ରକ ନମ୍ବର ଏପି୧୬ଟିଜେ୬୭୯୫ ବିଶିଷ୍ଟ ବାଲେଶ୍ୱର ବାହାରି ଜଳେଶ୍ୱର ଅଭିମୁଖେ ଯାଉଥିବା ବେଳେ ସାମ୍ନା ପଟୁ ରଙ୍ଗ ରୋଡ଼୍ ରେ ଆସୁଥିବା ଟ୍ରକ ନମ୍ବର ଡବ୍ଲ୍ୟୁବି୩୩ଏ୭୬୭୨ । ଉକ୍ତ ଟ୍ରକ କୁ ଧକ୍କା ଦେଇଥିଲା । ଫଳରେ ୪ ଗୁରୁତର ହୋଇଥିବା ବେଳେ ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେଥିବା ଲୋକଙ୍କୁ ଉଦ୍ଧାର କରି ଜାତୀୟ ରାଜପଥ ଆମ୍ବୁଲାନ୍ସ ସାହାଯ୍ୟରେ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୁ ପଠାଇଥିଲେ। ଖବର ପାଇ ଜାତୀୟ ରାଜପଥ ପେଟ୍ରୋଲିଙ୍ଗ ପୋଲିସ ଓ ଅମର୍ଦ୍ଦାରୋଡ଼୍ ଫାଣ୍ଡି ଅଧିକାରୀ ପହଞ୍ଚି ତଦନ୍ତ କରୁଥିବାର ଦେଖିବାକୁ ମିଳିଛି । ତେବେ ଦୁର୍ଘଟଣା ରେ ଶିକାରହୋଇଥିବା ବ୍ୟକ୍ତିଙ୍କର ପରିଚୟ ମିଳିପାରିନାହିଁ ।

# ୟୁଡିଆଇଏସଇ ପ୍ଲସ୍‌ର ବିଶ୍ୱସନୀୟତା ଏବଂ ଓଡ଼ିଶାରେ ଉଚ୍ଚ ପ୍ରାଥମିକ ଓ ମାଧ୍ୟମିକ ସ୍ତରରେ ପିଲାମାନଙ୍କର ସ୍କୁଲ ପାଠପଢ଼ା ଛାଡ଼ିବାର ଉଚ୍ଚ ହାର ସମ୍ପର୍କରେ ସ୍ପଷ୍ଟୀକରଣ

ଭୁବନେଶ୍ୱର, ୨୩/୦୩ (ନି.ପ୍ର): କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ୟୁଡିଆଇଏସଇ ପ୍ଲସର ବିଶ୍ୱସନୀୟତା ଏବଂ ଓଡ଼ିଶାରେ ଉଚ୍ଚ ପ୍ରାଥମିକ ଓ ମାଧ୍ୟମିକ ସ୍ତରରେ ପିଲାମାନଙ୍କର ସ୍କୁଲ ପାଠପଢ଼ା ଛାଡ଼ିବାର ଉଚ୍ଚ ହାର ସମ୍ପର୍କରେ ସ୍ପଷ୍ଟୀକରଣ ଦିଆଯାଇଛି । ଗଣମାଧ୍ୟମରେ ପ୍ରକାଶ ପାଇଥିବା ଖବରରୁ ଶିକ୍ଷା ମନ୍ତ୍ରଣାଳୟର ଦୃଷ୍ଟିକୁ ଆସିଛି ଯେ, ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିକଟରେ ରାଜ୍ୟ ବିଧାନସଭାରେ ଓଡ଼ିଶାର ପିଲାମାନଙ୍କର ସ୍କୁଲ ଡ୍ରପ୍‌ଆଉଟ୍ ବା ପାଠପଢ଼ା ଛାଡ଼ିବାର ଉଚ୍ଚ ହାର ସମ୍ପର୍କରେ ବିବୃତି ରଖିଥିଲେ । ଏଥିରେ ସେ ଓଡ଼ିଶାରେ ୨୭.୩% ସ୍କୁଲ ଡ୍ରପଆଉଟ୍ ହାରକୁ ଖଣ୍ଡନ କରିବା ସହିତ ୟୁଡିଆଇଏସଇ ପ୍ଲସ ରିପୋର୍ଟ ଭରସାଯୋଗ୍ୟ ଏବଂ ବିଶ୍ୱସନୀୟ ନୁହେଁ ବୋଲି ଦର୍ଶାଇଥିଲେ। ମନ୍ତ୍ରଣାଳୟ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ, ଶିକ୍ଷା ପାଇଁ ଏକୀକୃତ ଜିଲ୍ଲା ସୂଚନା ପ୍ରଣାଳୀ ବା ୟୁନିଫାଏଡ୍ ଡିଷ୍ଟ୍ରିକ୍ଟ ଇନଫର୍ମେସନ ସିଷ୍ଟମ ଫର ଏଜୁକେସନ ପ୍ଲସ (ୟୁଡିଆଇଏସଇ ପ୍ଲସ) ତଥ୍ୟ କେବଳ ଭରସାଯୋଗ୍ୟ ନୁହେଁ ବରଂ ଦେଶରେ ବିଦ୍ୟାଳୟ ଶିକ୍ଷା କ୍ଷେତ୍ରରେ ଏକମାତ୍ର ସର୍ବଭାରତୀୟ ଓ ସବୁଠୁ ବିଶ୍ୱସନୀୟ ଡେଟାବେସ । ୟୁଡିଆଇଏସଇ ପ୍ଲସ ହେଉଛି ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ଅଧୀନ ବିଦ୍ୟାଳୟ ଶିକ୍ଷା ଓ ସାକ୍ଷରତା ବିଭାଗ ଦ୍ୱାରା ଆରମ୍ଭ କରାଯାଇଥିବା ଅନ୍ୟତମ ସର୍ବବୃହତ ସୂଚନା ପରିଚାଳନା ବ୍ୟବସ୍ଥା । ଏହି ଡେଟାବେସରେ ୧୪.୮୯ ଲକ୍ଷରୁ ଅଧିକ ବିଦ୍ୟାଳୟ, ୯୫ ଲକ୍ଷ ଶିକ୍ଷକଶିକ୍ଷୟିତ୍ରୀ ଏବଂ ୨୬ କୋଟି ୫୦ ଲକ୍ଷ ଛାତ୍ରଛାତ୍ରୀଙ୍କୁ ସାମିଲ କରାଯାଇଛି । ଏଠାରେ ସୂଚନାଯୋଗ୍ୟ ଯେ, ସବୁ ରାଜ୍ୟରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକମାନେ ତଥ୍ୟ ସଂକଳନ ପ୍ରସ୍ତୁତ କରିଥାନ୍ତି ଏବଂ ଏହା ବ୍ଲକ/କ୍ଲଷ୍ଟରସ୍ତରୀୟ, ଜିଲ୍ଲାସ୍ତରୀୟ ଓ ରାଜ୍ୟସ୍ତରୀୟ, ଏହିପରି ତ୍ରିସ୍ତରୀୟ ପ୍ରାମାଣିକରଣ/ଯାଞ୍ଚ ପ୍ରକ୍ରିୟା ଦେଇ ଗତି କରିଥାଏ। ଶେଷରେ ରାଜ୍ୟ ସ୍ତରରେ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ (ଏସପିଡି)ଙ୍କ ଦ୍ୱାରା ଏହି ତଥ୍ୟକୁ ଚୁଡ଼ାନ୍ତ ପ୍ରମାଣିତ କରାଯାଇଥାଏ। ସମ୍ପୃକ୍ତ ରାଜ୍ୟର ଏସପିଡିଙ୍କ ଦ୍ୱାରା ଥରେ ପ୍ରମାଣିତ ହେବା ପରେ ଏହି ତଥ୍ୟକୁ ରାଜ୍ୟ ଦ୍ୱାରା ଅନୁମୋଦିତ ହେଲା ବୋଲି ଧରାଯାଏ। ତେଣୁ, ସମ୍ପୃକ୍ତ ରାଜ୍ୟ ଦ୍ୱାରା ହିଁ ନିଜ ଆଡୁ ୟୁଡିଆଇଏସଇ+ ପୋର୍ଟାଲରେ ତଥ୍ୟ ପ୍ରଦାନ କରାଯାଇଛି । ଦେଶରେ ସ୍କୁଲ ଶିକ୍ଷା କ୍ଷେତ୍ରରେ 'ଏକ ରାଷ୍ଟ୍ର ଏକ ଡେଟା ବେସ' ଭାବେ ୟୁଡିଆଇଏସଇ+ କାର୍ଯ୍ୟ କରିଥାଏ। ଦେଶରେ ଥିବା ସବୁ ମାନ୍ୟତାପ୍ରାପ୍ତ ବିଦ୍ୟାଳୟରେ ବିଦ୍ୟାଳୟ, ଶିକ୍ଷକଶିକ୍ଷୟିତ୍ରୀ, ନାମଲେଖା, ଭିତ୍ତିଭୂମି ସଂକ୍ରାନ୍ତରେ ତଥ୍ୟ ରେକର୍ଡ କରିବା ଲାଗି ଶିକ୍ଷା ମନ୍ତ୍ରଣାଳୟ ଅଧୀନ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ୟୁଡିଆଇଏସଇ ପ୍ଲସ ଅନଲାଇନ ପୋର୍ଟାଲ ପ୍ରସ୍ତୁତ କରାଯାଇଛି । ୟୁଡିଆଇଏସଇ ପ୍ଲସରେ ତଥ୍ୟ ସଂଗ୍ରହ ଢାଞ୍ଚା ବା ଡେଟା କେପ୍ଚର ଫର୍ମାଟ (ଡିସିଏଫ) ଜରିଆରେ ବିଦ୍ୟାଳୟ ୱାରୀ ତଥ୍ୟ ସଂଗ୍ରହ କରାଯାଇଥାଏ। ସବୁ ବିଦ୍ୟାଳୟକୁ ଲଗ ଇନ୍ ଆଇଡି ଓ ପାସୱର୍ଡ ଦିଆଯାଇଛି ଯାହାଫଳରେ ସମ୍ପୃକ୍ତ ବିଦ୍ୟାଳୟ ନିଜେ ସଂକଳିତ କରିଥିବା ତଥ୍ୟକୁ ଅନଲାଇନ ମାଧ୍ୟମରେ ଅପଲୋଡ୍ କରିପାରିବେ । ୟୁଡିଆଇଏସଇ ପ୍ଲସ ୨୦୨୦-୨୧ର ତଥ୍ୟ ଅନୁଯାୟୀ, ଓଡ଼ିଶାରେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସ୍ତରରେ ମୋଟ୍ ୨୧.୪୨ ଲକ୍ଷ ଛାତ୍ରଛାତ୍ରୀ ଥିବା ବେଳେ ମାଧ୍ୟମିକ ସ୍ତରରେ ୧୩.୨୫ ଲକ୍ଷ ଛାତ୍ରଛାତ୍ରୀ ଥିଲେ । ଅନୁରୂପ ଭାବେ ୨୦୨୧-୨୨ରେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସ୍ତରରେ ମୋଟ୍ ୨୦.୭୨ ଲକ୍ଷ ଛାତ୍ରଛାତ୍ରୀ ଏବଂ ମାଧ୍ୟମିକ ସ୍ତରରେ ୧୨.୪୬ ଲକ୍ଷ ଛାତ୍ରଛାତ୍ରୀ ଥିଲେ । ତେଣୁ ଓଡ଼ିଶାରେ ଉଭୟ ସ୍ତରରେ ଛାତ୍ରଛାତ୍ରୀଙ୍କ ନାମଲେଖା ହ୍ରାସ ପାଇଥିବା ସ୍ପଷ୍ଟ ଭାବେ ଦେଖିବାକୁ ମିଳିଛି ।

# ସହୀଦ ଭଗତ ସିଂଙ୍କ ବଳିଦାନ ଦିବସ ଅବସରରେ ଆଲୋଚନା ଦିବସ ଅନୁଷ୍ଠିତ




ନୀଳଗିରି, ୨୩/୦୩ (ନି.ପ୍ର): ସହୀଦ ଭଗତ ସିଂଙ୍କ ବଳିଦାନ ଦିବସ ଅବସରରେ ଏକ ଆଲୋଚନା ଚକ୍ର ଏନ.ଏ.ସି. କଲ୍ୟାଣମଣ୍ଡପ ପରିସରରେ ଏସ.ଏଫ.ଆଇ. ଓ ଡି.ୱାଇ.ଏଫ.ଆଇ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି । ମାର୍ଚ୍ଚ ୨୩ ତାରିଖରେ ସହୀଦ ଭଗତ ସିଂଙ୍କୁ ଫାଶି ଖୁଂଟରେ ଝୁଲାଇ ଦିଆଯାଇଥିଲା। ପ୍ରତିବର୍ଷ ମାର୍ଚ୍ଚ ୨୩ ତାରିଖକୁ ଭଗତ ସିଂଙ୍କ ବଳିଦାନ ଦିବସ ପାଳନ କରାଯାଇଆସୁଅଛି । ଯୁବନେତା ବିଜୟ ପାତ୍ରଙ୍କ ସଭାପତିତ୍ୱରେ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିବା ବେଳେ ନୀଳଗିରିର ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା, ବରିଷ୍ଠ ସାମ୍ବାଦିକ ରବି ରାଉତ, କୃଷକ ନେତା ସୀତାଂଶୁ ସେନାପତି, ଯୋଗାନନ୍ଦ ଦାସ, ବରିଷ୍ଠ ଆଇନଜୀବୀ ଅଜୟ ପଟ୍ଟନାୟକ ଭଗତ ସିଂଙ୍କ ଜୀବନ କାହାଣୀ ଉପରେ ଆଲୋକପାତ କରିଥିଲେ । ବର୍ତମାନ ଦେଶର ପରିସ୍ଥିତିରେ ସହୀଦ ଭଗତ ସିଂ ଙ୍କ କଥା ସମସ୍ତେ ମନେ ପକାଇବା ଉଚିତ । ୨୩ ବର୍ଷ ବୟସରେ ଭଗତ ସିଂ ଦେଶର ସୁରକ୍ଷା ଚିନ୍ତା କରି ବ୍ରିଟିଶ ବିରୋଧରେ ଲଢ଼େଇ କରି ଫାଶି ଖୁଂଟରେ ହସି ହସି ବଳିଦାନ ଦେଇଥିଲେ । ଭଗତ ସିଂ ଜଣେ ସାମ୍ବାଦିକ ଭାବେ ବେଶ ସୁନାମ ଅର୍ଜନ କରି ଥିବା ବେଳେ ଦେଶମାତୃକା ପ୍ରତି ତାଙ୍କର ଅହେତୁକ ଅବଦାନ ବୋଲି ପ୍ରଦୀପ୍ତ ପଣ୍ଡା ଆଲୋଚନାରେ ସୂଚନା ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଦିବାକର ରାଉତ, ଗଙ୍ଗାଧର ମହାନ୍ତି, ଅନାଦି ବେହେରା, ପୁରଷ୍ତମ ମୁଦୁଲି, ହେମେନ୍ଦ୍ର ସେଠୀ, ନୀଳମାଧବ ସିଂ, ମିତାରାଣୀ ପରିଛା, ତ୍ରିଲୋଚନ ସ, ଦିବାକର ସ, ପିତାମ୍ବର ମଡୁଆଳ , ଭାସ୍କର ମହାରଣା, ମନୋରଂଜନ ପାତ୍ର ପ୍ରମୁଖ ସହୀଦ ଭଗତ ସିଂଙ୍କ ବଳିଦାନ ଦିବସ ଅବସରରେ ଆଲୋଚନା କରିଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo